R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୦୯
ତିଥି : ଚତୁର୍ଥୀ
୨୨ ଜାନୁଆରୀ ୨୦୨୬, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 109
22 January 2026, Thursday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




# କର୍ଣ୍ଣାଟକ ବିଧାନସଭାକୁ ସମ୍ବୋଧିତ କରିବେନି ରାଜ୍ୟପାଳ !



ନୂଆଦିଲ୍ଲୀ, ୨୧।୧ : ଅଣ ବିଜେପି ଶାସିତ ରାଜ୍ୟରେ ରାଜ୍ୟପାଳ ଓ ସରକାରଙ୍କ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ଗତକାଲି ତାମିଲନାଡୁ ବିଧାନସଭାରେ ମିଳିତ ଅଧିବେଶନରେ ଅଭିଭାଷଣ ନଦେଇ ତାମିଲନାଡୁ ରାଜ୍ୟପାଳ ଆର୍‌ଏନ୍ ରବି ଚାଲିଯାଇଥିଲେ। ଏବେ କର୍ଣ୍ଣାଟକ ରାଜ୍ୟପାଳ ଥାଵର ଚନ୍ଦ ଗେହେଲଟ କର୍ଣ୍ଣାଟକ ବିଧାନସଭାର ଯୁଗ୍ମ ଅଧିବେଶନକୁ ଅଭିଭାଷଣ ଦେବେ ନାହିଁ ବୋଲି କହିଛନ୍ତି। ଆସନ୍ତା ୨୨ରେ ଏହି ଅଧିବେଶନ ଆରମ୍ଭ ହେବ।

କର୍ଣ୍ଣାଟକର କଂଗ୍ରେସ ସରକାର ଓ ରାଜଭବନ ମଧ୍ୟରେ ତିକ୍ତତା ବଢ଼ିଚାଲିଛି। ଉଭୟଙ୍କ ମଧ୍ୟରେ କେତେକ ପ୍ରସଙ୍ଗରେ ଅସଂଗତି ଦେଖାଦେଇଛି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସରକାରଙ୍କ ଦ୍ୱାରା ମିଳିତ ଅଧିବେଶନରେ ଦିଆଯିବାକୁ ଥିବା ରାଜ୍ୟପାଳଙ୍କ ଅଭିଭାଷଣର କେତେକ ଅଂଶ ଉପରେ ରାଜ୍ୟପାଳ ଆପତ୍ତି ଉଠାଇଛନ୍ତି। ସାମ୍ବିଧାନିକ ପରମ୍ପରା ଅନୁଯାୟୀ ବର୍ଷର ପ୍ରଥମ ଅଧିବେଶନକୁ ରାଜ୍ୟପାଳ ସମ୍ବୋଧିତ କରିଥାନ୍ତି। ତେବେ ରାଜ୍ୟପାଳ ଅଭିଭାଷଣ ଦେବେ କି ନାହିଁ ଏନେଇ ସରକାର କିମ୍ବା ରାଜଭବନ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। ଆଇନ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଏଚ୍‌କେ ପାଟିଲଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆଜି ସନ୍ଧ୍ୟାରେ ଲୋକଭବନରେ ରାଜ୍ୟପାଳଙ୍କୁ ଭେଟିବାର କାର୍ଯ୍ୟକ୍ରମ ଥିଲା। ଗତକାଲି ଅନୁରୂପ ଢଙ୍ଗରେ ତାମିଲନାଡୁ ରାଜ୍ୟପାଳ ଆର୍‌ଏନ୍ ରବି ବିଧାନସଭାରୁ ଚାଲିଯାଇଥିଲେ। ଶ୍ରୀ ରବି ଅଭିଯୋଗ କରିଥିଲେ ଯେ ରାଜ୍ୟ ସରକାର ଜାଣିଶୁଣି (୯ ପୃଷ୍ଠାରେ)

## ଥର୍ ଆତଙ୍କ

# ୩ ଦୁର୍ଘଟଣା, ୪ ମୃତ

ଭୁବନେଶ୍ୱର, ୨୧।୧ (ସବ୍ୟୁ) : ରାଜଧାନୀରେ ଗତ କିଛିଦିନ ହେବ ଥର୍ ଗାଡି ଚାଳକମାନେ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟାଇ ଆତଙ୍କ ସୃଷ୍ଟି କରୁଛନ୍ତି। ୨୪ଘଣ୍ଟା ମଧ୍ୟରେ ଥର୍ ଗାଡି ଦ୍ୱାରା ତିନୋଟି ଦୁର୍ଘଟଣା ଘଟିବାରୁ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି । ବୁଧବାର ରାତିରେ ଗଙ୍ଗପଡା ଛକ ନିକଟରେ କଣ୍ଟେନର ପଛକୁ ଏକ ଥର୍ ଗାଡ଼ି ଦ୍ରୁତଗତିରେ ଆସି ଧକ୍କା ଦେବାରୁ ଗାଡ଼ିରେ ଥିବା ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ଜାଣିବା ପାଇଁ ପୋଲିସ ଗାଡ଼ି ନମ୍ବର ଓ ମୋବାଇଲ ନମ୍ବରକୁ ଯାଞ୍ଚ କରୁଛି ।

ମଙ୍ଗଳବାର ରାତିରେ କ୍ୟାପିଟାଲ ହସ୍ପିଟାଲ ଛକରେ ବୁଲେଟରେ ଯାଉଥିବା ତିନିଜଣ ଯୁବକଙ୍କୁ ଏକ ଥର୍ ଗାଡି ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଉ ଦୁଇଜଣ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ପୋଲିସ (୯ ପୃଷ୍ଠାରେ)

## ତିନିଦିନିଆ ମତ୍ସ୍ୟ-ପ୍ରାଣୀ ସମାବେଶ, ଓଡ଼ିଶା- ୨୦୨୬ ଉଦ୍‌ଘାଟନ

# ଗୋ'ମାତା ଚୋରା ଚାଲାଣରୁ ନିବୃତ୍ତ ନ ରହିଲେ କାର୍ଯ୍ୟାନୁଷ୍ଠାନ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୧।୧ (ସବ୍ୟୁ) : ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ ଆମ ସରକାର ଆସିବା ମାତ୍ରେ ପ୍ରଥମ ବଜେଟ୍‌ରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ଶୁଭାରମ୍ଭ କରିଥିଲେ । ଏହି ଯୋଜନା ଆମ ରାଜ୍ୟ ପାଇଁ ଏକ ଐତିହାସିକ ଯୋଜନା ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତ୍ସ୍ୟ-ପ୍ରାଣୀ ସମାବେଶ, ଓଡ଼ିଶା- ୨୦୨୬ ଉଦ୍‌ଘାଟନ ଅବସରରେ କହିଛନ୍ତି ।

ଭୁବନେଶ୍ୱର ଜନତା ମୈଦାନ ଠାରେ ଆୟୋଜିତ ଏହି ତିନି ଦିନିଆ ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ରାଜ୍ୟର ଚାଷୀମାନଙ୍କ ମଧ୍ୟରୁ ପ୍ରାୟ ୯୨ ପ୍ରତିଶତ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ । ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଆଗାମୀ ଦିନରେ ଜମି ହୋଲ୍‌ଡିଂ ଆହୁରି କମିଯିବ । ତେଣୁ କୃଷି ସହିତ ମାଛ ଚାଷ, ଗୋ-ପାଳନ, ପ୍ରାଣୀ ପାଳନ କରିବା ଉଚିତ। ଏଥିପାଇଁ ସରକାରଙ୍କ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ ଆରମ୍ଭ କରାଯାଇଛି ।


ସେ କହିଥିଲେ ଆମ ସରକାର ୧୪୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରିଛନ୍ତି । ବିଗତ ଦେଢ଼ ବର୍ଷ ଭିତରେ ପୂର୍ବ ତୁଳନାରେ ରାଜ୍ୟରେ ୧.୩୫ ଲକ୍ଷ ଲିଟର ଅଧିକ ଦୁଗ୍ଧ ଉତ୍ପାଦନ ହେଉଛି। ଏହି ପରିମାଣକୁ ଆହୁରି ବୃଦ୍ଧି କରିବା ପାଇଁ ଆମେ ପ୍ରତିବଦ୍ଧତା ସହ କାମ କରୁଛୁ ।

ସେ ପୁଣି କହିଥିଲେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଚାଷୀମାନଙ୍କୁ ୭୦ ପ୍ରତିଶତ ପର୍ଯ୍ୟନ୍ତ (୯ ପୃଷ୍ଠାରେ)



# ଆପେଣ୍ଡିକ୍ସ

ଆପେଣ୍ଡିକ୍ସ ଆମ ପେଟର ଡାହାଣ ପାର୍ଶ୍ୱର ତଳ ଭାଗରେ ଥିବା ଏକ ଛୋଟ, ପତଳା ନଳୀ ପରି ଅଙ୍ଗ । ଯାହା ବୃହଦନ୍ତ୍ର ସହିତ ଜଡ଼ିତ ଥାଏ । ଯେତେବେଳେ ସଂକ୍ରମଣ କାରଣରୁ ଏହା ଫୁଲିବାକୁ ଲାଗିଥାଏ,



ତାହାକୁ 'ଆପେଣ୍ଡିସାଇଟିସ୍' କୁହାଯାଏ। ଏହି ପରିସ୍ଥିତିର ଜରୁରୀ କାଳୀନ ଚିକିତ୍ସାର ଆବଶ୍ୟକତା ପଡିଥାଏ ।

**କାରଣ-** ଏହା ହେବାର ମୁଖ୍ୟ କାରଣ ହେଉଛି ନଳୀରେ କୌଣସି ପ୍ରକାରର ବାଧା ସୃଷ୍ଟି ହେବା । ଏହାର କିଛି ପ୍ରମୁଖ କାରଣ ରହିଛି ଯେଉଁ କାରଣରୁ ଏହା ହେବାର ସମ୍ଭାବନା ଅଧିକ ବଢିଯାଇଥାଏ । ଶକ୍ତ ମଳ ବା ମଳ ଜମାଟ ବାନ୍ଧି ଆପେଣ୍ଡିକ୍ସର ଦ୍ୱାର ବନ୍ଦ କରିଦେଲେ ସଂକ୍ରମଣ ହୋଇଥାଏ । ଏହାସହ ପେଟରେ ଜୀବାଣୁ , ଭୂତାଣୁ କିମ୍ବା ପରଜୀବୀଙ୍କ ସଂକ୍ରମଣ କାରଣରୁ ଏହା ଫୁଲିଯାଇପାରେ । ସେହିଭଳି ପାଚନ ପ୍ରକ୍ରିୟାରେ ସାହାଯ୍ୟ କରୁଥିବା ଲିମ୍ଫ୍ ଟିସୁ ଫୁଲିଯିବା ଦ୍ୱାରା ମଧ୍ୟ ଏହି ସମସ୍ୟା ହୋଇପାରେ । ଏହାର ଅନ୍ୟାନ କାରଣ ମଧ୍ୟ ରହିଛି ।

**ଲକ୍ଷଣ** - ନାଭି ପାଖରୁ ଯନ୍ତ୍ରଣା ଆରମ୍ଭ ହୋଇ ପେଟର ଡାହାଣ ପାର୍ଶ୍ୱର ତଳ ଭାଗରେ ଅଧିକ ମାତ୍ରାରେ ଯନ୍ତ୍ରଣା ହେବା । କାଶିଲେ, ଚାଲିଲେ କିମ୍ବା ଶରୀର ହଲଚଲ କଲେ ଅଧିକ ଯନ୍ତ୍ରଣା ହେବା । ବାନ୍ତି ଲାଗିବା କିମ୍ବା ବାରମ୍ବାର ବାନ୍ତି ହେବା । ଭୋକ ନଲାଗିବା ଏବଂ ସାମାନ୍ୟ ଜ୍ୱର ହେବା । ପେଟ ଫୁଲିବା କିମ୍ବା କୋଷ୍ଠକାଠିନ୍ୟ ଦେଖାଦେବା ।

**ସାବଧାନତା** - ଯଦିଓ ଆପେଣ୍ଡିସାଇଟିସ୍‌କୁ ସମ୍ପୂର୍ଣ୍ଣ ରୂପେ ରୋକିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଉପାୟ ନାହିଁ, ତଥାପି କିଛି ଜୀବନଶୈଳୀ ପରିବର୍ତ୍ତନ ଦ୍ୱାରା ଏହାର ଆଶଙ୍କା କମାଯାଇପାରେ । ଉଚ୍ଚ ଫାଇବର ଯୁକ୍ତ ଖାଦ୍ୟ ଏଥିପାଇଁ ଖୁବ ଲାଭଦାୟକ ହୋଇଥାଏ । ନିଜ ଖାଦ୍ୟରେ ଅଧିକ ପରିମାଣର ଶାଗ, ପନିପରିବା ଏବଂ ଫଳ ସାମିଲ କରନ୍ତୁ । ଦିନକୁ ଅତିକମରେ ୮-୧୦ ଗ୍ଲାସ ପାଣି ପିଅନ୍ତୁ, ଯାହା ପାଚନ ପ୍ରକ୍ରିୟାକୁ ସହଜ କରିଥାଏ । ପେଟ ସଫା ରଖିବାକୁ ଚେଷ୍ଟା କରନ୍ତୁ, ଯାହାଫଳରେ ଆପେଣ୍ଡିକ୍ସ ନଳୀରେ ମଳ ଜମା ହେବ ନାହିଁ ଏବଂ ସଂକ୍ରମଣ ହେବା ନାହିଁ । ଖାଦ୍ୟରେ ଓଟସ୍, ବ୍ରାଉନ୍ ରାଇସ୍ ଏବଂ ଗହମ ଜାତୀୟ ଖାଦ୍ୟ ସାମିଲ କରନ୍ତୁ । ତେବେ ଯଦି ଆପଣଙ୍କର ପେଟର ଡାହାଣ ପାର୍ଶ୍ୱରେ ପ୍ରବଳ ଯନ୍ତ୍ରଣା ହେଉଛି, ତେବେ ବିଳମ୍ବ ନକରି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

# ସୋସିଆଲ କୋଟ୍ସ

ନେପୋଟିଜିମ୍ ସବୁ ବ୍ୟବସାୟରେ ରହିଛି। ବାପା ସବୁବେଳେ ନିଜ ସ୍ଥାନରେ ପୁଅକୁ ବସାଇଥାଏ । କାରଣ ସେ ଚାହେଁ ତା ବ୍ୟବସାୟ ପୁଅ ବୁଝୁ ।



**ରାହୁଲ ସିଂ, ଅଭିନେତା**



ରାମ ତେରୀ ଗଙ୍ଗା ମିଲି ଫିଲ୍ମ ଯଦି ମିଳିଥାଆନ୍ତା ତେବେ ସୀତା ଭୂମିକାରେ ଅଭିନୟ କରି ପାରି ନଥାନ୍ତି । ସେଥିପାଇଁ ଅବଶୋଷ ନାହିଁ।

**ଦୀପିକା ଚିଖଲିଆ, ଅଭିନେତ୍ରୀ**

ଏଭଳି କିଛି ଚରିତ୍ରରେ ଅଭିନୟ କରିଛି, ଯାହା କେବେ କରିବାକୁ ଇଚ୍ଛା ନଥିଲା । ସେହିଭଳି ଚରିତ୍ର ଦର୍ଶକଙ୍କ ପାଖେ କେବେ ନ ପହଞ୍ଚୁ ବୋଲି ମଧ୍ୟ ମନରେ ଇଚ୍ଛା ରହିଥାଏ ।



**ନୀନା ଗୁପ୍ତା, ଅଭିନେତ୍ରୀ**

# ୧୦ କୋଟିର କବର

ଫିଲିଫିନ୍ସର ମନିଲାରେ ଦୁନିଆର ସବୁଠାରୁ ବଡ କବରସ୍ଥାନ ତିଆରି ହୋଇଛି । ଏହାର ମୂଲ୍ୟ ପାଖାପାଖି ୧୦ କୋଟି ରହିଛି। କବରସ୍ଥାନର ନାଁ ରଖାଯାଇଛି ମନିଲା ଚାଇନିଜ ସେମେଟ୍ରି, ଯାହା ଏକ ଛୋଟ ସହର ଭଳି ଦେଖାଯାଉଛି । ଏଠାରେ ଥିବା ସବୁ କବରର ମୂଲ୍ୟ ୧୦ କୋଟିରୁ ଅଧିକ । ଗୋଟିଏ ଗୋଟିଏ କବର ଛୋଟ ସହର ଭଳି ଦେଖିବାକୁ। ଏଥିରେ ବିଜୁଳି, ପାଣି, ରୋଷେଇଘର, ଟଏଲେଟ, ଏସି, ଫ୍ରିଜ, ଖଟ ଓ ସୋଫା ଭଳି ଆସବାବ ଯୋଗାଇ ଦିଆଯାଇଛି। ଯେଉଁକାରଣରୁ ଏହାର ମୂଲ୍ୟ ୧୦ କୋଟିର ଅଧିକ ହୋଇଛି। ଏହା ଫିଲିଫିନ୍ସର ସବୁଠାରୁ ପୁରୁଣା କବରସ୍ଥାନ । ଏହାର ନିର୍ମାଣ ୧୮୫୦ ମସିହାରେ ହୋଇଥିଲା । ତେବେ ଏଠାରେ ମାନତ୍ୟା ରହିଛି କି ଲୋକଙ୍କୁ ମୃତ୍ୟୁପରେ ଯେପରି କୌଣସି



ସମସ୍ୟାର ସମ୍ମୁଖୀନ ହେବାକୁ ନପଡେ ସେଥିପାଇଁ ଏ ସମସ୍ତ ବ୍ୟବସ୍ଥା କରାଯାଇଥାଏ । ଏପରିକି ଏକ ପର୍ବରେ ସେଠାରେ ଜୀବନ୍ତ ଲୋକ ମଧ୍ୟ ବସବାସ କରନ୍ତି ।

# କାଚ ବର୍ଷା ହେଉଥିବା ଗ୍ରହ

ନିକଟରେ ନାସାକୁ ଏକ ଗ୍ରହର ସନ୍ଧାନ ମିଳିଛି ଯାହା ଦେଖିବାକୁ ଅବିକଳ ପୃଥିବୀ ଭଳି। ଏହି ଗ୍ରହର ନାଁ ସେମାନେ ରଖିଛନ୍ତି ଏଚଡି ୧୮୯୭୩୩ବି । ତେବେ ଏହି ଗ୍ରହକୁ ନେଇ ବୈଜ୍ଞାନିକମାନେ ଏକ ନୂଆ ତଥ୍ୟ ମଧ୍ୟ ପ୍ରଦାନ



କାଚ ବର୍ଷା ହେଉଥିବା ଗ୍ରହ

କରିଛନ୍ତି । ଟେଲିସ୍କୋପ ସାହାଯ୍ୟରେ ମିଳିଥିବା ତଥ୍ୟ ଅନୁସାରେ ଏହି ଗ୍ରହରେ ବର୍ଷା ହେବା ସମୟରେ ପାଣି ନୁହେଁ ବରଂ କାଚ ବର୍ଷା ହୋଇଥାଏ । ଅର୍ଥାତ କାଚ ତରଳ ଅବସ୍ଥାରେ ବର୍ଷା ହେବା ସମୟରେ ତଳେ ପଡ଼ିଥାଏ । ଏହି ଗ୍ରହର ଚାରିପଟେ ନୀଳ ରଙ୍ଗର ସେଲିକେଟ ବାଦଲ ରହିଛି, ଯାହା ଏହାକୁ ନୀଳ ରଙ୍ଗ କରୁଛି। ସେହିଭଳି ସୂର୍ଯ୍ୟର ପାଖାପାଖି ଥିବାରୁ ଏହାର ତାପମାତ୍ରା ୧୦୯୩ ଡିଗ୍ରୀ ପର୍ଯ୍ୟନ୍ତ ରହୁଛି। ଏଠାରେ ସିଲିକେଟ ତରଳି ଛୋଟଛୋଟ କାଚରେ ପରିଣତ ହୋଇଥାଏ। ଗ୍ରହକୁ ନେଇ ଆହୁରି ଗବେଷଣା ଜାରି ରହିଛି ।

## ଇତିହାସ

୧୬୬୬- ମୋଗଲ ସମ୍ରାଟ ଶାହାଜାହାନଙ୍କ ଦେହାନ୍ତ ।

୧୬୭୩- ବୋଷ୍ଟନ ଏବଂ ନ୍ୟୁୟର୍କ ମଧ୍ୟରେ ଡାକସେବା ଶୁଭାରମ୍ଭ ହେଲା ।

୧୮୩୭- ଦକ୍ଷିଣ ସିରିଆରେ ଭୂକମ୍ପ କାରଣରୁ ହଜାର ହଜାର ଲୋକଙ୍କ ପ୍ରାଣହାନୀ ।

୧୮୯୮- ଋଷ ଫିଲ୍ମ ନିର୍ଦ୍ଦେଶକ ସେର୍ଗେ ଆଇନଷ୍ଟାଇନଙ୍କ ଜନ୍ମ ।

୧୯୦୧- ଇଂଲଣ୍ଡର ମହାରାଣୀ ଭିକ୍ଟୋରିଆଙ୍କ ନିଧନ ।

୧୯୦୫- ରୁଷର ସେଣ୍ଟ ପିଟରବର୍ଗରେ ଶ୍ରମିକଙ୍କ ଉପରେ ଗୁଳିମାଡ଼ ଦ୍ୱାରା ୬୦୦ରୁ ଊର୍ଦ୍ଧ୍ୱର୍ ଲୋକଙ୍କ ମୃତ୍ୟୁ ।

୧୯୨୪- ରାମସେ ମାକଡୋନାଲ୍ଡ ବ୍ରିଟେନର ପ୍ରଥମ ପ୍ରଧାନମନ୍ତ୍ରୀ ହେଲେ।

୧୯୬୩- ଡେରାଡୁନ୍‌ରେ ଦୃଷ୍ଟିହୀନଙ୍କ ପାଇଁ ରାଷ୍ଟ୍ରୀୟ ପୁସ୍ତକାଳୟର ସ୍ଥାପନା କରାଗଲା ।

୧୯୬୫- ପଶ୍ଚିମବଙ୍ଗର ଦୁର୍ଗାପୁର ଠାରେ ଇସ୍ପାତ କାରଖାନା ନିର୍ମାଣ କରାଗଲା ।

୧୯୭୦- ଲଣ୍ଡନ ଓ ନ୍ୟୁୟର୍କ ମଧ୍ୟରେ ବୋଇଂ ୭୪୭ର ପ୍ରଥମ ବ୍ୟବସାୟିକ ଉଡ଼ାଣ ଆରମ୍ଭ ହେଲା ।

୨୦୧୪- ପ୍ରସିଦ୍ଧ ତେଲୁଗୁ ଫିଲ୍ମ ନିର୍ମାତା ଓ ଅଭିନେତା ଏ. ନାଗେଶ୍ୱରଙ୍କ ପରଲୋକ ।




# ୨୦୧୬ ଥିଲା ସମସ୍ୟାବହୁଳ

ସୋସିଆଲ ମିଡିଆରେ ବର୍ତ୍ତମାନ ପୁରୁଣା ଦିନ ଅର୍ଥାତ ୨୦୧୬ର ନଷ୍ଟାଲ୍ଜିଆ ଅର୍ଥାତ ୨୦୧୬ର ସ୍ମୃତିକୁ ମନେ ପକାଇବାର ଟ୍ରେଣ୍ଡ ଚାଲିଛି। ଲୋକମାନେ ବର୍ତ୍ତମାନ ସୋସିଆଲ ମିଡିଆରେ ସେହି ବର୍ଷର ସ୍ମୃତିକୁ ସେୟାର କରିବାରେ ଲାଗିଛନ୍ତି। ଏଥିରୁ ବାଦ ପଡିନାହାନ୍ତି ସେଲିବ୍ରିଟି, ଏକାଧିକ ସେଲିବ୍ରିଟି ଏଥିରେ ଭାଗ ନେଉଥିବା ଦେଖିବାକୁ ମିଳୁଛି । ଏହି ତାଲିକାରେ ସାମିଲ ହୋଇଛନ୍ତି ଅଙ୍କିତା ଲୌଖଣ୍ଡେ। ଉକ୍ତ ବର୍ଷଟି ଅଙ୍କିତାଙ୍କ ପାଇଁ ଖୁବ ସମସ୍ୟା ବହୁଳଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି। ୨୦୧୬ ତାଙ୍କୁ ଅନେକ କିଛି ଶିଖାଇଥିବାବେଳେ ଭିତରୁ ଭାଙ୍ଗିଦେଇଥିଲା। ଏହାସହ ତାଙ୍କୁ ଏକ ନୂଆ ମଣିଷରେ ପରିବର୍ତ୍ତିତ ମଧ୍ୟ କରିଥିଲା । ଉକ୍ତ ବର୍ଷ ସେ ନିଜର ସବୁଠାରୁ ଆଦର କୁକୁରକୁ ହରାଇଥିଲେ, ଯାହାକୁ ସେ ଆଜି ବି ଝୁରନ୍ତି । ଏହାସହ ୨୦୧୬ରେ ସେ ନିଜର ପ୍ରଥମ ସୋସିଆଲ ମିଡିଆ ପୋଷ୍ଟ ମଧ୍ୟ କରିଥିଲେ। ପୂର୍ବରୁ କଙ୍ଗନା ରାଣାୱତ ଏହି ଟ୍ରେଣ୍ଡରେ ସାମିଲ ହୋଇ ନିଜ ୨୦୧୬ର ସ୍ମୃତି ସେୟାର କରିଥିଲେ।

# ୪ ହଜାର ବର୍ଷର ପୁରୁଣା ଜୀବାଶ୍ମ

ସାଉଦି ଆରବରେ ଥିବା ଏକ ଗୁମ୍ଫାରୁ ପାଖାପାଖି ୪ହଜାର ବର୍ଷ ପୁରୁଣା ଚିତାବାଘର ଜୀବାଶ୍ମ ମିଳିଛି। ନିକଟରେ ଏକ ରିପୋ୍ଟ ପବ୍ଲିସ ହୋଇଛି ଯେଉଁଥିରେ ଏହାର ସୂଚନା ଦିଆଯାଇଛି । ଏହି ଅନୁସନ୍ଧାନ ୨୦୨୨ରେ କରାଯାଇଛି । ଯେତେବେଳେ ସାଉଦି ଆରବର ନ୍ୟାସନାଲ ସେଣ୍ଟର ଫର ୱାଇଲ୍ଡଲାଇଫର ଗବେଷକମାନେ ଗୁମ୍ଫାରେ ବିଭିନ୍ନ ପଶୁଙ୍କର ସର୍ଭେ କରୁଥିଲେ ସେତେବେଳେ ଗୁମ୍ଫାରୁ ଏହି ଚିତାବାଘର ଜୀବାଶ୍ମ ମିଳିଛି । ଏହି ସମୟରେ ଗବେଷକଙ୍କୁ ୭ଟି ଚିତାଙ୍କର ମମି ଓ ୫୪ଟି କଙ୍କାଳ ମିଳିଥିଲା । ଚିତାଙ୍କର ମମି ଗୁଡୁକୁ ଅଧିକ ଗବେଷଣା କରିବାପରେ ଜଣା ପଡିଥିଲା କି ଏହା ପାଖାପାଖି ୧୭୦ ରୁ ୧୮୦୦ ବର୍ଷ ପୁରୁଣା । ସେହିଭଳି ମିଳିଥିବା କଙ୍କାଳ ଗୁଡିକ ପାଖାପାଖି ୪ ହଜାର ବର୍ଷ ପୁରୁଣା ବୋଲି ଜଣାପଡିଛି । ବର୍ତ୍ତମାନ ଏହି କଙ୍କାଳ ଓ ମମି ହୋଇସାରିଥିବା ଚିତାଙ୍କ ଉପରେ ଅଧିକ ଗବେଷଣା ଜାରି ରହିଛି ।



---

ମାଘମାସ ଶୁକ୍ଳପକ୍ଷ, ଚତୁର୍ଥୀ
୨୨.୧.୨୦୨୬ ଗୁରୁବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

**ମେଷ-** କାର୍ଯ୍ୟରେ ଖୁସି, ବ୍ୟବସାୟ ଆରମ୍ଭ, ବ୍ୟକ୍ତି ସହାୟତା, ଯାନବାହନ ଲାଭ, ଶତ୍ରୁ ପରାଜିତ, ଦାମ୍ପତ୍ୟ ଖୁସି, ଗୃହେ ଉତ୍ସବ, ବନ୍ଧୁସାହାଯ୍ୟ, ନୂତନ ଯୋଜନାରେ ଲାଭ, ବିଦ୍ୟାରେ ସଫଳ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ମହାଲକ୍ଷ୍ମୀ ।

**ବୃଷ-** ଆତ୍ମବଳ ବୃଦ୍ଧି, ବନ୍ଧୁ ସାହାଯ୍ୟ, ଅର୍ଥସମସ୍ୟା ଦୂର, ବ୍ୟବସାୟରେ ସ୍ୱଳ୍ପ ଲାଭ, ମାନସିକ ଶାନ୍ତି, ଗଣ୍ଡଗୋଳ ସମାଧାନ, ସ୍ୱାଦିଷ୍ଟ ଭୋଜନ, ଯାନବାହନ କ୍ଷେତ୍ରରେ ସମସ୍ୟା, ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା-ଭଗବାନ ବିଷ୍ଣୁ ।

**ମିଥୁନ-** ଭୟ, ଆଶଙ୍କା, କିଛି କାର୍ଯ୍ୟରେ ବିରୋଧ, କର୍ମକ୍ଷେତ୍ରେ ଶତ୍ରୁତା, ଅଯଥା ଖର୍ଚ୍ଚାନ୍ତ, ଧର୍ମକାର୍ଯ୍ୟେ ଆଗ୍ରହ, ଅର୍ଥକୁ ନେଇ ବିବାଦ, ପାରିବାରିକ ସହାୟତା, ଗାଡ଼ିଚାଳନାରେ ସାବଧାନ, ମାନସିକ ଅଶାନ୍ତି, ସନ୍ତାନଚିନ୍ତା, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ଶଙ୍କର ଭଗବାନ ।

**କର୍କଟ-** ଅପମାନ ଯୋଗ, ମାନସିକ କ୍ଲେଶ, ଅଯଥା ଖର୍ଚ୍ଚାନ୍ତ, ଶରୀର କଷ୍ଟ, ନୂତନ କର୍ମାରମ୍ଭ, ମୋକଦ୍ଦମାରେ ସମସ୍ୟା, ସାମାଜିକ ପ୍ରତିଷ୍ଠାରେ ବିରୋଧ, ବାକିଧନ ପ୍ରାପ୍ତି, ଗୁରୁଜନଙ୍କ ଆଶୀର୍ବାଦ, ଦାମ୍ପତ୍ୟ ସୁଖ, ଦେବକାର୍ଯ୍ୟରେ ଖୁସି, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, , ସଂଖ୍ୟା-୪, ଆରାଧନା- ମା ବଗଳାମୁଖୀ ।

**ସିଂହ-** ପ୍ରୀତି ଓ ଲୋକସମ୍ପର୍କ ବୃଦ୍ଧି, ବିବାଦ ସମାଧାନ, ବିଦ୍ୟାରେ ଉନ୍ନତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଅତିଥିଚର୍ଚ୍ଚା, ଦୂରଯାତ୍ରାରେ ସଫଳ, ଦାମ୍ପତ୍ୟ ସୁଖ, ମୋକଦ୍ଦମାରେ ବିଜୟ, ଶରୀର ସୁସ୍ଥ, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସାନ୍ନିଧ ଲାଭ, ଶରୀର ସୁସ୍ଥ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୬, ଆରାଧନା- ମା ଭଗବତୀ ।

**କନ୍ୟା-** ଧନପ୍ରାପ୍ତି, ପଦବୀ ଲାଭ, କର୍ମକ୍ଷେତ୍ରେ ମନାନ୍ତର, ବ୍ୟକ୍ତିଙ୍କ ସାହାଯ୍ୟ ଓ ସହଯୋଗ, ଅର୍ଥଖର୍ଚ୍ଚ, ଅଯଥା ଚିନ୍ତା, ଦୂରଯାତ୍ରାରେ ସଫଳ, ଧନପ୍ରାପ୍ତି, ବିଦ୍ୟାଲାଭ, ଗଣ୍ଡଗୋଳର ସମାଧାନ, ଶରୀର ସୁସ୍ଥ, ଉତ୍ତରା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୬, ଆରାଧନା-ଲକ୍ଷ୍ମୀନାରାୟଣ ।

**ତୁଳା-** ଅଣ୍ଡାଜନିତ କଷ୍ଟ, ଗୃହେ ଉତ୍ସବ, ଅଯଥା ଖର୍ଚ୍ଚାନ୍ତ, ନୂତନ କର୍ମାରମ୍ଭ, ଗୁରୁଜନଙ୍କ ସମସ୍ୟା, ବ୍ୟବସାୟରେ ଲାଭ, ସାମାଜିକ କ୍ଷେତ୍ରେ ହତୋତ୍ସାହ, ଦେବକାର୍ଯ୍ୟ ପ୍ରତି ଆଗ୍ରହ, ଶରୀର ଅସୁସ୍ଥ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ମହାଲକ୍ଷ୍ମୀ ।

**ବିଛା-** ମାନସିକ କ୍ଲେଶ, କାର୍ଯ୍ୟରେ ବିରୋଧ, ବିବାଦିତ ରହିବେ, ଅର୍ଥ ସମସ୍ୟା, ବନ୍ଧୁ ସାହାଯ୍ୟ, ଦେବ ଦର୍ଶନ, ନୂତନ କର୍ମାରମ୍ଭ, ମୋକଦ୍ଦମାରେ ପଡ଼ିବେ, ଶତ୍ରୁକଷ୍ଟ, ବିଦ୍ୟାରେ ସଫଳତା, ମୂଳାନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଖଇରିଆ, ସଂଖ୍ୟା-୫, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ-** ବ୍ୟବସାୟରେ ଲାଭ, ଆଶା ସଫଳ, ଉଚ୍ଚ ବ୍ୟକ୍ତିଙ୍କ ସହିତ ସୁସମ୍ପର୍କ, ସୁମିଷ୍ଟ ଭୋଜନ, ଦେବକାର୍ଯ୍ୟ, ଶତ୍ରୁ ପରାଜିତ, ଶୁଭ ଖବର, ଗୃହେ ଉତ୍ସବ, ସାମ୍ପତ୍ୟ କଳହ, ନୂତନ ବନ୍ଧୁଲାଭ, ବିଦ୍ୟାରେ ସଫଳତା, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ଭଗବାନ ଗଣେଶ ।

**ମକର-** ପଡ଼ୋଶୀ କଳହ, ଶତ୍ରୁଦ୍ୱାରା ଲାଭ, ନୂତନ କର୍ମନିଯୁକ୍ତି, ତୀର୍ଥାଟନ, ବନ୍ଧୁବିରୋଧ, ଗୃହେ ଅପମାନ, ଶରୀର ଅସୁସ୍ଥ, ଅର୍ଥ ସମସ୍ୟା, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଦାମ୍ପତ୍ୟ ଖୁସି, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମୀ, ସଂଖ୍ୟା-୩, ଆରାଧନା- ପ୍ରଭୁ ଲକ୍ଷ୍ମୀ, ନୃସିଂହ ।

**କୁମ୍ଭ-** ଆଭୂଷଣ ପ୍ରାପ୍ତି, କର୍ମକ୍ଷେତ୍ରେ ପ୍ରଶଂସା, ଅର୍ଥଲାଭ, କାର୍ଯ୍ୟରେ ସହାୟତା, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା, ଆଶା ସଫଳ, ପୁରୁଣା ରୋଗ ଦେଖାଦେବ, ଶତ୍ରୁ ସମସ୍ୟା ସମାଧାନ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା- ୧୦, ଆରାଧନା- ଶଙ୍କର ଭଗବାନ ।



**ମୀନ-** ବ୍ୟୟ ବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପ ଲାଭ, କାର୍ଯ୍ୟରେ ବିବାଦ, ଶାରୀରିକ କ୍ଲେଶ, ଯାନବାହନେ ସତର୍କ, ଶତ୍ରୁ ସମସ୍ୟା, ବାକିଧନ ପ୍ରାପ୍ତି, ସ୍ତ୍ରୀ ସହଯୋଗ, ପିଲାଙ୍କ ସଫଳତା, ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୩, ଆରାଧନା- ମା ଦକ୍ଷିଣକାଳୀ ।

## ପାଇଲଟଙ୍କ ବୁଦ୍ଧି ପାଇଁ ବଞ୍ଚିଲା ଜୀବନ

# ରାଜ୍ୟ ସରକାରଙ୍କ ତ୍ୱରିତ ସେବାକୁ ପ୍ରଶଂସା

ଭୁବନେଶ୍ୱର,(ସବ୍ୟୁ): ରାଉରକେଲା ବିମାନ ଦୁର୍ଘଟଣାରେ ଆହତ ବ୍ୟବସାୟୀ ସୁନିଲ ଅଗ୍ରୱାଲ ଓ ତାଙ୍କ ପତ୍ନୀ ସବିତା ଅଗ୍ରୱାଲ ବୁଧବାର ଚିକିତ୍ସା ପରେ ମୁମ୍ବାଇରୁ ଫେରିଛନ୍ତି । ପତ୍ନୀ ସବିତା ଅଗ୍ରୱାଲ ଏବେ ବି ଷ୍ଟ୍ରେଚରରେ ଥିବା ବେଳେ ସୁନିଲଙ୍କ ଦୁର୍ଘଟଣାର ୮-୧୦ ମିନିଟ ଆଗରୁ ଉଭୟ ସ୍ୱାମୀ ସ୍ତ୍ରୀ ଜାଣିସାରିଥିଲେ । ପ୍ଲେନର ଅନ୍ୟ ଯାତ୍ରୀମାନେ ସେତେବେଳକୁ ଶୋଇପଡିଥିଲେ । ଆକାଶରେ ପ୍ଲେନଟିରେ କିଛି ବୈଷୟିକ ତ୍ରୁଟି ଥିବା ଅନୁଭବ କରି ସେ ପାଇଲଟଙ୍କୁ ପଚାରିଥିଲେ ।

## ଦୁର୍ଘଟଣା ସ୍ଥାନରେ ମନ୍ଦିର, ସ୍କୁଲ କିମ୍ବା ହସ୍ପିଟାଲ କରିବୁ

ଏକାଧିକ ସ୍ଥାନରେ ହାଡ ଭାଙ୍ଗିଥିବାରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାଁନ୍ତି । ମୁମ୍ବାଇରୁ ଫେରିବା ପରେ ସୁନିଲ ସେ ଦିନର ଭୟଙ୍କର ଦୁର୍ଘଟଣା କାହାଣୀ ବଖାଣିଛନ୍ତି । କେବଳ ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଏବଂ ରାଜ୍ୟ ସରକାରଙ୍କ ତ୍ୱରିତ ସେବା ପାଇଁ ସେମାନେ ବଞ୍ଚିଯାଇଥିବା ସେ କହିଛନ୍ତି । କିନ୍ତୁ ପାଇଲଟ ପ୍ରଥମେ କହିଲେ କିଛି ଅସୁବିଧା ନାହିଁ, ଆମେ ସୁରକ୍ଷିତ ପହଞ୍ଚିବା । କିଛି ସମୟ ପରେ ଦୁଇ ଜଣ ଯାକ ପାଇଲଟ ଟିକେ ଭୟଭିତ ହୋଇପଡିବା ସେମାନେ ଅନୁଭବ କଲେ । ସେତେବେଳେ ସେମାନେ ଜାଣିଲେ ଯେ ବିମାନରେ କିଛି ଅସୁବିଧା ହୋଇଛି । ଅଳ୍ପ ସମୟ ପରେ ବିମାନର ଫ୍ୟାନ ବନ୍ଦ ହୋଇଗଲା । ଫ୍ୟାନ ବନ୍ଦ ହୋଇଯିବା ପରେ ସେମାନେ ଜାଣିଗଲେ ଯେ, ବିମାନଟି ନିଶ୍ଚୟ କ୍ରାସ କରିବ ।



ବିମାନଟି ପ୍ରଥମେ ଏକ ପାହାଡରେ ପିଟି ହେବାକୁ ଯାଉଥିଲା, ସେଥିରୁ ପାଇଲଟ ବଞ୍ଚାଇଲେ । ତାପରେ ବ୍ରାହ୍ମଣୀ ନଦୀରେ ପଡିବାରୁ ବିମାନକୁ ବଞ୍ଚାଇଲେ ପାଇଲଟ । ତାପରେ ପାଇଲଟ ଏକ ଗାଁ ଏବଂ ଏକ ବିଦ୍ୟୁତ ଟ୍ରାନ୍ସଫରମରରେ ପିଟି ହେବାରୁ ବିମାନକୁ ବଞ୍ଚାଇ ଏକ ପଡିଆରେ ବିମାନକୁ କ୍ରାସ କରାଇଲେ । ବିମାନଟି କ୍ରାସ ହେବା ବେଳକୁ ବିମାନର ବେଗ ପ୍ରାୟ ୨୦୦ରୁ ୨୫୦ ଘଣ୍ଟା ପ୍ରତି କିଲୋମିଟର ଥିଲା ବୋଲି ସୁନିଲ କହିଛନ୍ତି । ଏଥିରେ ତାଙ୍କର ଓ ପତ୍ନୀଙ୍କର ପିଠି ଓ ଗୋଡରେ ଏକାଧିକ ହାଡ ଭାଙ୍ଗିଥିଲା । ମୁମ୍ବାଇରେ ଅପରେସନ ପରେ ଉଭୟ ଏବେ ବିପଦମୁକ୍ତ ଥିଲେ ବି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇନାହାଁନ୍ତି । ଉଭୟଙ୍କୁ ଡାକ୍ତର ଆହୁରି ଛଅ ମାସ ବେଡ ରେଷ୍ଟ ନେବାକୁ କହିଛନ୍ତି ।

ସେମାନଙ୍କୁ ବଞ୍ଚାଇଥିବା ପାଇଲଟଙ୍କୁ ପରିବାର ପକ୍ଷରୁ ସମ୍ମାନିତ କରିବେ ବୋଲି କହିଛନ୍ତି ସୁନିଲ । ସେହିଭଳି ଯେଉଁ ସ୍ଥାନରେ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ସେଠାରେ ଏକ ସ୍କୁଲ, ମନ୍ଦିର କିମ୍ବା ହସ୍ପିଟାଲ କରିବାକୁ ସେ ଚିନ୍ତା କରୁଥିବା କହିଛନ୍ତି । ସବୁଠୁ ବଡ କଥା ହେଲା ବିମାନଟି ଦୁର୍ଘଟଣାଗ୍ରସ୍ତ ହେବାର ୫ ମିନିଟ ଭିତରେ ରାଜ୍ୟ ସରକାର ଉଦ୍ଧାର ଓ ମେଡିକାଲ ସହାୟତା ଯୋଗାଦେଇଥିଲେ । ରାଜ୍ୟ ସରକାରଙ୍କ ମେଡିକାଲ ଟିମର ପ୍ରାଥମିକ ଚିକିତ୍ସା ଦ୍ୱାରା ସେମାନେ ସୁରକ୍ଷିତ ଥିବା ସୁନିଲ କହିଛନ୍ତି ।

## ନବୀନଙ୍କୁ ଭେଟିଲେ ପାଟକୁରା ନିର୍ବାଚନମଣ୍ଡଳୀର ନେତା ଓ କର୍ମୀ

# ଲୋକଙ୍କ ସ୍ୱାର୍ଥ ବିରୋଧରେ କାମ କଲେ ବରଦାସ୍ତ କରିବିନି : ନବୀନ

ଭୁବନେଶ୍ୱର, ୨୧।୧ (ସବ୍ୟୁ) : ବିଜେଡିର ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କର ନିଲମ୍ବନ ପ୍ରସଙ୍ଗରେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୁହଁ ଖୋଲିଛନ୍ତି । ନବୀନ କହିଛନ୍ତି ଯେ ବିଶ୍ୱାସ କରି ଟିକଟ ଦେଇଥିଲେ। କାର୍ଯ୍ୟ କରିବାକୁ ସୁଯୋଗ ଦେଇଥିଲି । ପାଟକୁରାବାସୀ ହଇରାଣ ହରକତ ହେଉଥିବା ଜାଣିବାକୁ ପାଇଲି । ଦଳରେ ରହି ଯିଏ ଲୋକଙ୍କୁ ହଇରାଣ କରେ ତାକୁ ଦଳରୁ ମୁଁ କାଢ଼ି ଦେଇଥାଏ । ଆପଣମାନଙ୍କ ପାଇଁ ଜଣେ ଭଲ ମୁଖିଆ ଆସିବେ ବୋଲି ନବୀନ କହିଛନ୍ତି ।

ଆଜି ନବୀନ ନିବାସରେ ପାଟକୁରାର ବିଜେଡି ନେତା ଓ କର୍ମୀ ଏକାଠି ହୋଇ ନବୀନଙ୍କ ପ୍ରତି ତାଙ୍କ ସମର୍ଥନ ଜଣାଇଥିଲେ । କର୍ମୀମାନେ କହିଥିଲେ ଯେ ନବୀନଙ୍କ ସହ ଆମେ ଥିଲୁ, ଅଛୁ ଓ ରହିବୁ । ଏହାର ଜବାବରେ କର୍ମୀ ଓ ନେତାଙ୍କୁ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି । ସୂଚନାଯୋଗ୍ୟ ନିକଟରେ ଅରବିନ୍ଦଙ୍କ ବିରୋଧରେ ଦଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ତାଙ୍କ ବିରୋଧରେ ଦୁର୍ନୀତି ଓ ବିଶ୍ୱାସଘାତକ ଅଭିଯୋଗ ଲଗାଯାଇଛି । ନିଷ୍ପତ୍ତିକୁ ଯଥାର୍ଥ ବୋଲି ଦଳର ବରିଷ୍ଠ ନେତାମାନେ ପୂର୍ବରୁ କହିଥିଲେ । ନବୀନଙ୍କୁ ପାଟକୁରାର ବିଜେଡିର ନିର୍ବାଚିତ ପ୍ରତିନିଧି ଭେଟି ଧନ୍ୟବାଦ ଦେଇଛନ୍ତି । ଏହି ସାକ୍ଷାତ ସମୟରେ ବିଧାୟକ ପ୍ରତାପ ଦେବ, ଧ୍ରୁବ ସାହୁ, ସୁନିଲ ମହାନ୍ତି, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡା ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନଙ୍କ ସମେତ ୫ ଜଣ ଜିଲ୍ଲା ପରିଷଦ ସଭ୍ୟ, ପାଟକୁରା ଦୁଇ ବ୍ଲକର ଉପାଧକ୍ଷା ପ୍ରମୁଖ ଉପସ୍ଥିତ ଥିଲେ ।

# ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ଜଟଣୀ, (ସବ୍ୟୁ) : ଦିନକୁଦିନ ବେଫିକର ଗାଡ଼ି ଚାଳନା ଓ ରାସ୍ତା ଜାମ ଜନିତ ପାଇଁ ଜଟଣୀ ସହରରେ ଏକ ପ୍ରକାର ମରଣଯନ୍ତାରେ ପରିଣତ ହୋଇଥିବା ବେଳେ ବୁଧବାର ସ୍ଥାନୀୟ ସବ୍ ରେଜିଷ୍ଟ୍ରାର୍ ଅଫିସ ଆଗରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟି ବିକାଶ କୁମାର ରଥ ନାମକ ଜଣେ ମୋଟରସାଇକେଲ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ଜଣାପଡିଛି । କହିବାକୁ ଗଲେ ମରଣ ଯନ୍ତା ପାଲଟିଛି ସହରର ମୁଖ୍ୟ ରାସ୍ତା, ଗାଡ଼ି ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ସାଙ୍ଗକୁ ଜଟିଳ ଟ୍ରାଫିକ ସମସ୍ୟା ହେତୁ ବାରମ୍ବାର ଅକାଳରେ ଚାଲିଗଲାଣି ଅନେକ ଜୀବନ ତଥାପି ସ୍ଥାନୀୟ ପ୍ରଶାସନର ଏଥିପ୍ରତି ନିଘା ନାହିଁ । ମୃତ ଯୁବକଙ୍କ ଘର କଟକ ଜିଲ୍ଲା ବାଙ୍କୀ ଥାନା ଅନ୍ତର୍ଗତ ସାମନ୍ତରାପୁରର ବୋଲି ପୁଲିସ ସୂଚନା ଦେଇଛି । ଜିଏସଟି ସରକାରି କାର୍ଯ୍ୟାଳୟରୁ ଏମପି ୦୪ସିଏସ ୪୨୮୧ ନମ୍ବର ବିଶିଷ୍ଟ ଏକ କାର ବାହାରି ସବରେଜିଷ୍ଟ୍ରାର ନିକଟରୁ ୟୁଟର୍ନ ଦେଇ ଖୋର୍ଦ୍ଧା ଅଭିମୁଖେ ଯିବାକୁ ବାହାରୁଥିବା ସମୟରେ ବିପରୀତ ଦିଗରୁ ବାଇକରେ ଦ୍ରୁତ ଗତିରେ ଆସୁଥିବା ସ୍ୱର୍ଗତଃ ରଥ ଭାରସାମ୍ୟ ହରାଇ କାରରେ ପିଟି ହୋଇ ମୁଖ୍ୟ ରାସ୍ତାର ଡାଇଭର୍ସନ ରାସ୍ତାକୁ ଛିଟିକି ପଡିଯିବା ହେତୁ ଅପରପାର୍ଶ୍ୱରେ ଯାଉଥିବା ଓଡ଼ି ୦୨ସିଏକ୍ସ ୪୮୫୮ ନମ୍ବର ବିଶିଷ୍ଟ ପିକଅପ ଭ୍ୟାନ ଛିଟିକି ପଡ଼ିଥିବା ଯୁବକଙ୍କ ଉପରେ ଚଢିଯାଇଥିଲା ଯାହାଫଳରେ ଦୁର୍ଘଟଣା ସ୍ଥଳରେ ଯୁବକଙ୍କ ମୃତ୍ୟୁ ଘଟିଥିବା ପ୍ରତକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ ।

## ହିଣ୍ଡାଲକୋ ପକ୍ଷରୁ ହୀରାକୁଦ

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ "ଅଗ୍ନି ଓ ସଡ଼କ ନିରାପତ୍ତା ପ୍ରଶିକ୍ଷଣ

ଭୁବନେଶ୍ୱର, (ସବ୍ୟୁ) : (ବୁଧବାର) ଦୈନନ୍ଦିନ ଜୀବନରେ ସଡ଼କ ଓ ଅଗ୍ନି ଭୟରୁ ଦୂରେଇ ରହିବାପାଇଁ ପ୍ରଶିକ୍ଷଣକୁ ଦୃଷ୍ଟିରେ ରଖି ହିଣ୍ଡାଲକୋ ହୀରାକୁଦର ୟୁନିଟ୍ ମୁଖ୍ୟ ସୁମିତ ମୁଖାର୍ଜୀଙ୍କ ମାର୍ଗଦର୍ଶନ ଓ ହୀରାକୁଦ କମପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେଙ୍କ ପରାମର୍ଶ କ୍ରମେ ହିଣ୍ଡାଲକୋ ହୀରାକୁଦର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ହୀରାକୁଦ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ "ଅଗ୍ନି ଓ ସଡ଼କ ନିରାପତ୍ତା ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ନିରାପତ୍ତା ବିଭାଗର ଲକ୍ଷ୍ମୀ ଧର ସାହୁ ଓ ହିଣ୍ଡାଲକୋର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ଆନନ୍ଦ ଚକ୍ରବର୍ତୀଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇ ଯାଇଅଛି । ଏହାର ମୁଖ୍ୟ ଉଦଶ୍ୟ ହେଉଛି ଅପତକାଳୀନ ପରିସ୍ଥିତିରେ ନିଜକୁ, ନିଜ ପରିବାର ଏବଂ ସର୍ବପରି ନିଜ ଅଞ୍ଚଳକୁ ସୁରକ୍ଷିତ ରଖି ଜୀବନ ଓ ଧନକୁ ବିପଦରୁ ବଞ୍ଚେଇ ପାରିବା । ଏହି କାର୍ଯକ୍ରମରେ ହୀରାକୁଦ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଶୈଳବାଳ ଦାସ, ଅରୁଣାବାଇ ସୋମନାଥ, ମଧୁମିତା ସାହୁ, ସଂଜିତା ସାହୁ ଓ ସୁଶ୍ରୀ ସୁମିତ୍ରା ସାହୁ ସହ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।



# ୨୭ରୁ ୩୧ତମ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ

ଭୁବନେଶ୍ୱର(ସବ୍ୟୁ) : ବାଲେଶ୍ୱରର ଫକୀର ମୋହନ ବିଶ୍ୱବିଦ୍ୟାଳୟସ୍ଥିତ ବ୍ୟାସବିହାର କ୍ୟାମ୍ପସରେ ନୂଆଦିଲ୍ଲୀର ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ମିଳିତ ସହଯୋଗରେ ୩୯ତମ ଆନ୍ତଃ ବିଶ୍ୱବିଦ୍ୟାଳୟ ପୂର୍ବଜନ ଯୁବ ମହୋତ୍ସବ "ୟୁନିଫେଷ୍ଟ ୨୦୨୫-୨୬"ଆୟୋଜନ ହେବ । ଚଳିତମାସ ୨୭ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଚାଲିବ ଏହି ମହୋତ୍ସବ । ମଙ୍ଗଳବାର ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ୍ର ଅଧକ୍ଷ ପ୍ରଫେସର ଭାସ୍କର ବେହେରା, ସଂଯୋଜକ ଡଃ ନିହାର ରଞ୍ଜନ ରାଉତ, ସଂଗଠନ ସମ୍ପାଦକ ଡ. ଅସୀମ ଅମିତାଭ ପ୍ରଧାନ, ବିଭାଗର ମୁଖ୍ୟ ପ୍ରଫେସର ଭାରତୀବାଳା ପଟ୍ଟନାୟକ ପ୍ରକାଶ କରିଛନ୍ତି ଯେ, ଏହି ଯୁବ ମହୋତ୍ସବର ନାମ ଉତ୍ସାହ-୨୦୨୬ ରଖାଯାଇଛି । ଏହି ଆନ୍ତଃ ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବରେ ପୂର୍ବ ଜୋନ୍ ତଥା ଓଡ଼ିଶା, ବିହାର, ଛତିଶଗଡ଼ ଏବଂ ପଶ୍ଚିମବଙ୍ଗ ଆଦି ମୋଟ ୨୦ଟି ବିଶ୍ୱବିଦ୍ୟାଳୟର ୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ । ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରୁ ପ୍ରାୟ ୬୦ ଜଣ ଛାତ୍ରଛାତ୍ରୀ ଓ ଦଳନାୟକ ଯୋଗଦେଇ ଏହାକୁ ପୂର୍ବାଞ୍ଚଳର ଯୁବ ପ୍ରତିଭାମାନଙ୍କର ଏକ ବୃହତ୍ ସାଂସ୍କୃତିକ ସମାବେଶରେ ପରିଣତ କରିବେ । ଏହି ଯୁବ ମହୋତ୍ସବରେ ସଙ୍ଗୀତ, ନୃତ୍ୟ, ନାଟକ, ସାହିତ୍ୟ, ସୂକ୍ଷ୍ମକଳା ସହିତ ସମ୍ପୃକ୍ତ ସୃଜନାତ୍ମକ ବିଭାଗରେ ମୋଟ ୬ଟି ବିଭାଗ ଅଧିନରେ ୨୮ଟି ପ୍ରତିଯୋଗିତା ଅନୁଷ୍ଠିତ ହେବ । ପ୍ରତ୍ୟେକ ଇଭେଣ୍ଟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ସେମାନେ ଆସନ୍ତା ମାର୍ଚ୍ଚ ମାସ ୧୦ରୁ ୧୪ ତାରିଖ ମଧ୍ୟରେ ଚେନ୍ନାଇଠାରେ ଅନୁଷ୍ଠିତ ହେଉଥିବା ଫାଇନାଲ ମ୍ୟାଚ୍ର ଜାତୀୟ ଯୁବ ଉତ୍ସବରେ ଅଂଶଗ୍ରହଣ କରିବେ । ଅଂଶଗ୍ରହଣକାରୀ ବିଶ୍ୱବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ପାଇଁ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଓଡ଼ିଶାରେ ଦ୍ୱିତୀୟଥର ପାଇଁ ଏହି ଯୁବ ମହୋତ୍ସବ ଅନୁଷ୍ଠିତ ହେଉଛି । ଏହି ସାମ୍ବାଦିକ ସମ୍ମିଳନୀରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମୀନା ଦାସ ଏବଂ ଲୋକ ସମ୍ପର୍କ ଅଧିକାରୀ ଶର୍ମିଷ୍ଠା ମହାରଣା ଉପସ୍ଥିତ ରହି ୩୯ତମ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବୟୁନିଫେଷ୍ଟ ୨୦୨୫-୨୬ ଯୁବଶକ୍ତି, ସାଂସ୍କୃତିକ ସମନ୍ୱୟ ଓ ସୃଜନଶୀଳ ଉତ୍କୃଷ୍ଟତାର ଏକ ସ୍ମରଣୀୟ ଐତିହାସିକ ଉତ୍ସବ ଭାବେ ପରିଚିତ ହେବ, ଯାହା ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ ଜାତୀୟସ୍ତରରେ ଶିକ୍ଷା ଓ ସାଂସ୍କୃତିକ ନେତୃତ୍ୱର ଏକ ସକ୍ରିୟ କେନ୍ଦ୍ର ଭାବେ ସୁଦୃଢ଼ କରିବ ବୋଲି ସେମାନେ କହିଥିଲେ ।








## ଆଞ୍ଚଳିକ କଳାକାର ମହାସଂଘର ବୈଠକ

ବୋଲଗଡ଼ , (ସବ୍ୟୁ): ରାଜସୁନାଖଳା ଆଞ୍ଚଳିକ କଳାକାର ମହାସଂଘର ପ୍ରତିଷ୍ଠାତା ସୁଶାନ୍ତ କୁମାର ନାୟକଙ୍କ ଆବାହକତ୍ୱରେ ରବିବାର ଦିନ ରାଜସୁନାଖଳା ଅନନ୍ତ ଗୁମ୍ଫା ପରିସରରେ କଳାକାର ମହାସଂଘର ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ରାଜସୁନାଖଳା ଆଞ୍ଚଳିକ କଳାକାର ମହାସଂଘର ସଭାପତି ତଥା ଆଇନଜୀବୀ ବ୍ରହ୍ମହନନ୍ଦ ପଟ୍ଟଯୋଶୀଙ୍କ ପୌରହିତ୍ୟରେ ମୁଖ୍ୟତିଥିଭାବେ ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ଓ ସମ୍ମାନିତ ଅତିଥିଭାବେ ରାଜସୁନାଖଳା ସାମ୍ବାଦିକ ସଙ୍ଘର ଉପଦେଷ୍ଟା ପ୍ରସନ୍ନ କୁମାର ସ୍ୱାଇଁ, ସାମ୍ବାଦିକ ସଙ୍ଘ ସଭାପତି ଜିତେନ୍ଦ୍ର କୁମାର ସାହୁ, ପଣ୍ଡିତ ରବୀନ୍ଦ୍ର କୁମାର ସାହୁ ଓ ସାମ୍ବାଦିକ ଗଙ୍ଗାଧର ଦାଶ ପ୍ରମୁଖ ଯୋଗଦେଇ ଏହାକୁ ଶୁଭ ଉଦଘାଟନ କରିଥିଲେ । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ବଲ୍ଲଭ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆଞ୍ଚଳିକ କଳାକାର ମହାସଂଘର ୧୦୦ରୁ ଊର୍ଦ୍ଧ ବିଭିନ୍ନ କଳାକାରମାନେ ଯୋଗଦେଇଥିଲେ । କିଛି କଳାକାରମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । । କଳାକାରମାନେ କିଭଳି ସରକାରଙ୍କର ସୁବିଧାଗୁଡିକ ପାଇପାରିବେ ସେ ବିଷୟରେ ରାଜସୁନାଖଳା ସାମ୍ବାଦିକ ସଙ୍ଘର ଉପଦେଷ୍ଟା ପ୍ରସନ୍ନ କୁମାର ସ୍ୱାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଆଞ୍ଚଳିକ କଳାକାର ମହାସଂଘର ସମ୍ପାଦକ ସୂର୍ଯ୍ୟକାନ୍ତ ମିଶ୍ର, ବଲ୍ଲଭ ପ୍ରଧାନ, ଅଧ୍ୟାପକ ତଥା ପଣ୍ଡିତ ରବୀନ୍ଦ୍ର କୁମାର ସାହୁପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ ।ପରିଶେଷରେ ସାମ୍ବାଦିକ ଗଙ୍ଗାଧର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।






ବିଶିଷ୍ଟ ସାହିତ୍ୟିକ ଡକ୍ଟର ସର୍ବେଶ୍ୱର ସେଣଙ୍କ ରଚିତ 'କବିଚନ୍ଦ୍ର କାଳୀଚରଣ' ପୁସ୍ତକକୁ 'ସମୟ' କାର୍ଯ୍ୟାଳୟ ଠାରେ ଉନ୍ମୋଚନ କରୁଛନ୍ତି ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର,, ସମ୍ପାଦକ ପପୁ ମହାନ୍ତି ଓ ଜେନେରାଲ ମ୍ୟାନେଜର ପ୍ରଦୀପ୍ତ କୁମାର ଲେଙ୍କା।

## ସୁଧା ସର୍ଜନା ମହା ମହୋତ୍ସବର ଆୟୋଜନ

ଭୁବନେଶ୍ୱର , (ସବ୍ୟୁ) : ଭୁବନେଶ୍ୱର ସତସଙ୍ଗ ଶ୍ରୀମନ୍ଦିର ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଶତାଧିକ ଯୁବକର୍ମୀ, ମା ମାନେ ସହର ମଧ୍ୟରେ ଘର ଘର ପରିକ୍ରମା କରି ଏହି ଉତ୍ସବରେ ଲକ୍ଷାଧିକ ଜନ ସମାଗମ ହୋଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଆଶୀର୍ବାଦ ନେବା ପାଇଁ ନିମନ୍ତ୍ରଣ କରିବା ଦେଖାଯା ।। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଧର୍ମ ଆଲୋଚନା, ଶିଶୁ ମାନଙ୍କ ମଧ୍ୟରେ ବଞ୍ଚିବାର ରାହା, ମା ମାନେ, ମାତୃ ସମ୍ମିଳନୀରେ ଯୋଗ ଦେବା ପ୍ରସାଦ ସେବନ ପାଇଁ ବିଭିନ୍ନ ପ୍ରକାରର ଆୟୋଜନ କରାଯାଇଛି । ସୁନାମ ଧନ୍ୟ " ହ୍ୱାଇଟ୍ ବ୍ୟାଣ୍ଡ୍ " ଦ୍ୱାରା ଚିତାକର୍ଷକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ସକାଳ, ସନ୍ଧ୍ୟାରେ ବିନତି ପ୍ରାର୍ଥନା, ଗ୍ରନ୍ଥାବଳୀ ପାଠ, ଉଷା କୀର୍ତ୍ତନ, ନଗର କୀର୍ତ୍ତନ ରେ ଦେଶର ବିଭିନ୍ନ ଅଞ୍ଚଳର ସାଧୁ, ସନ୍ଥ, ଅନୁରାଗୀ ,ସତସଙ୍ଗର କର୍ମୀ ଏବଂ ଅନୁରାଗୀ ମାନେ ଯୋଗ ଦେବା ଆଶା କରାଯାଏ । ଏହି ମହା ମହୋତ୍ସବ ସଫଳ କରିବା ପାଇଁ ଉତ୍ସବ କମିଟି ତରଫରୁ ସମସ୍ତ ନଗର ବାସିନ୍ଦାଙ୍କୁ ଅନୁରୋଧ କରାଯାଇଛି ।

## ଅଦାଲତକୁ ବୋମାରେ ଉଡ଼ାଇ ଦେବାକୁ ଧମକ ପ୍ରସଙ୍ଗ

# ମୁଖ୍ୟ ବିଚାରପତିଙ୍କ ସହ ଡିଜିପିଙ୍କର ଅଘଟଣ ମୁକାବିଲା ସମୀକ୍ଷା

କଟକ , (ସବ୍ୟୁ): ହାଇକୋର୍ଟକୁ ବୋମା ବିସ୍ଫୋରଣରେ ଉଡ଼ାଇ ଦେବାକୁ ଧମକ ମିଳିବା ପରେ ଏହାର ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ଲାଗି ପୁଲିସ୍ ପକ୍ଷରୁ କେତେଗୁଡ଼ିଏ ପଦକ୍ଷେପ ଗ୍ରହଣ କରାଯାଉଛି । ଏ ସମ୍ପର୍କିତ ସମୀକ୍ଷା ବୈଠକରେ ହାଇକୋର୍ଟରେ ପୁଲିସ୍ ଡିଜି ୱାଇ.ବି ଖୁରାନିଆ, ଅଗ୍ନିଶମ ବିଭାଗ ଡିଜି ସୁଧାଂଶୁ ଷଡ଼ଙ୍ଗୀ, ଆଇନ ଶୃଙ୍ଖଳା ଏଡିଜି ସଞ୍ଜୟ ସିଂହ, ଗୁଇନ୍ଦା ବିଭାଗ ନିର୍ଦ୍ଦେଶକ ଆର.ପି କୋଚେ, କଟକ-ଭୁବନେଶ୍ୱର ପୁଲିସ୍ କମିସନର ଏସ୍. ଦେବଦତ୍ତ ସିଂହ, କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ପ୍ରମୁଖ ଯୋଗ ଦେଇଥିଲେ। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ, ବରିଷ୍ଠ ବିଚାରପତି ତଥା ଜଷ୍ଟିସ୍ କେ.ଆର. ମହାପାତ୍ର, ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏବଂ ଜଷ୍ଟିସ୍ ଭି. ନରସିଂହ ପ୍ରମୁଖ ଉପସ୍ଥିତ ରହି ହାଇକୋର୍ଟ ଏବଂ କଟକ ସହରର ଅନ୍ୟ ସମସ୍ତ କୋର୍ଟର ସୁରକ୍ଷା ବ୍ୟବସ୍ଥା କିପରି କରାଯିବ ସେ ସଂକ୍ରାନ୍ତରେ ପୁଲିସ୍ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ପୁଲିସ୍‌ର ଏହି ବରିଷ୍ଠ ଅଧିକାରୀମାନେ ଭବିଷ୍ୟତରେ ଯେପରି ଅଦାଲତରେ କୌଣସି ପ୍ରକାର ଅଘଟଣ ନଘଟେ ବା କୌଣସି ଅଘଟଣ ଘଟିବା ପୂର୍ବରୁ ତାହାର କିପରି ମୁକାବିଲା କରାଯାଇ ପାରିବ ଏବଂ ସେଥିପାଇଁ କିଦ ପ୍ରକାର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ସେ ସଂକ୍ରାନ୍ତରେ ଉପସ୍ଥିତ ବିଚାରପତିଙ୍କୁ ଅବଗତ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଗତ କିଛିଦିନ ତଳେ ଓଡ଼ିଶା ହାଇକୋର୍ଟ ସମେତ କଟକ ଜିଲ୍ଲା ଜଜ୍‌କୋର୍ଟ ଏବଂ ଅନ୍ୟ କେତେକ କୋର୍ଟକୁ ବୋମା ବିସ୍ଫୋରଣରେ ଉଡ଼ାଇ ଦେବାକୁ ଇମେଲ୍ ଜରିଆରେ ଧମକ ମିଳିଥିଲା । ଏହି ଘଟଣା ସମଗ୍ର ରାଜ୍ୟରେ ଆତଙ୍କ ସୃଷ୍ଟି କରିଥିଲା । ଏହି ଘଟଣା ପରେ ହାଇକୋର୍ଟ ଏବଂ ଜିଲ୍ଲା ଜଜ୍‌କୋର୍ଟର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି ।

## ଟ୍ରଲି ଅଟୋକୁ ଧକ୍କା ଦେଇ ଘରେ ପଶିଲା କାର

ଦଶପଲ୍ଲା (ସବ୍ୟୁ): ମଙ୍ଗଳବାର ବିଳମ୍ବିତ ରାତିରେ ଦଶପଲ୍ଲା ଥାନା ଡ୍ୟାମ ଛକ ନିକଟରେ ଏକ ଲୁହାପାଇପ ବୋଝେଇ ଟ୍ରଲି ଅଟୋ ପଛରେ ଏକ କାର ଧକ୍କା ଦେବା ସହ ବଂଶୀଧର ନାଏକଙ୍କ ଘରେ ପଶିଯାଇଥିଲା । ଫଳରେ ଘରଟି ଭାଙ୍ଗିଯିବା ସହ ଏକ ବାଛୁରୀ ମୃତ୍ୟୁ ହୋଇଛି ଓ ଏକ ବଳଦ ଭାଙ୍ଗି ଗୁରୁତର ଆହତ ହୋଇଛି ଏହାସହ କାର ଡ୍ରାଇଭର ଓ କାର ରେ ବସିଥିବା ଅନ୍ୟଜଣେ ଆହତ ହୋଇଥିବା ବେଳେ ଟ୍ରଲିଅଟୋ ଡ୍ରାଇଭର ଆହତ ହୋଇଛନ୍ତି । ସମସ୍ତଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଆହତ ମାନଙ୍କ ପ୍ରକୃତ ନାମ ଜଣାପଡି ନଥିବାବେଳେ କାରରେ ଥିବା ଦୁଇ ଆହତଙ୍କ ଘର ଭୁବନେଶ୍ୱର ଓ ଟ୍ରେଲି ଅଟୋ ଡ୍ରାଇଭରଙ୍କ ଘର ଭାପୁର ବୋଲି ଜଣାପଡିଛି । ଏହି ଘଟଣାରେ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଦୁଇ ଗାଡିକୁ ଜବତ କରି ତଦନ୍ତ ଜାରି ରଖିଛି ।

## ଜଳିଗଲା ଚଳନ୍ତା ସ୍କୁଟର

ବାରଙ୍ଗ ,(ସବ୍ୟୁ): ଚଳନ୍ତା ସ୍କୁଟରେରେ ନିଆଁ ଲାଗି ଜଳି ଯାଇଛି । ତ୍ରିଶୂଳିଆ ଛକରେ ବୁଧବାର ସକାଳୁ ଏଭଳି ଘଟଣା ଘଟିଛି । ପଟିଆ ଅଞ୍ଚଳର ବିଶ୍ୱରଂଜନ ମହାନ୍ତି ନାମକ ଯୁବକ ଜଣଙ୍କ ଓଡି ୦୫ ବିୱାଇ ୭୭୦୯ ନମ୍ବର ପେଟ୍ରୋଲ ସ୍କୁଟରରେ ଚୌଦ୍ୱାର ଅଭିମୁଖେ ଯାଉଥିଲେ ତ୍ରିଶୂଳିଆ ବଜାର ରେ ପହଞ୍ଚିବା ବେଳେ କୌଣସି କାରଣରୁ ସ୍କୁଟରରେ ନିଆଁ ଲାଗିଯାଇଥିଲା । ଫଳରେ ସ୍କୁଟରଟି ହୁତୁହୁତୁ ହୋଇ ସଙ୍ଗେ ସଙ୍ଗେ ଜଳିବାକୁ ଆରମ୍ଭ କରିଥିଲା ।ସୌଭାଗ୍ୟ ବଶତଃ ଯୁବକ ଜଣକ ଗାଡିରୁ ଓହ୍ଲାଇ ପଡ଼ିଥିରୁ ଅଳ୍ପକେ ରକ୍ଷା ପାଇଯାଇଥିଲେ । ଖବର ପାଇ ବାରଙ୍ଗ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ହେଲେ ସେତେବେଳକୁ ସ୍କୁଟରଟି ସମ୍ପୂର୍ଣ୍ଣ ଜଳି ପୋଡ଼ି ନଷ୍ଟ ହୋଇ ଯାଇଥିବାର ଦେଖିବାକୁ ମିଳିଥିଲା ।

# ମନ୍ତ୍ରୀଙ୍କ ନାଁ'କହି ଡାକ୍ତରଙ୍କୁ ଠକେଇ

## ଦୁଇ ଗିରଫ, ୮୫ ହଜାର ଟଙ୍କା ଜବତ

ଭୁବନେଶ୍ୱର, (ସବ୍ୟୁ) : ମନ୍ତ୍ରୀଙ୍କ ନା'କହି ଡାକ୍ତରଙ୍କୁ ଠକେଇ କରିଥିବା ଦୁଇ ଅଭିଯୁକ୍ତଙ୍କୁ ଭରତପୁର ଥାନା ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ୮୫ ହଜାର ଟଙ୍କା ଜବତ କରିଛି । ବୁଧବାର ଦୁଇ ଅଭିଯୁକ୍ତ ବୀରେନ ପ୍ରଧାନ (୨୮) ଓ ସିଦ୍ଧାନ୍ତ ମିର୍ଦ୍ଧା (୨୫)କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଅଭିଯୋଗକାରୀ ସତ୍ୟସୁନ୍ଦର ମହାପାତ୍ର ଭରତପୁର ଥାନା ଅଞ୍ଚଳରେ ଥିବା ଏକ ପ୍ରତିଷ୍ଠିତ ହସ୍ପିଟାଲରେ ରେଡିଓଲୋଜି ଡାକ୍ତର ଭାବେ କାମ କରନ୍ତି । ଗତ ୧୮ ତାରିଖ ସକାଳେ ସେ ଡିଉଟିରେ ଥିବାବେଳେ ତାଙ୍କ ମୋବାଇଲକୁ ଏକ କଲ ଆସିଥିଲା । କଲ କରିଥିବା ବ୍ୟକ୍ତି ନିଜକୁ ଜଣେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ (ପିଏ) ବୋଲି ପରିଚୟ ଦେଇଥିଲା । ଅଭିଯୋଗକାରୀଙ୍କୁ ଜଣାଇଥିଲା ଯେ, ମନ୍ତ୍ରୀ ତାଙ୍କ ସହିତ ସ୍ୱାସ୍ଥ୍ୟସେବା ସମ୍ପର୍କରେ କଥା ହେବାକୁ ଚାହୁଁଛନ୍ତି । କାରଣ ସେ ରେଡିଓଲୋଜି ସେବା ସହିତ ଏକ ହସ୍ପିଟାଲ ପ୍ରତିଷ୍ଠା କରିବାକୁ ଯୋଜନା କରୁଛନ୍ତି । ଉକ୍ତ ବ୍ୟକ୍ତି ଜଣଙ୍କ ଜଣାଇଥିଲେ ଯେ, ମନ୍ତ୍ରୀ ଫୋନ୍ ଲାଇନ୍‌ରେ ଅଛନ୍ତି ଏବଂ ସେ ଆପଣଙ୍କ ସହ କଥା ହେବାକୁ ଚାହୁଁଛନ୍ତି । କିଛି ସମୟ ପରେ ଅଭିଯୁକ୍ତ ପ୍ରତାରଣାମୂଳକ ଉଦ୍ଦେଶ୍ୟରେ ନିଜ ସ୍ୱରକୁ ଗମ୍ଭୀର ସ୍ୱରରେ ପରିଣତ କରି ମନ୍ତ୍ରୀଙ୍କ ସ୍ୱର ଅନୁକରଣ କରି କଥା ହୋଇଥିଲା । ଏହି ଅନୁକରଣୀୟ ସ୍ୱରରେ ସେ ଅଭିଯୋଗକାରୀଙ୍କୁ ଜଣାଇଥିଲେ ଯେ, ଜଣେ ଦିବ୍ୟ ମାତା ତାଙ୍କ କାର୍ଯ୍ୟରେ ପ୍ରଭାବିତ ହୋଇଛନ୍ତି । ତାଙ୍କ ଡାଇଗ୍ନୋଷ୍ଟିକ୍ କେନ୍ଦ୍ରକୁ ଆଶୀର୍ବାଦ ଦେବାକୁ ଇଚ୍ଛା କରୁଛନ୍ତି । ପରବର୍ତ୍ତୀ ସମୟରେ ସେ ନିଜକୁ ସୌମ୍ୟରଞ୍ଜନ ପ୍ରଧାନ ବୋଲି ପରିଚୟ ଦେଇ କହିଥିଲା ଯେ, ସେମାନେ ବର୍ତ୍ତମାନ ଫୁଲବାଣୀ ମନ୍ଦିରରେ ଜୋଙ୍ଖାନ ଠାରେ ଅଛନ୍ତି ।ତା'ପରେ ସେ ପୁଣିଥରେ ନିଜ ସ୍ୱରକୁ ଗମ୍ଭୀର ଭାବେ ପରିବର୍ତ୍ତନ କରି ଜଣେ ମାତାଙ୍କ ସ୍ୱର ଅନୁକରଣ କରିଥିଲା । ନିଜକୁ ମୁଖ୍ୟ ପୂଜକ ବୋଲି ପରିଚୟ ଦେଇ ଦାବି କରିଥିଲେ ଯେ, ମାନ୍ୟବର ମନ୍ତ୍ରୀ ତାଙ୍କ ଶିଷ୍ୟ । ସେମାନେ ପୂଜାରେ ଜଡିତ ଅଛନ୍ତି । ଉକ୍ତ କଥାବର୍ତ୍ତା ସମୟରେ ଅଭିଯୁକ୍ତମାନେ ଶୁଭ ଅବସର ନାମ ଦେଇ ଅଭିଯୋଗକାରୀଙ୍କୁ ଟଙ୍କା ଦେବାକୁ ଅନୁରୋଧ କରିଥିଲେ । ସରୋଜ କୁମାର ମହାପାତ୍ରଙ୍କ ନାମରେ ଥିବା ଏକ ନିର୍ଦ୍ଦିଷ୍ଟ ମୋବାଇଲ ନମ୍ବରକୁ ୟୁପିଆଜି ମାଧ୍ୟମରେ ୩୫ ହଜାର ଟଙ୍କା ସ୍ଥାନାନ୍ତର କରିବାକୁ କହିଥିଲେ । ଅଭିଯୁକ୍ତମାନଙ୍କ ପରିବର୍ତ୍ତିତ ଗମ୍ଭୀର ସ୍ୱରକୁ ଅଭିଯୋଗକାରୀ ଡାକ୍ତର ସତ ଭାବି ୟୁପିଆଇ ମାଧ୍ୟମରେ ସେହି ନମ୍ବରକୁ ୩୫ ହଜାର ଟଙ୍କା ସ୍ଥାନାନ୍ତର କରିଥିଲେ । ପରେ ସେ ଅନୁଭବ କରିଥିଲେ ଯେ, ଅଭିଯୁକ୍ତମାନେ ମାନ୍ୟବର ମନ୍ତ୍ରୀ ଓ ଜଣେ ପୂଜକଙ୍କ ନାମ ବ୍ୟବହାର କରି ପରିବର୍ତ୍ତିତ ସ୍ୱର ମାଧ୍ୟମରେ ତାଙ୍କଠାରୁ ଟଙ୍କା ଠକି ନେଇଛନ୍ତି । ସେ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୋଗ ଅନୁଯାୟୀ ତଦନ୍ତ କରି ବୀରେନ ଓ ସିଦ୍ଧାନ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୮୫ ହଜାର ଟଙ୍କା ଜବତ କରିବାରେ ସମର୍ଥ ହୋଇଛି । ଦୁଇଜଣଙ୍କ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ କହିଛି ।

# କିସ୍‌ରେ ୭୬ତମ ପ୍ରୌଢ଼ ଶିକ୍ଷା ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : କିସ୍‌ରେ ମଙ୍ଗଳବାର ସର୍ବଭାରତୀୟ ପ୍ରୌଢ଼ ଶିକ୍ଷା ସମ୍ମିଳନୀ ଆରମ୍ଭ ହୋଇଛି। ସାମଗ୍ରିକ ଜାତୀୟ ବିକାଶରେ ପ୍ରୌଢ଼ ଶିକ୍ଷାର ଭୂମିକା ଉପରେ ଆଲୋଚନା ନିମନ୍ତେ ଏହି ସମ୍ମିଳନୀରେ ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ ଏବଂ ପ୍ରୌଢ଼ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଏଥିରେ ଯୋଗ ଦେଇଛନ୍ତି। ଏହି ସମ୍ମିଳନୀ ଭାରତୀୟ ପ୍ରୌଢ଼ ଶିକ୍ଷା ସଂଘ ଓ କିସ୍‌ର ମିଳିତ ସହଯୋଗରେ ଅନୁଷ୍ଠିତ ହେଉଛି। ଏହି ଅବସରରେ ଭାରତୀୟ ପ୍ରୌଢ଼ ଶିକ୍ଷା ସଂଘ ପକ୍ଷରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରୌଢ଼ ଶିକ୍ଷା କ୍ଷେତ୍ରରେ ଶ୍ରୀ ସାମନ୍ତଙ୍କ ଅବଦାନ ନିମନ୍ତେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ସାମନ୍ତ କହିଲେ, ଶିକ୍ଷା ମାଧ୍ୟମରେ ସାମାଜିକ ପରିବର୍ତ୍ତନକୁ ଗୁରୁତ୍ୱ ଦେଇ ସେ ଦୀର୍ଘ ୩୦ବର୍ଷ ହେଲା ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରିଆସୁଛନ୍ତି। ଆନୁଷ୍ଠାନିକ ଶିକ୍ଷା ସହ ପ୍ରୌଢ଼ ଶିକ୍ଷା କ୍ଷେତ୍ରରେ କିଟ୍ ଓ କିସ୍‌ର




ଉଲ୍ଲେଖନୀୟ ଯୋଗଦାନ ରହିଛି ବୋଲି ସେ କହିଥିଲେ। ଏ ନେଇ ଶ୍ରୀ ସାମନ୍ତ କିସ୍‌ରେ ଅନୁସୃତ ମଡ଼େଲ୍ ସମ୍ପର୍କରେ ଉଲ୍ଲେଖ କରି କହିଥିଲେ, ଶ୍ରେଣୀଗୃହ ବାହାରେ ଶିକ୍ଷାକୁ ପହଞ୍ଚାଇବା ପାଇଁ କିସ୍‌ର ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରାଯାଇଥାଏ। ପ୍ରତିବର୍ଷ ବିଦ୍ୟାଳୟ ଛୁଟି ସମୟରେ ଛାତ୍ରଛାତ୍ରୀମାନେ ନିଜ ନିଜ ଗାଆଁକୁ ଫେରିବା ବେଳେ ସେମାନଙ୍କୁ ନିଜ ଗାଁରେ ଅତିକମ୍ ରେ ୧୦ଜଣ ନିରକ୍ଷରଙ୍କୁ ସାକ୍ଷର କରିବା ପାଇଁ ପରାମର୍ଶ ଦିଆଯାଇଥାଏ। ତୃଣମୂଳ ସ୍ତରରେ ଯେତେବେଳେ ଶିକ୍ଷା ପହଞ୍ଚେ ଏହା ବହୁ ଗୁଣିତ ହୋଇଥାଏ ବୋଲି ସେ କହିଥିଲେ। ଏଥିସହ ଶ୍ରୀ ସାମନ୍ତ ଜନଜାତି ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ ସେବା, ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ କିଟ୍ ଓ କିସ୍‌ର ଉଲ୍ଲେଖନୀୟ ଯୋଗଦାନ ଉପରେ ଆଲୋକପାତ କରିଥିଲେ। ପ୍ରୌଢ଼ ଶିକ୍ଷା ସାମାଜିକ ପରିବର୍ତ୍ତନର ଏକ ପ୍ରମୁଖ ମାଧ୍ୟମ ବୋଲି ସେ କହିଥିଲେ । ସାଧାରଣ ଲୋକଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା, ଅଜ୍ଞତା ଓ ନିରକ୍ଷରତା ଦୂରକରିବା, ଆନ୍ତଃ ରାଜ୍ୟ ସହଯୋଗକୁ ପ୍ରୋତ୍ସାହିତ କରିବା, ସାଧାରଣ ଲୋକଙ୍କ ପାଇଁ ପଠନ ସାମଗ୍ରୀ ପ୍ରସ୍ତୁତ ଓ ବଣ୍ଟନ ଏବଂ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରୌଢ଼ ଶିକ୍ଷା କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବେ ଅଂଶ ଗ୍ରହଣ କରିବା ପାଇଁ ଉତ୍ସାହିତ କରିବା ହେଉଛି ଭାରତୀୟ ପ୍ରୌଢ଼ ଶିକ୍ଷା ସଂଘର ପ୍ରମୁଖ କାର୍ଯ୍ୟ।

## ନୂଆବଜାର ସେଣ୍ଟ ଜାଭିୟର୍ସରେ ଆଶୀର୍ବାଦ ଉତ୍ସବ ସଂକଳ୍ପ

କଟକ, (ସବ୍ୟୁ) : ବୁଧବାର ନୂଆବଜାରସ୍ଥିତ ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡରୀ ଇଂରାଜୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଚଳିତ ବର୍ଷର ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବାଦ ଉତ୍ସବ "ସଂକଳ୍ପ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ବିଦ୍ୟାଳୟର ମହାନିର୍ଦ୍ଦେଶକ ଡଃ ଜି. ଏସ୍ ପଟ୍ଟନାୟକ ମୁଖ୍ୟ ଅତିଥିରୂପେ ଯୋଗ ଦେଇ ଉତ୍ସବର ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ସେବା ମନୋବୃତ୍ତିରେ ଉଦ୍‌ବୁଦ୍ଧ ହେବା ପାଇଁ ଉପଦେଶ ଦେବା ସହିତ ସେମାନଙ୍କର ଆଗାମୀ ଭବିଷ୍ୟତର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଏହି ଅବସରରେ ନବମ ଓ ଏକାଦଶ ଶ୍ରେଣୀର ଛାତ୍ର ଛାତ୍ରୀମାନେ ନୃତ୍ୟ , ନାଟକ, ଗୀତ ଆଦି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ତରଫରୁ ଆଲମାମାଟର ଓ ସ୍ମୃତି ଫଳକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟର ଅଧକ୍ଷ ଡଃ ପ୍ରଦୀପ କୁମାର ତ୍ରିପାଠୀ ଛାତ୍ରଛାତ୍ରୀ ମାନଙ୍କୁ ଭବିଷ୍ୟତରେ ସଫଳତା ପ୍ରାପ୍ତି ସହ ନିଜକୁ ଏକ ଉତ୍ତମ ନାଗରିକ ରୂପେ ଗଢି



ତୋଳିବା ପାଇଁ ଉପଦେଶ ଦେଇଥିଲେ । ଇତି ମଧ୍ୟରେ ଦଶମ ଶ୍ରେଣୀର ଛାତ୍ର ଓମ୍ ପ୍ରକାଶ ବେହେରା, ଛାତ୍ରୀ ଆଦ୍ୟାଶା ବିଶ୍ୱାଳ ଓ ଦ୍ୱାଦଶ ଶ୍ରେଣୀର ଛାତ୍ର ହମାଦ ଅହମ୍ମଦ ଓ ଛାତ୍ରୀ ଶ୍ରୀବଲ୍ଲୀ ସ୍ୱଙ୍ଗସ୍ମିତା ମାଷ୍ଟର ଜେଭିୟର୍ସ ଓ ମିସ୍ ଜେଭିୟର୍ସ ରୂପେ ସମ୍ମାନିତ କରାଯାଇଥିଲା । ପରିଶେଷରେ ବିଦ୍ୟାଳୟର ଡେପୁଟି ହେଡବୟ ଓ ଡେପୁଟି ହେଡ୍ ଗାର୍ଲ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇ ଉତ୍ସବର ପରିସମାପ୍ତି କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମଟିକୁ ନିର୍ଦ୍ଦେଶକ ଡଃ ପ୍ରଭୁଚରଣ ମହାନ୍ତି ଓ ସମସ୍ତ ମହଲରେ ପ୍ରଶଂସା କରାଯାଇଥିଲା ।

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଦୁର୍ଲଭ ପଦ୍ମବେଶ

ପୁରୀ, (ସବ୍ୟୁ) : ପବିତ୍ର ମାଘ ମାସ ଶୁକ୍ଲପକ୍ଷ ପ୍ରତିପଦା ତିଥିରେ ବୁଧବାର ରାତ୍ରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଦୁର୍ଲଭ ପଦ୍ମବେଶ ଅନୁଷ୍ଠିତ ହୋଇଛି । ବଡସିଂହାର ନୀତିରେ ଏହି ପଦ୍ମବେଶରେ ବିଭୂଷିତ ହୋଇ ଥିଲେ ଚତୁର୍ଦ୍ଧା ବିଗ୍ରହ। ଶ୍ରୀଜୀଉଙ୍କ ବିଭିନ୍ନ ଚିତାକର୍ଷକ ବେଶ ମଧ୍ୟରୁ ଏହି ପଦ୍ମବେଶ ଅନନ୍ୟ। ପରମ୍ପରା ମୁତାବକ ମାଘ ମାସ ଶୁକ୍ଲପକ୍ଷ ପ୍ରତିପଦା ଠାରୁ ବସନ୍ତପଞ୍ଚମୀ ମଧ୍ୟରେ ଯେଉଁ ଦିନ ବୁଧବାର କିମ୍ବା ଶନିବାର ପଡିଥାଏ ସେହିଦିନ ମହାପ୍ରଭୁଙ୍କର ପଦ୍ମବେଶ ଅନୁଷ୍ଠିତ ହୋଇଥାଏ। ସେହି ପରିପ୍ରେକ୍ଷୀରେ ଆଜି ମହାପ୍ରଭୁଙ୍କ ପଦ୍ମବେଶ ଅନୁଷ୍ଠିତ ହୋଇଛି। ମୁଣ୍ଡ ଠାରୁ ପାଦ ପର୍ଯ୍ୟନ୍ତ ଅର୍ଥାତ ଆପାଦ ମସ୍ତକ ପଦ୍ମ ଫୁଲରେ ବିଭୂଷିତ ହୋଇ ଥିଲେ ଚତୁର୍ଦ୍ଧାବିଗ୍ରହ। ଦୁର୍ଲଭ ପଦ୍ମବେଶ ପାଇଁ ବେଶ କାରିଗରଙ୍କ ଦ୍ୱାରା ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଆଜି ଶ୍ରୀମନ୍ଦିର ଭିତରକୁ ସଂଧ୍ୟାରେ ଏହି ବେଶ ଯାଇ ଥିଲା ।ସୋଲ, ଜରି, କନା, କଇଥ ଅଠାରେ ପ୍ରସ୍ତୁତ ପଦ୍ମବେଶକୁ ବଡଛତା ମଠ ପକ୍ଷରୁ ପ୍ରସ୍ତୁତ କରାଯାଇଥାଏ। କୀରୀଟ, ଚୂଳ, ହୃଦପଦକ, କରପଲ୍ଲବ, ଶ୍ରୀମୁଖ ପଦ୍ମରେ ବିଭୂଷିତ ହୋଇ ଝଲସିଥାନ୍ତି ମହାପ୍ରଭୁ। ତେବେ ମନୋହର ଦାସଙ୍କ ସ୍ମୃତିରେ ପଦ୍ମବେଶ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ବେଳେ ଏହା ପଛରେ ଅନେକ ତତ୍ତ୍ୱ ରହିଛି।

## ଜାନୁଆରୀ ୩୧ରୁ ପୁରୀରେ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ

ଦେଶ ବିଦେଶରୁ ୧୫ ହଜାର ଭକ୍ତ, ଦେଶର ପ୍ରସିଦ୍ଧ ସାଧୁସନ୍ଥଙ୍କ ସମାଗମ

ଭୁବନେଶ୍ୱର, (ସବ୍ୟୁ) : ଶ୍ରୀମତ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ପ୍ରତିଷ୍ଠିତ ନୀଳାଚଳ ସାରସ୍ୱତ ସଂଘପକ୍ଷରୁ ୭୫ତମ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଏମାସ ୩୧ ତାରିଖ ଠାରୁ ୩ ଦିନ ପର୍ଯନ୍ତ ପୁରୀର ତାଳବଣିଆ ପଡିଆରେ ଅନୁଷ୍ଠିତ ହେବ । ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ ହେଉଛନ୍ତି ବିଶ୍ୱ ଆଧ୍ୟାତ୍ମିକ ଇତିହାସର ଜଣେ ବିରଳ ବକ୍ତିତ୍ୱ । ସେ ସନାତନ ହିନ୍ଦୁ ଧର୍ମର ୪ଟି ଯାକ ମାର୍ଗ - ତବ, ଜ୍ଞାନ, ଯୋଗ ଓ ପ୍ରେମ ମାର୍ଗରେ ସିଦ୍ଧି ଲାଭ କରିଥିଲେ । ତାଙ୍କ ଦ୍ୱାରା ପ୍ରର୍ବିତ ଏହି ଭକ୍ତ ସମ୍ମିଳନୀର ପଦ୍ମରାଗ ଜୟନ୍ତୀ ସମାରୋହକୁ ବର୍ଣ୍ଣାଢ ଭାବେ ପାଳନ କରାଯାଉଛି । ଏହି ୩ ଦିନିଆ ସମ୍ମିଳନୀରେ ଭାରତ ଓ ଭାରତ ବାହାରର ପ୍ରାୟ ୧୨ହଜାରରୁ ବେଶୀ ଭକ୍ତ ଭାଗ ନେବାକୁ ଯାଉଛନ୍ତି । ଏଥିସହ ଦେଶର ପ୍ରମୁଖ ସନ୍ଥ ଯେପରି ସ୍ୱାମୀ ପ୍ରଜ୍ଞାନାନନ୍ଦଗିରି ମହାରାଜ ଏବଂ ମୁକୁନ୍ଦାନନ୍ଦଜୀ ମହାରାଜ ତଥା ପରମାତ୍ମାନନ୍ଦ ମହାରାଜ ଏବଂ ମହାତ୍ମା ଦୀନବନ୍ଧୁ ଦାସ ଯୋଗ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଫେବୃୟାରୀ ୨ ତାରିଖ ଦିନ ଗଜପତି ମହାରାଜ ଦିବସିଂହ ଦେବଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ । ଜାନୁୟାରୀ ୩୦ ତାରିଖ ଦିନ ଏକ ଭବ ଶୋଭାଯାତ୍ରାରେ ପୁରୀ ସ୍ମୃତି ମନ୍ଦିରରୁ ଶ୍ରୀଶ୍ରୀ ଠାକୁର ମହାରାଜଙ୍କୁ ନିଆଯାଇ ତାଳବଣିଆ ପଡିଆ ସମ୍ମିଳନୀ କ୍ଷେତ୍ରରେ ବିରାଜମାନ କରାଯିବ । ମଙ୍ଗଳବାର ଦିନ ପୁରୀୟୁଥ ହଷ୍ଟେଲ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ମିଳନୀ ବାବଦରେ ବିଶେଷ ସୂଚନା ପ୍ରଦାନ କରାଯାଇଥିଲା । ଏହି ସମ୍ମିଳନୀ ଅବସରରେ ଭକ୍ତମାନଙ୍କ ଦ୍ୱାରା ଏକ ରକ୍ତଦାନ ଶିବିରର ମଧ୍ୟ ଆୟୋଜନ କରାଯିବ ବୋଲି ସଂଘର ସଭାପତି ସନ୍ତୋଷ କୁମାର ମହାନ୍ତି ପ୍ରକାଶ କରିଥିଲେ । ପରିଚାଳକ ଶରତଚନ୍ଦ୍ର ସିଂହଦେଓ ଏହି ଭକ୍ତ ସମ୍ମିଳନୀ ପାଇଁ କରାଯାଉଥିବା ବିଭିନ୍ନ ପ୍ରକାର ଆୟୋଜନ ବାବଦରେ ବିଷଦ ଭାବେ ବତାଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନମାନଙ୍କ ମଧ୍ୟରେ ନୀଳାଚଳ ସାରସ୍ୱତ ସଂଘର ଉପସଭାପତି କୀର୍ତ୍ତନ ବିହାରୀ ପାତ୍ର ଓ ସମ୍ପାଦକ ନରେଶ ଚନ୍ଦ୍ର ପତି ମଧ ଯୋଗ ଦେଇଥିଲେ ।

## ପୁରୀରେ ପ୍ରଥମ ପର୍ଯ୍ୟାୟରେ ପହଞ୍ଚିଲା ୮୩ ଖଣ୍ଡ ରଥକାଠ

ପୁରୀ, (ସବ୍ୟୁ) : ୨୦୨୬ ମସିହାରେ ଅନୁଷ୍ଠିତ ହେବାକୁ ଥିବା ମହାପ୍ରଭୂ ଶ୍ରୀଜଗନ୍ନାଥଙ୍କର ପବିତ୍ର ଘୋଷଯାତ୍ରା ଉପଲକ୍ଷେ ମଙ୍ଗଳବାର ରାତିରେ ପ୍ରଥମ ପର୍ଯ୍ୟାୟ ରଥ କାଠ ଦଶପଲ୍ଲା ବନାଞ୍ଚଳ ଅନ୍ତର୍ଗତ ଟାକରା ଫରେଷ୍ଟ ସେକ୍ସନରୁ ପୁରୀରେ ଆସି ପହଞ୍ଚିଛି। ପ୍ରଥମ ପର୍ଯ୍ୟାୟରେ ୩ ଟି ଟ୍ରକରେ ୮୩ ଖଣ୍ଡ ରଥକାଠ ସରସ୍ୱତୀ ପୂଜାରେ ପୂଜାର୍ଚ୍ଚନା ପାଇଁ ଆସି ପହଞ୍ଚିଛି। ଗତ ସୋମବାର ବନବିଭାଗ ଓ ମିଟୁକୁଳି ଭିଏସଏସ କମିଟି ସମନ୍ୱୟରେ ପାରମ୍ପରିକ ବିଧି ମତେ ପୂଜାର୍ଚ୍ଚନା କରି ନାମ ସଙ୍କୀର୍ତ୍ତନ ତାଳେ ତାଳେ ରଥକାଠ ବୋଝେଇ ୩ ଟି ଟ୍ରକକୁ ଶ୍ରୀକ୍ଷେତ୍ର ଧାମ ପୁରୀ ଅଭିମୁଖେ ପ୍ରେରଣ କରାଯାଇଥିଲା। ମଙ୍ଗଳବାର ମହାବୀର କ୍ଷେତ୍ର ଦଶପଲ୍ଲାର ଶ୍ରୀମହାବୀର ମନ୍ଦିରରେ ପୂଜାର୍ଚ୍ଚନା ପରେ ପୁରୀ ଶ୍ରୀକ୍ଷେତ୍ରରେ ପହଞ୍ଚିଥିବା ଦେଖିବାକୁ ମିଳିଛି। ୩ ଟି ଟ୍ରକରେ ସର୍ବମୋଟ ୮୩ ଖଣ୍ଡ କାଠ ଅସନ ଓ ଧଉରା କାଠ ପୁରୀରେ ପହଞ୍ଚିଥିବା ଜଣାପଡିଛି।

## ଗଞ୍ଜେଇ ଜବତ : ମହିଳା ଗିରଫ

ଦଶପଲ୍ଲା,(ସବ୍ୟୁ): ଦଶପଲ୍ଲା ଥାନା ଠାରୁ ଦୁଇଶହ ମିଟର ଦୂରରେ ଥିବା ଦଶପଲ୍ଲା ବସଷ୍ଟାଣ୍ଡ ରୁ ପୋଲିସ ଜଣେ ମହିଳାଙ୍କ ଠାରୁ ୬ କେଜି ଗଞ୍ଜେଇ ଜବତ କରିବା ସହ ମହିଳାଙ୍କୁ ଗିରଫ କରିଛି । ଗିରଫ ମହିଳା ଙ୍କ ନାଁ ଅନିତା କଂହର ଓ ତାଙ୍କଘର କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ କମମପଡା ଗ୍ରାମରେ । ମହିଳା ଜଣକ ଏକ ବ୍ୟାଗ ରେ ଗଞ୍ଜେଇ ଧରି ଠିଆ ହୋଇଥିବା ବେଳେ ପୋଲିସ ପହଞ୍ଚି ତାଙ୍କ ବ୍ୟାଗରୁ ୬ କେଜି ଗଞ୍ଜେଇ ଜବତ କରିଥିଲା । ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁକରି ମହିଳାଙ୍କୁ କୋର୍ଟ ଚାଲାଣ କରିଛି ।

# ମହାନଦୀ ରିଭରଫ୍ରଣ୍ଟ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କଲେ ନଗର ଉନ୍ନୟନ ମନ୍ତ୍ରୀ

## ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ) : ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର କଟକର ମହାନଦୀ ରିଭରଫ୍ରଣ୍ଟ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଏହି ପ୍ରକଳ୍ପ ହେଉଛି ଏକ ପ୍ରମୁଖ ସହରୀ ପୁନରୁଦ୍ଧାର ପଦକ୍ଷେପ, ଯାହାର ଲକ୍ଷ୍ୟ ହେଉଛି ନଦୀ କୂଳକୁ ଏକ ଜୀବନ୍ତ ସାଧାରଣ, ସାଂସ୍କୃତିକ ଏବଂ ମନୋରଞ୍ଜନ ସ୍ଥଳରେ ପରିଣତ କରିବା ସହ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ଏବଂ ସାମଗ୍ରିକ ସହରୀ ପରିବେଶରେ ଉନ୍ନତି ଆଣିବା। ପ୍ରାୟ ୧୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ମହାନଦୀ କୂଳର ୪୨୬ ଏକର ପରିମିତ ଅଞ୍ଚଳରେ ଏହି ପ୍ରକଳ୍ପ ବିକଶିତ ହେବ ଏବଂ ଏହାକୁ ତିନୋଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ରହିଛି। ୨୦୨୫-୨୬ ଆର୍ଥିକ ବର୍ଷର ରାଜ୍ୟ ବଜେଟରେ ୧୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇ ଏହି ପ୍ରକଳ୍ପ ପାଇଁ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ସୁନିଶ୍ଚିତ କରାଯାଇଛି। ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଡକ୍ଟର ମହାପାତ୍ର ନିର୍ଦ୍ଧାରିତ ପ୍ରକଳ୍ପକୁ ଶୀଘ୍ର ଆରମ୍ଭ କରିବା ପାଇଁ ସମସ୍ତ ସାମ୍ବିଧାନିକ ମଞ୍ଜୁରୀ, ଟେଣ୍ଡର ପ୍ରକ୍ରିୟା ଏବଂ ପ୍ରାଥମିକ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଅନୁମୋଦିତ ମାଷ୍ଟର ପ୍ଲାନ ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ବାଲିଯାତ୍ରା ପଡ଼ିଆରୁ ସାମୁଦ୍ରିକ ସଂଗ୍ରହାଳୟ ପର୍ଯ୍ୟନ୍ତ ୩.୨ କିଲୋମିଟର ଲମ୍ବା ରିଭରଫ୍ରଣ୍ଟ ପ୍ରୋମେନେଡ୍ ବିକାଶ ସହ ବାଲିଯାତ୍ରା ଅଞ୍ଚଳରେ ପାଦଚଲା ରାସ୍ତା ଏବଂ ଅତ୍ୟାବଶ୍ୟକ ଉପଯୋଗୀ ଭିତ୍ତିଭୂମି ଉପରେ ଧ୍ୟାନ ଦିଆଯିବ। ଦ୍ୱିତୀୟ ପର୍ଯ୍ୟାୟରେ ପରିବେଶ ସ୍ଥିରତା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇ ମାଷ୍ଟର ପ୍ଲାନରେ ଥିବା ଅବଶିଷ୍ଟ ଅଞ୍ଚଳରେ ପାଦଚଲା ରାସ୍ତା, ଭୂତଳ ସେବା ଏବଂ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟ କରାଯିବ। ତୃତୀୟ ପର୍ଯ୍ୟାୟରେ ବିଭିନ୍ନ ମନୋରଞ୍ଜନ, ସାଂସ୍କୃତିକ ଏବଂ ପର୍ଯ୍ୟଟନଭିତ୍ତିକ ସୁବିଧା ସୁଯୋଗ ସୃଷ୍ଟି କରାଯିବ। ଏଥିରେ 'କଟକ ହାଟ' ଏବଂ 'ହେରିଟେଜ୍ ଭିଲେଜ୍', ଫୁଡ୍ ଟ୍ରାକ୍ ଏବଂ ପ୍ରବେଶ ପଥ ଜୋନ୍, ଖେଳପଡ଼ିଆ, ସେନସୋରି ପାର୍କ, ଫିଟନେସ୍ ଜୋନ୍, ନେଚର ଇଣ୍ଟରପ୍ରିଟେସନ୍ ସେଣ୍ଟର, ପ୍ରବେଶ ପ୍ଲାଜା, ଥିମାଟିକ୍ ଗାର୍ଡେନ୍, ଏକ ମୁକ୍ତାକାଶ ସାମୁଦ୍ରିକ ସଂଗ୍ରହାଳୟ ଏବଂ ଆଡଭେଞ୍ଚର ଜୋନ୍ ସମେତ ଅନ୍ୟାନ୍ୟ ସାଧାରଣ ସୁବିଧା ସୁଯୋଗ ଅନ୍ତର୍ଭୁକ୍ତ ରହିଛି। ଏହି ପ୍ରକଳ୍ପ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଦ୍ୱାରା ଏକ ଖୋଲା ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ କାର୍ଯ୍ୟକାରୀ ହେବ। ସିଡିଏ ଉପାଧ୍ୟକ୍ଷା ସୁଶ୍ରୀ କିରଣଦୀପ କୌର ସାହୋଟା ପ୍ରକଳ୍ପର ରୂପରେଖ ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହାପରେ ପ୍ରକଳ୍ପର ସମୟସୀମା ଏବଂ କାର୍ଯ୍ୟକାରୀ କୌଶଳ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ସମୀକ୍ଷା ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଶତ୍ରୁଘ୍ନ କର, ରବୀନ୍ଦ୍ର ସାହୁଙ୍କ ସମେତ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ବିଭାଗ ଓ ସିଡିଏର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗବେଷଣାଧର୍ମୀ ପୁସ୍ତକ 'ଓଡିଶାର ପକ୍ଷୀ' ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ) : ଭାରତୀୟ ବିଦ୍ୟାଭବନ ପ୍ରେକ୍ଷାଳୟରେ ପକ୍ଷୀଘର ପ୍ରକାଶିତ ଡ. କୃଷ୍ଣମୋହନ ଦାସଙ୍କ ଗବେଷଣାଧର୍ମୀ ପୁସ୍ତକ ଓଡିଶାର ପକ୍ଷୀ ଅତିଥି ମାନଙ୍କ ଉନ୍ମୋଚିତ



ହୋଇଯାଇଛି। ଡ. ରବିନାରାୟଣ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ସମ୍ବାଦ ଗ୍ରୁପ ର ଅଧକ୍ଷ ସୌମ୍ୟରଂଜନ ପଟ୍ଟନାୟକ ଭାବେ ଯୋଗଦେଇ କହିଲେ କୃଷ୍ଣ ମୋହନ ଦାସଙ୍କ ଏହି ଗବେଷଣା ଧର୍ମୀ ପୁସ୍ତକଟି ପକ୍ଷୀମାନଙ୍କ ଉପରେ ଅନେକ ଅଜଣା ତଥ୍ୟ ଥିବାରୁ ଅନେକ ପାଠକ ପଢିବା ପାଇଁ ଚାହିଁବେ ।୩୧ଟି ପକ୍ଷୀଙ୍କ ଉପରେ ଗବେଷଣା କରିବା ପକ୍ଷୀ ମାନଙ୍କ ର ଘର ଗଢିବାର କଳା, କୋଇଲି କିପରି କାଉ ବସାରେ ଅଣ୍ଡା ଦିଏ ଓ ତାକୁ କିପରି ଯତ୍ନ ନିଏ ଏହିପରି ଅନେକ କଥା ଯାହା ପ୍ରତ୍ୟେକ ବ୍ୟକ୍ତି ଜାଣିବାକୁ ଇଚ୍ଛା କରିବେ।ଦୀର୍ଘ ବର୍ଷର ପକ୍ଷୀଙ୍କ ଉପରେ ଅଧ୍ୟୟନ ପରେ ପ୍ରସ୍ତୁତ ଏହି ପୁସ୍ତକ କେବଳ ପକ୍ଷୀମାନଙ୍କ ଉପରେ ଗବେଷଣା ନୁହେଁ ବରଂ ସାଧାରଣ ପାଠକମାନେ ଏହା କୁ ପଢିବାକୁ ଇଚ୍ଛା କରିବେ। ବିଶିଷ୍ଟ ଶିକ୍ଷବିତ ଡ. ପାର୍ବତୀ ଚରଣ ପତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପୁସ୍ତକଟିକୁ ସମୀକ୍ଷା କରି ୩୧ଗୋଟି ପକ୍ଷୀର ସ୍ୱତନ୍ତ୍ରତା ସେମାନଙ୍କ ମାନସିକତା ର ବିଶେଷତ୍ୱ ଆଲୋଚନା କରିଥିଲେ।ବିଶିଷ୍ଟ ପୂର୍ବତନ ପ୍ରଶାସକ ଡ଼. ରବିନାରାୟଣ ସେନାପତି ପକ୍ଷୀ ମାନଙ୍କ ମାନସିକତା, ସାମାଜିକ ତଥା ବୈଜ୍ଞାନିକ ତଥ୍ୟ ଉପରେ ପର୍ଯ୍ୟବେକ୍ଷିତ ଏହି ପୁସ୍ତକ ସାଧାରଣ ପାଠକ ମାନେ ଯେତିକି ମଜା ନେଇ ପାରିବେ ଗବେଷଙ୍କ ପାଇଁ ମଧ ଏହା ଏକ ଚମତ୍କାର ପୁସ୍ତକ. ପୁସ୍ତକ ର ଲେଖକ ଡ଼. କୃଷ୍ଣମୋହନ ଦାସ ଦୀର୍ଘ ବର୍ଷ ର ଗବେଷଣା ର ଏ ପୁସ୍ତକ ହେଉଛି ତାର ଫଳ, ବକ୍ତବ୍ୟ ରେ କହିଥିଲେ ।ଡ଼. କୁମୁଦିନୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ।ଙ୍କ ପକ୍ଷୀଘର ପ୍ରକାଶିକା ବବିତା ଦାଶ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।ପକ୍ଷୀଘରର ମୁଖ୍ୟ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ତ୍ରିରଙ୍ଗା କ୍ଲବ ଦ୍ୱାରା ସମ୍ବର୍ଦ୍ଧିତ ହେଲେ ଶିକ୍ଷକ ସୋମନାଥ ସିଂହ




ବାରିପଦା, (ସବ୍ୟୁ) : ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡ ସ୍ଥିତ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ଆୟୋଜିତ ମକର ମହୋତ୍ସବର ଉଦଯାପନୀ ସନ୍ଧ୍ୟାରେ ଏହି ୱାର୍ଡରେ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ପୂର୍ବତନ ପ୍ରଧାନ ଶିକ୍ଷକ ସୋମନାଥ ସିଂହଙ୍କୁ ଅତିଥିଙ୍କ ହାତରେ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ସିଂହଙ୍କ ଉଦ୍ୟମରେ ବିଦ୍ୟାଳୟଟି ଜିଲ୍ଲା ତଥା ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ସହ ଏହାର ଛାତ୍ରଛାତ୍ରୀ ମାନେ ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ କୃତିତ୍ୱ ହାସଲ କରି ବିଦ୍ୟାଳୟ ତଥା ଜିଲ୍ଲା ପାଇଁ ସୁନାମ ଆଣିଛନ୍ତି। ଜଣେ ଆଦର୍ଶ ଶିକ୍ଷକ ସହିତ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରି ଶ୍ରୀ ସିଂହ ବହୁବାର ଜିଲ୍ଲା ତଥା ରାଜ୍ୟ ସ୍ତରରେ ସମ୍ମାନିତ ହୋଇଛନ୍ତି।

ପ୍ରକାଶ ଥାଉକି ୩୪ବର୍ଷର ଶିକ୍ଷକତା ଭିତରେ ତାଙ୍କର ବହୁ ଛାତ୍ରଛାତ୍ରୀ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ବେଳେ ଅନେକ ପାଠପଢା ଛାଡ଼ିଥିବା ଛାତ୍ରଛାତ୍ରୀ ମଧ୍ୟ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିଛନ୍ତି।

ତ୍ରିରଙ୍ଗା କ୍ଲବ ସହିତ ଯୋଡ଼ିହୋଇ ବୃକ୍ଷରୋପଣ ଓ ରକ୍ତଦାନ ଆଦି ମହାତ କାର୍ଯ୍ୟ କରିବା ସହ ମକର ମହୋତ୍ସବର ରୂପରେଖ ବଦଳେଇବା ସହ ଏହାର ପ୍ରଚାର ପ୍ରସାର ଦିଗରେ ତଥା ବିଦ୍ୟାଳୟର ଉନ୍ନତି ପାଇଁ ନେଇଥିବା ପଦକ୍ଷେପ ବେଶ ପ୍ରଶଂସନୀୟ ବୋଲି ସ୍ଥାନୀୟ କାଉନସିଲର ନିରୁପମା ମହାନ୍ତିଙ୍କ ସମେତ କ୍ଲବର ସଭାପତି ଆଲୋକ କୁମାର ମହାନ୍ତି, ଉପ ସଭାପତି ରବୀନ୍ଦ୍ର କୁମାର ମହାନ୍ତି ତଥା ସକ୍ରିୟ ସଦସ୍ୟ ସରୋଜ କୁମାର ମହାପାତ୍ର (ଲିଟନ) ଜଣାଇଛନ୍ତି। ଖବର ପାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ, ଶିକ୍ଷକ/ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଚଳିତବର୍ଷ ମାର୍ଚ୍ଚ ୩୧ତାରିଖ ଦିନ ସେ ଚାକିରିରୁ ଅବସର ଗ୍ରହଣ କରିବାପରେ ସମାଜସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରିବେ ବୋଲି ପ୍ରକାଶ କରିଛନ୍ତି।

# ସରକାରଙ୍କ ଚାଷୀ ମାରଣ ନୀତି ବିରୋଧରେ ଆନ୍ଦୋଳନ କରିବ ଓଡ଼ିଶା ଚାଷୀ ସୁରକ୍ଷା ଅଭିଯାନ

ବ୍ରହ୍ମପୁର, (ସବ୍ୟୁ) : ସ୍ଥାନୀୟ ନବୀନ ଭବନ ପରିସରରେ ଓଡ଼ିଶା ଚାଷୀ ସୁରକ୍ଷା ଅଭିଯାନର ବୈଠକ ଆବାହକ ରବି ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମର ବିଭିନ୍ନ ଚାଷୀ ସଂଗଠନର ସଦସ୍ୟମାନେ ସରକାରଙ୍କ ଚାଷୀ ମାରଣ ନୀତି ବିରୋଧରେ ଦୁର୍ବାର ଆନ୍ଦୋଳନ ହେବ ବୋଲି ଆହ୍ୱାନ ଦେଇଥିଲେ । ଗଂଜାମ ଜିଲ୍ଲାର ଧାନ ଫସଲ ହେଉଛି ମୁଖ୍ୟ ଫସଲ। ଜିଲ୍ଲାରେ ୫ ଲକ୍ଷ ୨୦ ହଜାର ଚାଷୀ ଧାନ ଚାଷ କରୁଥିବା ବେଳେ ପ୍ରାୟ ୨.୫ ଲକ୍ଷ ଭାଗ ଚାଷୀ ଧାନ ଚାଷ କରିଥାନ୍ତି। ପ୍ରତିବର୍ଷ ମାତ୍ର ୪୦ ଭାଗ ଚାଷୀଙ୍କ ଧାନ କିଣାଯାଇଥାଏ ।

ଭାଗ ଚାଷୀ, ଚୋଟ ଚାଷୀ ଓ ନାମ ମାତ୍ର ଚାଷୀମାନେ ପଞ୍ଜିକରଣର ସମସ୍ୟା ଥିବାରୁ ମଧ୍ୟସ୍ଥି ବେପାରୀ ମାନଙ୍କୁ କମ ଦରରେ ବିକି ଲକ୍ଷ ଲକ୍ଷ ଟଙ୍କା କ୍ଷତି ସହୁଛନ୍ତି। କେନ୍ଦ୍ର ସରକାର ଚଳିତ ବର୍ଷ ଧାନର ସହାୟକ ମୂଲ୍ୟ କ୍ୱିଣ୍ଟାଲ ୨୩୬୯/- ଟଙ୍କା କରିଥିବା ବେଳେ ରାଜ୍ୟ ସରକାରଙ୍କ ବୋନସ ମିଶାଇ ୩୧୦୦ ଟଙ୍କା ଦେବାକୁ ଘୋଷଣା କରିଛନ୍ତି । ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ଠାରୁ କମ୍ ଦରରେ ଧାନ କିଣିବା ଦଣ୍ଡନୀୟ ଅପରାଧ। ଆମ ପଡ଼ୋଶି ରାଜ୍ୟ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ରେ ଏମ୍.ଏସ୍.ପି ଦର ଠାରୁ କମ୍ ଦରରେ କୌଣସି ଚାଷୀ ଧାନ ବିକନ୍ତି ନାହିଁ। ସେହି ସରକାର ଚାଷୀଙ୍କ ଧାନ ଏମଏସପି ଦରରେ ବିକିବା ପାଇଁ ଚାହିଦା ସୃଷ୍ଟି କରିଛନ୍ତି । ହେଲେ ଓଡିଶାରେ ବିଚିତ୍ର ବ୍ୟବସ୍ଥା । ଏହି ମହାଦୁର୍ନୀତିରେ ଅସାଧୁ ମିଲ ମାଲିକ ଓ ଦୁର୍ନୀତିଗ୍ରସ୍ତ ଯୋଗାଣ, ସମବାୟ ମିଶନ୍ ଶକ୍ତି ଅଧିକାରୀ ମାନେ ମିଶି ମଧୁଚନ୍ଦ୍ରିକା କରୁଥିବାରୁ ପ୍ରତିବର୍ଷ କୋଟି କୋଟି ଟଙ୍କା କ୍ଷତି ସହୁଛନ୍ତି । ମାର୍କେଟିଙ୍ଗ ଇନସ୍ପେକଫର ଓ ଯୋଗାଣ ବିଭାଗ ମାନେ ଗୋଟିଏ ଲଟ ଚାଉଳ ଇସି ଦେବା ପାଇଁ ୮୦୦୦ ଟଙ୍କା କମିଶନ ନେଇଥାନ୍ତି ।

ବ୍ଲକ୍‌ର ବିପିସି ମାନେ ମହିଳା ଗ୍ରୁପ୍ ଠାରୁ ଲକ୍ଷ ଲକ୍ଷ ଟଙ୍କା କମିଶନ ନିଅନ୍ତି । ମିଲରମାନେ ଅଧିକାରୀମାନଙ୍କୁ କମିଶନ ଦେଉଥିବାରୁ ଚାଷୀଙ୍କୁ ଅଧିକା ଧାନ ଠକି ନେଉଛନ୍ତି । ସରକାର ଝଣ୍ଟିକା ମାରି ବଣି ପୋଷୁଛନ୍ତି । ଫଳରେ ଚାଷୀମାନେ ହଇରାଣ ହେଉଛନ୍ତି । ଜିଲ୍ଲା ପ୍ରଶାସନ ସବୁ ଜାଣି ନୀରବ ରହୁଛନ୍ତି । ଏଣୁ ଧାନ କିଣାରେ ହେଉଥିବା ଦୁର୍ନିତିର ତଦନ୍ତ କରିବା ପାଇଁ ଓଡ଼ିଶା ଚାଷୀ ସୁରକ୍ଷା ଅଭିଯାନର ଆବାହକ ରବି ରଥ ମା' ରତନେଇ କୃଷକ ସଂଘର ନାରାୟଣ ପ୍ରଧାନ, ବଳଦେବ କୃଷକ ସଂଘର ବାଉରିବନ୍ଧୁ ସାହୁଁ, ବାହୁଦା କୃଷକ ସଂଘର ହୃଷିକେଶ ନାୟକ, ସର୍ବେଶ୍ୱର କୃଷକ ସଂଘର ରମେଶ ଗୌଡ଼ ଏବଂ ଋଷିକୂଲ୍ୟା ରୟତ ମହାସଭାର ସୀମାଞ୍ଚଳ ନାହାକ ଏକ ମହାଦୁର୍ନୀତିର ତଦନ୍ତ କରି ଚାଷୀଙ୍କୁ ନ୍ୟାୟ ଦେବେ ବୋଲି ସରକାରଙ୍କ ଠାରେ ଚାଷୀ ସଂଗଠନ ମାନେ ଦାବି କରିଛନ୍ତି। କଟ୍‌ନୀ ଛଟନୀ ବନ୍ଦ କରି ସରକାରୀ ଦରରେ ଧାନ ନକିଣିଲେ ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀ ସଂଗଠନ ମାନେ ଚେତାବନୀ ଦେଇଛନ୍ତି ।

# ବରିଷ୍ଠ ନାଗରିକ ମଞ୍ଚର ବନବିହାର କାର୍ଯ୍ୟକ୍ରମ

ଧରାକୋଟ, (ସବ୍ୟୁ) : ଧରାକୋଟ ନିକଟସ୍ଥ ଶାନ୍ତିଝର ପୀଠରେ ବ୍ରହ୍ମପୁରର ଜ୍ୟୋତି ନଗର ଓ ବ୍ରହ୍ମା ନଗରର ବରିଷ୍ଠ ନାଗରିକ ମଞ୍ଚର ବନ ବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପୋଲିସ ଅଧିକାରୀ ଶରତ ଚନ୍ଦ୍ର ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାଗରିକ ମଞ୍ଚର ସଭାପତି ହିନ ବେହେରା, କାର୍ଯ୍ୟକାରୀ ସଭାପତି ଡ ଅଜିତ ହୋତା, ଉପ ସଭାପତି ଶିଶିର ପଟନାୟକ, ସମ୍ପାଦକ ସୁରେନ୍ଦ୍ର ପାଢ଼ୀ, କାର୍ଯ୍ୟକାରୀ ସମ୍ପାଦକ ସୁକାନ୍ତ ପଟନାୟକ, କୋଷାଧ୍ୟକ୍ଷ ନରୋତ୍ତମ ଦାସ ଓ ସଂଯୋଜକ ଉମାଶଙ୍କର ପାଣିଙ୍କ ସମେତ ଶତାଧିକ ବରିଷ୍ଟ ନାଗରିକ ଉପସ୍ଥିତ ରହିଥିଲେ । ଏହି ଅବସରରେ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ବିଭିନ୍ନ ଯୋଜନା ଉପରେ ଆଲୋଚନା କରାଯାଇଥିଲା ।

# ଗଞ୍ଜାମର ଉଭୟ ବାଳିକା ଓ ବାଳକ ଜୁନିଅର ହ୍ୟାଣ୍ଡବଲ ଦଳ ଚାମ୍ପିଅନ

ବ୍ରହ୍ମପୁର, (ସବ୍ୟୁ) : ରାୟଗଡା ଜିଲ୍ଲାର ବିଷମକଟକ ଠାରେ ଚାଲିଥିବା ୩୧ତମ ଆନ୍ତଜିଲ୍ଲା ବାଳିକା ଓ ବାଳକ ଦଳ ଅଂଶଗ୍ରହଣ କରି ବାଳିକା ଦୋଳ ସେମିଫାଇନାଲରେ କେନ୍ଦୁଝରକୁ (୧୨-୦୮) ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା । ଫାଇନାଲରେ ଜଗତସିଂପୁରକୁ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ (୧୬-୧୫) ମାତ୍ର ଗୋଟିଏ ଗୋଲ ବ୍ୟବଧାନରେ ପରାସ୍ତ କରି ଚମ୍ପିଆନ ହୋଇଥିଲା । ସେହିପରି ବାଳକ ଦଳ ସେମିଫାଇନାଲରେ ପ୍ରତିପକ୍ଷ କେନ୍ଦୁଝରକୁ (୧୬-୧୨) ଗୋଲ ବ୍ୟବଧାନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା । ଫାଇନାଲରେ ପୁରୀକୁ (୧୯-୧୪) ଗୋଲ୍ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇ ଚମ୍ପିଆନ ହୋଇଥିଲା । ପୂର୍ବରୁ ବାଳିକା ଦଳ ହ୍ୟାଟ୍ରିକ ଚମ୍ପିଆନ ହୋଇଥିବା ବେଳେ ଚଳିତ ଥର ମିଶାଇ କ୍ରମାଗତ ୪ର୍ଥ ଥର ଚମ୍ପିଆନ ପାଇଁ ହୋଇଛନ୍ତି । ଚାମ୍ପିଅନ ଗଞ୍ଜାମ ବାଳିକା ଦଳର ସସ୍ମିତା ଦାସ ଉନ୍ନତ ଖେଳ ପ୍ରଦର୍ଶନ କରି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଉଭୟ ଦଳର ଖେଳାଳୀଙ୍କ ଏହି ସଫଳତା ପାଇଁ ଗଞ୍ଜାମ ଜିଲ୍ଲା ସଂଘର କାର୍ଯ୍ୟକାରି ସଭାପତି ଆଶୋକ କୁମାର ଶୁକ୍ଲ, ଉପ ସଭାପତି ରାଜେଶ କୁମାର ସାହୁ, ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ି, ସାଙ୍ଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, କୋଷାଧ୍ୟକ୍ଷ ଡ଼ା ମନୋଜ କୁମାର ପାତ୍ର, ଏନଆଇଏସ କୋଚ ପ୍ରଶାନ୍ତ କୁମାର ରଥଙ୍କ ସହ ଜିଲ୍ଲାର ସବୁ ଖେଳାଳି ଓ କର୍ମକତା ଶୁଭେଚ୍ଛା ଜଣାଇ ଖୁସି ବ୍ୟକ୍ତ କରିଛନ୍ତି । ଖେଳାଳିଙ୍କୁ ସ୍ୱାଗତ ନିମନ୍ତେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଷ୍ଟେସନ ଆସି ବିଜୟୀ ଖେଳାଳିଙ୍କୁ ସ୍ୱାଗତ କରିବା ସହ କେକ୍ କାଟି ଶୁଭେଚ୍ଛା ପ୍ରଦାନ କରିଛନ୍ତି ।

# ମେଧାବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଧରାକୋଟ, (ସବ୍ୟୁ): ଧରାକୋଟ ବ୍ଲକର ସରଧାପୁର କ୍ଲଷ୍ଟରର କୁସରାବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତିନି ଜଣ ଛାତ୍ରଛାତ୍ରୀ ମେଧା ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ବେଳେ ପଞ୍ଚମ ଶ୍ରେଣୀର ଛାତ୍ରୀ ଇପ୍‌ସିତା ଡାକୁଆ ବ୍ଲକ ସ୍ତରରେ ଟପର ହୋଇଛନ୍ତି। ସେହିପରି ପଞ୍ଚମ ଶ୍ରେଣୀର ଦେବାଶିଷ ପାଣି ଓ ତୃତୀୟ ଶ୍ରେଣୀର ପ୍ରଗତି ପଟ୍ଟନାୟକ ଯଥାକ୍ରମେ ସପ୍ତମ ଓ ଅଷ୍ଟମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ।



ଏହି ଅବସରରେ ସିଆରସିସି କିରଣବାଳା ନାୟକଙ୍କ ପୌରୋହିତ୍ୟରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷକ ରମେଶ ଚନ୍ଦ୍ର ବେହେରା, ବିଚିତ୍ର ନନ୍ଦ ପୋଲେଇ, ସଞ୍ଜୟ କୁମାର ଡାକୁଆ, ରାଜକୁମାରୀ ନାୟକ, ଶ୍ୱେତପଦ୍ମା ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର ଓ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରକାଶ ଯୋଗ୍ୟ ଗତବର୍ଷ ମଧ୍ୟ ଏହି ବିଦ୍ୟାଳୟର ଚାରି ଜଣ ଛାତ୍ରଛାତ୍ରୀ ମେଧା ବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିଥିଲେ ।

# ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ ସଫଳତା ନେଇ ବୈଠକ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକଙ୍କ ସଭାପତିତ୍ୱରେ ସ୍ଥାନୀୟ ମହାତ୍ମାଗାନ୍ଧୀ ସମ୍ମିଳନୀ କକ୍ଷ ଠାରେ ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ ୨୦୨୬ର ସଫଳ କାର୍ଯ୍ୟକାରିତା ପାଇଁ ଜିଲ୍ଲା ସମନ୍ୱୟ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା କିଶୋର କୁମାର ଆଚାର୍ଯ୍ୟ, ଅତିରିକ୍ତ ଚିକିତ୍ସା ଅଧିକାରୀ ଡା ବିଜୟ କୁମାର ଦାଶ, ଡିପିଏମ ଅନିଲ କୁମାର ମହାନ୍ତି, ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ସମେତ ସମନ୍ୱୟ କମିଟିର ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇଥିଲେ । ଜାତୀୟ କୁଷ୍ଠ ନିବାରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଅଭିଯାନକୁ ଜାନୁଆରୀ ୩୦ ତାରିଖରେ ବିଶ୍ୱ କୁଷ୍ଠ ଦିବସ ଭାବେ ପାଳନ କରାଯାଉଥିବାରୁ ଏହି ବୈଠକରେ କୁଷ୍ଠରୋଗକୁ ହ୍ରାସ କରିବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବା ଏବଂ କୁଷ୍ଠରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ପ୍ରତି ଭେଦଭାବକୁ ବିଲୋପ କରିବା ପାଇଁ ଜିଲ୍ଲାବ୍ୟାପୀ କୁଷ୍ଠରୋଗୀ ଚିହ୍ନଟ ଏବଂ ଉପଚାର ପାଇଁ ଉନ୍ନତ ମାନର ଚିକିତ୍ସା ସେବା ନିମନ୍ତେ ବ୍ୟାପକ ରଣନୀତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଚଳିତ ଜାନୁଆରୀ ମାସ ୩୦ ତାରିଖରୁ ଆଗାମୀ ୧୩ ଫେବୃଆରୀ ,୨୦୨୬ ପର୍ଯ୍ୟନ୍ତ ଏହି ସ୍ପର୍ଶ କୁଷ୍ଠ ସଚେତନତା କାର୍ଯ୍ୟକ୍ରମ ବିଭିନ୍ନ ବିଭାଗର ସମନ୍ୱୟରେ ସଫଳତା ସହିତ ସମ୍ପାଦନ କରାଯିବ ।

# ଜାତୀୟ କନ୍ୟା ସନ୍ତାନ ଦିବସ ଉପଲକ୍ଷେ ସଚେତନତା ପଦଯାତ୍ରା

ବାରିପଦା, (ସବ୍ୟୁ) : ଜାତୀୟ କନ୍ୟାସନ୍ତାନ ଦିବସ ୨୦୨୬ ପାଳନ ଅବସରରେ ଲିଙ୍ଗଗତ ବୈଷମ୍ୟତା ତଥା କନ୍ୟା ସନ୍ତାନ ପ୍ରତି ନକାରାତ୍ମକ ଭେଦଭାବକୁ ଦୂର କରିବା ନିମନ୍ତେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବାରିପଦା ଠାରେ ଏକ ଜିଲ୍ଲାସ୍ତରୀୟ ପଦଯାତ୍ରା ଅନୁଷ୍ଠିତ ହୋଇଅଛି ।

ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାଏକ ପତାକା ଦେଖାଇ ଉକ୍ତ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା କିଶୋରୀ ବାଳିକା, ଅଙ୍ଗନୱାଡି କର୍ମୀ, ସିଡିପିଓ, ସୁପରଭାଇଜର, ମହିଳା ସଶକ୍ତିକରଣର କର୍ମକର୍ତ୍ତା ମାନେ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ ।



ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଣୀ ନିହାରିକା ମହାନ୍ତି, ଜିଲ୍ଲା ସୁରକ୍ଷା ଅଧିକାରୀଣୀ ସସ୍ମିତା ମହାନ୍ତି, ସମାଜ କଲ୍ୟାଣ ଅଧିକାରୀ ଅନ୍ନପୂର୍ଣ୍ଣା ବୁରୁଡ଼ା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତା ମୟୀ ବିଶ୍ୱାଳ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ହବର ଜିଲ୍ଲା ସଂଯୋଜକ ସିମାନ୍ତ ଦିଗାର ଓ ଅନ୍ୟାନ୍ୟ ଅଧିକାରୀ ଗଣ ପାଦଯାତ୍ରାରେ ସାମିଲ ହୋଇ ଅଂଶଗ୍ରହଣକାରି ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପଦଯାତ୍ରାରେ କନ୍ୟା ଶିଶୁର ଅଧିକାର ଯନି ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ଦିଆଯାଇଥିଲା।

# ଭାଜପା ଜିଲ୍ଲା ଉପ ସଭାପତିଙ୍କୁ ସମ୍ବର୍ଦ୍ଧନା

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଭାଜପାର ଉପ ସଭାପତି ଅଞ୍ଜଳି ପ୍ରଧାନଙ୍କୁ ବୁଧବାର ଦିନ କିଶୋରନଗର ଭାଜପା ପକ୍ଷରୁ କିଶୋରନଗର ବ୍ଲକ ହଣ୍ଡପା ଥାନା ନାକିଚି ନିକଟରେ ସମ୍ବର୍ଦ୍ଧନା ଦିଆଯାଇଛି। ମଣ୍ଡଳ ସଭାପତି ସଂଜୀବ ପାତ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥି ଭାବରେ ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲ୍ଲା ଭାଜପା ସଭାପତି ଯଯାତି କେଶରୀ ପଟ୍ଟନାୟକ, ପୂର୍ବତନ ସଭାପତି ଦିଲେଶ୍ୱର ପ୍ରଧାନ, ଭାଜପା ନେତା ଡ଼ ଅଲେଖ ପ୍ରଧାନ, ବିଶ୍ୱଜିତ ମିଶ୍ର, ଶୀତୁ ସାହୁ,ଜେନାମଣି ପ୍ରଧାନ, ପ୍ରମୁଖ ଯୋଗ ଦେଇ ଅଞ୍ଜଳିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆ ଯାଇଥିଲା।

ଏଥିସହ କିପରି ସଂଗଠନ ମଜ ଭୁତ ହେବା ସହ ଆଗକୁ ସମସ୍ତ ସରକାରୀ ଯୋଜନା ଲୋକଙ୍କ ଠାରେ ପହଂଚିବ ସେ ନେଇ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆ ଯାଇଥିଲା। ଏଥିରେ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ।

# ବାରମ୍ବାର ସାଇକେଲ ଚୋରି, ପୋଲିସ ହାତ ଖାଲି

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ପୋଲିସ ଥାନା ଅଞ୍ଚଳରେ ସାଇକେଲ ଚୋରି ଏକ ସାଧାରଣ ଘଟଣା ପାଲଟିଥିବା ବେଳେ ଚୋରିକୁ ପ୍ରତିହତ କରିବା କ୍ଷମତା କୁଆଡେ ପୋଲିସ ପାଖରେ ନଥିବା ନେଇ ସାଧାରଣରେ ସମାଲୋଚନା ଚର୍ଚ୍ଚା ଜୋର ଧରିଛି । ପୋଲିସର ନିଷ୍କ୍ରିୟତାର ସୁଯୋଗ ନେଇ ସକ୍ରିୟ ଥିବା ସାଇକେଲ ଚୋରଙ୍କ ଅଭିଯାନ ଏବେ ସହରାଞ୍ଚଳରେ ବୃଦ୍ଧି ପାଇଛି । ବୁଗୁଡା ସହରର ବିଭିନ୍ନ ମାର୍କେଟ୍ କମ୍ପ୍ଲେକ୍ସ ଏବଂ କୋଚିଂ ସେଣ୍ଟର, ଷ୍ଟେଟ ବ୍ୟାଙ୍କ ଏବଂ ବ୍ଲକ ଛକରୁ ସାଇକେଲ ଚୋରି ହୋଇଥିବା ଅଭିଯୋଗ ହେଉଛି । ସେହିପରି ବୁଗୁଡା ବଜାର, ଡ୍ରାଇଫ୍ରୁଡ୍ ଦୋକାନ ସମ୍ମୁଖରୁ ବି ସାଇକେଲ ଚୋରି ହୋଇଯାଇଛି। ଅନ୍ୟପକ୍ଷରେ ନିରଞ୍ଜନ ମହାରଣାଙ୍କ ବୁଲେଟ୍ ଗାଡିଟି ନୃସିଂହ ମନ୍ଦିର ସାହିରୁ ତାଙ୍କର ଶଶୁର ଘର ସାମ୍ନାରୁ ଗତ ୧୧ ତାରିଖ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ପୋଲିସର ଅପାରଗତାରୁ ବୁଗୁଡା ସହରରେ ସାଇକେଲ ଚୋରି ଏକ ସାଧାରଣ ଘଟଣା ପାଲଟିଥିବା ବେଳେ ଲୋକଙ୍କ ମଧ୍ୟରେ ପୋଲିସ ପ୍ରତି ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ କେତେକ ସାଇକେଲ ଚୋରି ଘଟଣାର ଦୃଶ୍ୟ ମଧ୍ୟ ସିସିଟିଭି କ୍ୟାମେରାରେ ରହିଥିଲେ ମଧ୍ୟ ଚୋରକୁ ଧରିବା କ୍ଷମତା ସ୍ଥାନୀୟ ପୋଲିସର ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି । ସଂପ୍ରତି ସହରରେ ସାଇକେଲ ଚୋରଙ୍କ ସକ୍ରିୟତା ଏବଂ ପୋଲିସର ନିଷ୍କ୍ରିୟତା ଯୋଗୁଁ ଲୋକଙ୍କ ମଧ୍ୟରେ ଭାଳେଣି ପଡିଯାଇଛି । ତେବେ ବୁଗୁଡା ଅଞ୍ଚଳରେ ଜାରି ରହିଥିବା ଏଭଳି ଘନ ଘନ ସାଇକେଲ ଚୋରି ଭଳି ଅପରାଧିକ ଘଟଣାକୁ ପ୍ରତିହତ କରିବା ଦିଗରେ ପୋଲିସ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ ଦାବି ହେଉଛି ।

# ଉତ୍ସର୍ଗର ବାର୍ଷିକ ଉତ୍ସବ

କଟକ, (ସ୍ୱପ୍ର) : କଟକର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଉତ୍ସର୍ଗର ବାର୍ଷିକ ଉତ୍ସବ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରୋଟାରିଆନ ରାଜଲକ୍ଷ୍ମୀ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ହାଇକୋର୍ଟର ପ୍ରାକ୍ତନ ବିଚାରପତି ନ୍ୟାୟମୂର୍ତ୍ତି ଅନନ୍ତ ସୂର୍ଯ୍ୟ ନାରାୟଣ ନାଇଡୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଆକାଶବାଣୀ ଓ ଦୂରଦର୍ଶନର ପ୍ରାକ୍ତନ କେନ୍ଦ୍ର ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖିକା ପ୍ରଫେସର ସୁଲୋଚନା ଦାସ ଯୋଗ ଦେଇଥିଲେ । ଉତ୍ସର୍ଗର ସମ୍ପାଦିକା ଶକୁନ୍ତଳା ପଟ୍ଟନାୟକ ସଂପାଦକୀୟ ବିବରଣୀ ପାଠ କରିଥିଲେ ।



ନାଟ୍ୟକାର ସଂଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଡକଫର ଅରୁଣା ଆଚାର୍ଯ୍ୟ, ବସୁନ୍ଧରା ସେବା ଅନୁଷ୍ଠାନ, ମମତା ମଞ୍ଜରୀ ଦାସ, ଗୁରୁବାରୀ ଦାସ ଓ ସଞ୍ଜୟ କୁମାର ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଆଶୁତୋଷ ପତି ଓ ସିପ୍ରା କର ସଂଯୋଜନା କରିଥିଲେ । ଯୁବ କଣ୍ଠଶିଳ୍ପୀ ଅଭିରାମ ଖୁଣ୍ଟିଆ ଓ ମୋନାଲୀ ମଧୁସ୍ମିତା ସଙ୍ଗୀତ ପରିବେଷଣ କରିଥିଲେ । କଣ୍ଠଶିଳ୍ପୀ ସୁନୀଲ କୁମାର ମଲ୍ଲିକ ଓ ସାଥୀ କଟକ ଉପରେ ଏକ ବିଶେଷ ସଙ୍ଗୀତ ପରିବେଷଣ କରିଥିଲେ । ଛୋଟ ଛୋଟ ପିଲାମାନେ ମଧ୍ୟ ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶନ କରିଥିଲେ । ଅନୁଷ୍ଠାନର ଯୁଗ୍ମ ସମ୍ପାଦିକା ଡକଫର ସୌଦାମିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଟିପିଏସ୍‌ଓଡିଏଲ୍ ପକ୍ଷରୁ ବ୍ୟାପକ ଅଭିଯାନ

ବ୍ରହ୍ମପୁର, (ସବ୍ୟୁ) : ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେରଖି ଦକ୍ଷିଣ ଓଡ଼ିଶାର ଜଙ୍ଗଲ ଏବଂ ଶସ୍ୟ କ୍ଷେତ୍ରରେ ବନ୍ୟପ୍ରାଣୀ ଶିକାରକୁ ରୋକିବା ପାଇଁ ନିଆଯାଇଛି ବହୁ ଅଭିନବ ପଦକ୍ଷେପ। କମ୍ପାନୀ ତରଫରୁ ବିଦ୍ୟୁତ ଲାଇନ ତାରର ଉନ୍ନତୀକରଣ କରାଯାଇଛ । ମୁକୁଳା (ବେୟାର) କଣ୍ଡକଫରଗୁଡ଼ିକୁ ଇନସୁଲେଟେଡ କଣ୍ଡକଫରରେ ପରିଣତ କରାଯାଇଛି । ବିଶେଷ କରି ଜଙ୍ଗଲ ସଂଲଗ୍ନ ସମ୍ବେଦନଶୀଳ ଅଞ୍ଚଳରେ ଏହି କାର୍ଯ୍ୟ ସମ୍ପାଦନ କରାଯାଇଛି । ଫଳରେ ବନ୍ୟପ୍ରାଣୀମାନେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବେ ନାହିଁ ଏବଂ ସେମାନଙ୍କ ଜୀବନ ସୁରକ୍ଷିତ ହୋଇପାରିବ । ଏଥିସହିତ ବିଜୁଳି ତାର ବିଛାଇ ଅବୈଧ ଶିକାରରେ ରୋକ ଲଗା ଯାଇପାରିବ । ସାଧାରଣତଃ ଭାବେ ବହୁ ଗ୍ରାମାଞ୍ଚଳରେ ତଥା ଜମି ନିକଟବର୍ତ୍ତୀ ଜଙ୍ଗଲ ସଂଲଗ୍ନ ଅଞ୍ଚଳମାନଙ୍କରେ ଫସଲ ସୁରକ୍ଷା ନିମିତ୍ତ ବିଜୁଳି ତାର ବିଛା ଯାଇଥାଏ । ଯାହାର



ସଂସ୍ପର୍ଶରେ ଆସି ବନ୍ୟପ୍ରାଣୀମାନେ ଆଘାତପ୍ରାପ୍ତ ହୋଇ ଥାଆନ୍ତି । ଏହି ଧାରାରେ ରୋକ ଲଗାଇବା ପାଇଁ ଟିପିଏସ୍‌ଓଡିଏଲ୍ ତରଫରୁ ବନ ବିଭାଗ ସହ ମିଳିତ ଭାବରେ ପାଟ୍ରୋଲିଂ କରାଯାଉଛି । ଏହାଦ୍ୱାରା ସ୍ଥାନୀୟ ଜନସାଧାରଣଙ୍କୁ ଏ ଦିଗରେ ସଚେତନ କରିବା, ବିଜୁଳି ତାର ବିଛାଇ ବନ୍ୟପ୍ରାଣୀଙ୍କ ଶିକାର କରିବାର କୁପରିଣାମ ବାବଦରେ ଜଣାଯିବା ସହ ସଚେତନ କରାଯାଉଛି । ଏହିକ୍ରମରେ ଗଞ୍ଜାମ ଜିଲ୍ଲାର ଉତ୍ତର ଘୁମୁସର ବନଖଣ୍ଡ, ଭଞ୍ଜନଗର ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡ ସହ ଟିପିଏସ୍‌ଓଡିଏଲ ପ୍ରତି ମାସରେ ଆୟୋଜିତ ମାସିକ ସମୀକ୍ଷା ବୈଠକରେ ଭାଗ ନେଉଛି ।

ବୈଠକରେ ବନଖଣ୍ଡ ଅଧିକାରୀଙ୍କ ସମେତ ଏସିଏଫ୍ ଏବଂ ଟିପିଏସ୍‌ଓଡିଏଲର ଅଧୀକ୍ଷଣ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ ବିଭିନ୍ନ ସେକ୍ସନର ମୁଖ୍ୟମାନେ ଯୋଗ ଦେଉଛନ୍ତି । ଏହି ପ୍ରୟାସ ଫଳରେ ଜଗନ୍ନାଥ ପ୍ରସାଦ, ଟିଲିସିଙ୍ଗି, ସୋରଡ଼ା, କଣ୍ଟେଇପାଲ୍ଲୀ, କ୍ଷେତ୍ରୀୟବରପୁର, ବେଲଗୁଣ୍ଠା ଏବଂ ବଡ଼ଗଡ଼ ଆଦି ଅଞ୍ଚଳର ଜନସାଧାରଣ ଉପକୃତ ହୋଇଛନ୍ତି । ସେହିଭଳି ଗଞ୍ଜାମ ଜିଲ୍ଲାର ଆସିକା, ହିଞ୍ଜିଳିକାଟୁ, ସେରଗଡ଼ ଆଦି ବ୍ଲକ ସହ କନ୍ଧମାଳ ଜିଲ୍ଲାର ଚକାପାଦ ବ୍ଲକରେ ବନ ବିଭାଗ ସହ ମିଳିତ ଭାବେ ଟିପିଏସ୍‌ଓଡିଏଲର ପାଟ୍ରୋଲିଂ ଏବଂ ବିଦ୍ୟୁତ ତାରର ଉନ୍ନତୀକରଣ ଜାରି ରହିଛି । କୋରାପୁଟ ଓ ରାୟଗଡ଼ା ଜିଲ୍ଲାର ଜଙ୍ଗଲ ସଂଲଗ୍ନ ଅଞ୍ଚଳ ଏବଂ ଶସ୍ୟକ୍ଷେତ୍ରଗୁଡ଼ିକରେ ବନ ବିଭାଗ ସହ ଟିପିଏସ୍‌ଓଡିଏଲର ମିଳିତ ଭାବେ ପାଟ୍ରୋଲିଂ ଜାରି ରହିଛି । ବିଜୁଳି ତାର ବିଛାଇ ପଶୁ ଶିକାର ଭଳି ଅବୈଧ କାର୍ଯ୍ୟକୁ ରୋକିବା ଏବଂ ହୁକିଂ ଆଦିକୁ ବନ୍ଦ କରିବା ପାଇଁ ପ୍ରୟାସ ଜାରି ରହିଛି । ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ବନ୍ୟପ୍ରାଣୀଙ୍କ ସହିତ ବନ ବିଭାଗ କର୍ମଚାରୀ ଏବଂ ସାଧାରଣ ଲୋକଙ୍କ ଜୀବନକୁ ସୁରକ୍ଷିତ ରଖିବା ।

କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର, କାକିରିଗୁମ୍ମା, ଦଶମନ୍ତପୁର ଏବଂ ରାୟଗଡ଼ା ଜିଲ୍ଲାର ଗୁଣୁପୁର ଉପଖଣ୍ଡର ଜନସାଧାରଣ ଏଥିରେ ଉପକୃତ ହୋଇଛନ୍ତି । ବନ ବିଭାଗ ସହ ମିଳିତ ଭାବରେ ପାଟ୍ରୋଲିଂ କରିବା ଓ ବିଦ୍ୟୁତ ଭିତ୍ତିଭୂମିର ବିକାଶ କରିବା ସହ ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମିତ୍ତ ଟିପିଏସ୍‌ଓଡିଏଲ୍ ତରଫରୁ ଅନ୍ୟାନ୍ୟ ବ୍ୟାପକ ପଦକ୍ଷେପ ନିଆଯାଉଛି । ଟିପିଏସ୍‌ଓଡିଏଲ୍ କେବଳ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣର ଲକ୍ଷ୍ୟରେ ସୀମିତ ହୋଇ ରହିବ ନାହିଁ ବରଂ ଉଭୟ ବନ୍ୟପ୍ରାଣୀ ଏବଂ ଜନସାଧାରଣଙ୍କ ସୁରକ୍ଷା ପ୍ରତି ଅଧିକ ଯନିବାନ ହୋଇପାରିଛି ।

# ରାଜନେତା ରେବତୀ ମୋହନ ନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା

ବୁଗୁଡା, (ସବ୍ୟୁ) : ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଘନିଷ୍ଠ ସହଯୋଗୀ ତଥା ବୁଗୁଡା ରାଜନୈତିକ ପରିମଣ୍ଡଳରେ ଭୀଷ୍ମ ପିତାମହ ରୂପେ ସୁପରିଚିତ ଦିବଂଗତ ରାଜନେତା ରେବତୀ ମୋହନ ନାୟକଙ୍କ ଦ୍ୱାଦଶାହରେ ତାଙ୍କର ପୈତୃକ ଗ୍ରାମ ବି.କରଡ଼ାବାଡ଼ିରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଡାକ୍ତର ଦୟାନିଧି ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଶୋକସଭା କାର୍ଯ୍ୟକ୍ରମରେ ପ୍ରାକ୍ତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ ଶ୍ରୀକାନ୍ତ ସାହୁ, ପ୍ରାକ୍ତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଲତିକା ପ୍ରଧାନ, ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ଓ ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ବ୍ରହ୍ମପୁର ନଗର ନିଗମ ମେୟର ସଙ୍ଘମିତ୍ରା ଦଳେଇ, ଗଞ୍ଜାମ ଜିଲ୍ଲା ବିଜେଡି ପ୍ରାକ୍ତନ ସଭାପତି ସୁବାସ ଚନ୍ଦ୍ର ମହାରଣା, ବିଜେଡି ଯୁବ ସଭାପତି ନଚିକେତା ସ୍ୱାଇଁ, ହିଞ୍ଜିଳିକାଟୁ ବିଧାୟକ ପ୍ରତିନିଧି ଦେବେନ୍ଦ୍ର ମହାପାତ୍ର, ବୁଗୁଡ଼ା ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ରାମନାରାୟଣ ସାହୁ ଓ କିଶୋର ଚନ୍ଦ୍ର ବେହେରା, ବଂଶୀଧର ନାୟକ, ନିରଞ୍ଜନ ପ୍ରଧାନ, ଅକ୍ଷୟ ରାଉତ, ଅନିଲ ସାହୁ ପ୍ରମୁଖ ମଞ୍ଚାସୀନ ରହିଥିଲା ବେଳେ ପୋଲସରା ବିଧାୟକ ପ୍ରତିନିଧି ହରିକୃଷ୍ଣ ସାହୁ, ଜୟନ୍ତୀ ପଢିଆରୀ, ଗଙ୍ଗାଧର ନାୟକ, ହରପ୍ରସାଦ ଦାଶ, ଦେବରାଜ ବେହେରା, ଖଦାଳ ଖଟେଇ, ଗୌରଚରଣ ପ୍ରଧାନ, ସୂର୍ଯ୍ୟ ନାରାୟଣ ମହାନ୍ତି, ମଦନ ଗୋପାଳ ଦୋରାଙ୍କ ସମେତ ବହୁ ରାଜନୈତିକ ବ୍ୟକ୍ତିବିଶେଷ ଏବଂ ଗ୍ରାମବାସୀ ଉପସ୍ଥିତ ରହିଥିଲେ । ଏ ଅବସରରେ ଦିବଂଗତ ରେବତୀ ମୋହନଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ ଏବଂ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା ସହ ତାଙ୍କର ସ୍ମୃତିଚାରଣ କରାଯାଇଥିଲା । ଦେଶ ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ୧୦ ନଭେମ୍ବର ୧୯୩୭ରେ ଜନ୍ମିତ ୮୯ ବର୍ଷୀୟ ରେବତୀ ମୋହନ ସୁଶିକ୍ଷା ଗ୍ରହଣ ସହ ରାଜ୍ୟର ତୁଙ୍ଗ ରାଜନେତାଙ୍କ ସହିତ ସୁସମ୍ପର୍କ ସ୍ଥାପନ କରି ବୁଗୁଡା ବ୍ଲକର ୩ ଥର ଅଧ୍ୟକ୍ଷ, ଗଞ୍ଜାମ ଜିଲ୍ଲା ପରିଷଦର ଅଧ୍ୟକ୍ଷ, ଜିଲ୍ଲା ବିଜେଡି ସଭାପତି, କାର୍ଡ ବ୍ୟାଙ୍କର ରାଜ୍ୟ ସଭାପତି, ଭଞ୍ଜନଗର ଆରସିଏମର ସଭାପତି ପଦମଣ୍ଡନ କରି ଅଞ୍ଚଳର ଗୌରବ ବୃଦ୍ଧି କରିଥିଲେ । ସେ ଜଣେ ମେଳାପୀ, ମିଷ୍ଟଭାଷୀ ଓ ଖୁସି ମିଜାଜର ବ୍ୟକ୍ତି ଥିଲେ । ତାଙ୍କର ଆଦର୍ଶମୟ ଜୀବନ ଦର୍ଶନ ପ୍ରେରଣାଦାୟକ ଥିଲାବେଳେ ସେ ଗତ ୯ ଜାନୁଆରୀ ୨୦୨୬ରେ ଇହଲୀଳା ସମ୍ବରଣ କରି ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଥିଲେ ।

## ସୁବର୍ଣ୍ଣପୁରରେ ଚାଞ୍ଚଲ୍ୟ
# ଯୁବ କଂଗ୍ରେସ ନେତାଙ୍କ ଗୁଳିବିଦ୍ଧ ମୃତଦେହ ଉଦ୍ଧାର




ସୋନପୁର,(ସବ୍ୟୁ): ସୋନପୁର ସହରର ବଡ଼ବଜାର ଭଗବତୀ ପ୍ଲଟ୍ ନିବାସୀ ତଥା ଜିଲ୍ଲା କଂଗ୍ରେସ କୋଷାଧ୍ୟକ୍ଷ ରାଜା ମିଶ୍ର (୪୦)ଙ୍କ ଗୁଳିବିଦ୍ଧ ଶରୀର ତାଙ୍କ ଘରୁ ଉଦ୍ଧାର ହୋଇଛି । ସୋନପୁରର ପୂର୍ବତନ ବିଧାୟକ ବିନୋଦ ପାତ୍ରଙ୍କ ଅତି ଘନିଷ୍ଠ ତଥା ଜିଲ୍ଲା କଂଗ୍ରେସର କୋଷାଧ୍ୟକ୍ଷ ରାଜେଶ ମିଶ୍ର (ରାଜା) କଂଗ୍ରେସର ଜଣେ ଶୃଙ୍ଖଳିତ ସଦସ୍ୟ । ଟାଣୁଆ ଯୁବ ନେତା ଭାବରେ ସହରରେ ବେଶ ଜଣାଶୁଣା ଥିଲେ । ସେ ଛାତ୍ର ସମୟରୁ କଂଗ୍ରେସରେ ଜଡ଼ିତ ଥିଲେ। ଖୁବ୍ ଶାନ୍ତ ମେଳାପି ଓ ସହରର ପ୍ରିୟ ଭାଜନ ଥିଲେ । ଏହି ଘଟଣା ବିଳମ୍ବିତ ରାତ୍ରୀ ରେ ପ୍ରାୟ ୧୨ ଟାରୁ ଗୋଟାଏ ଭିତରେ ଘଟିଥିବା ସୂଚନା ମିଳିଛି। ଘଟଣା ସ୍ଥଳରେ ସୁବର୍ଣ୍ଣପୁର ଡିଏସପି ରେଣୁକା ସୁନା ପୋଲିସ ଟିମ୍ ସହ ପ୍ରଥମେ ରାତ୍ର ୩.୩୦ ରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ପରେ ବଲାଙ୍ଗିରରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ଛାନଭିନ୍ କରୁଛି । ପ୍ରାଥମିକ ତଦନ୍ତରୁ ଯାହା ଜଣାପଡିଛି ସେ ନିଜ ଲାଇସେନ୍ସ ପ୍ରାପ୍ତ ବନ୍ଧୁକରୁ ନିଜକୁ ମୁଣ୍ଡରେ ୨/୩ ରାଉଣ୍ଡ ଗୁଳି କରିଥିବା ପୋଲିସ ଅନୁମାନ କରୁଛି।

ସକାଳୁ ଏହି ଘଟଣା ଜଣାପଡିବା ପରେ ଘଟଣା ସ୍ଥଳରେ ପୂର୍ବତନ ବିଧାୟକ ବିନୋଦ ପାତ୍ର, ସୁଧୀର ପଣ୍ଡା, ପ୍ରିୟବ୍ରତ ସାହୁଙ୍କ ସହ କଂଗ୍ରେସ ଦଳର କର୍ମକର୍ତ୍ତା ତଥା ଜିଲ୍ଲା ବିଜେପି ଓ ବିଜେଡିର ଅନେକ ନେତୃବୃନ୍ଦ, ମାନ୍ୟ ଗଣ୍ୟ ବ୍ୟକ୍ତି ପହଞ୍ଚି ଥିବା ବେଳେ ତାଙ୍କ ବାସଭବନ ଆଗରେ ଲୋକାରଣ୍ୟ ହୋଇପଡିଥିଲା । ସେ ଶୃଙ୍ଖଳିତ ବ୍ୟକ୍ତିର ହୋଇଥିବା ବେଳେ ଏହି ଘଟଣା କୁ ଲୋକେ ସହଜରେ ବିଶ୍ୱାସ କରି ପାରୁନ ଥିବା ବେଳେ ସହରରେ ଶୋକର ଛାୟା ଖେଳିଯାଇଛି । ସମ୍ବଲପୁରରୁ ସାଇଣ୍ଟିଫିକ୍ ଟିମ୍ ଆସି ଅଧିକ ତଦନ୍ତ ପରେ ପୋଷ୍ଟମର୍ଟମ କରାଯିବା ନେଇ ଡିଏସପି ରେଣୁକା ସୁନା ସୂଚନା ଦେଇଛନ୍ତି।

# ମୁନିଗୁଡା ଥାନା ତେଲେଙ୍ଗାପଦର ଛକରେ ମାଓ ବ୍ୟାନର



ରାୟଗଡା,(ସବ୍ୟୁ): ରାୟଗଡ଼ା ଜିଲ୍ଲାରେ ବହୁ ଦିନର ନୀରବତା ପରେ ବୁଧବାର ପୁଣି ମାଓବାଦୀ ସକ୍ରିୟ ହୋଇଥିବା ଦେଖିବାକୁ ମିଳିଛି । ରାୟଗଡା ଜିଲ୍ଲାର ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ତେଲେଙ୍ଗାପଦର ଛକ ନିକଟରେ ମାଓ ବ୍ୟାନର ଲଗାଇ ରାୟଗଡା ଜିଲ୍ଲାର ସିମବର୍ତ୍ତୀ ଇଲାକାରେ ମାଓବାଦୀ ନିଜ ସ୍ଥିତି ଜାହିର କରିଥିବା ସାଧାରଣ ରେ ଚର୍ଚ୍ଚା ଚାଲିଛି। ବ୍ୟାନରରେ ଆନ୍ଧ୍ର ଓଡ଼ିଶା ସ୍ୱେଶାଲ ଜୋନାଲ କମିଟି ବୋଲି ଉଲ୍ଲେଖ କରାଯାଇଛି । ଏହି ବ୍ୟାନରରେ ଖଣି ଖାଦାନକୁ ବିରୋଧ କରିଥିବା ବ୍ୟାନରେ ଦେଖିବାକୁ ମିଳିଛି। ମୁନିଗୁଡା,କନ୍ଧମାଳ ଓ ଫଳବାଣୀ ଅଞ୍ଚଳରେ ବଂଶଧାରା ଘୁମୁସର ନାଗାବଳୀ ଡିଭିଜନ ପୂର୍ବରୁ ସକ୍ରିୟ ହୋଇ ରହିଥିବା ବେଳେ ଆନ୍ଧ୍ର ଓଡ଼ିଶା ସ୍ୱେଶାଲ ଜୋନାଲ କମିଟି ନାମରେ ଉଲ୍ଲେଖ ରହିଥିବାରୁ ବ୍ୟାନରକୁ ନେଇ ପୁଲିସ ଏବଂ ଗୁଇନ୍ଦା ବିଭାଗ ଦ୍ୱନ୍ଦରେ ପଡିଛି।

ଅନ୍ୟପଟେ ମାଓବାଦି ସମର୍ଥକ ଏହି ବ୍ୟାନର ଲଗାଇଥିବା ପୁଲିସ ଓ ଗୁଇନ୍ଦା ବିଭାଗ ଅନୁମାନ କରୁଛି । ତଥାପି ମୁନିଗୁଡ଼ା ପୁଲିସ ବ୍ୟାନରକୁ ଜବତ କରି ଘଟଣାରେ ତଦନ୍ତ କରୁଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ରାୟଗଡ଼ା ଜିଲ୍ଲା ସୀମାନ୍ତ, ଫୁଲବାଣୀ ଜିଲ୍ଲାରେ ଏବେ ମାଓ ଦମନ କରିବାରେ ଉଲ୍ଲେଖନୀୟ ସଫଳତା ପାଇଥିବା ବେଳେ କିଛି ମାଓବାଦୀ ରାୟଗଡ଼ା ଜିଲ୍ଲାର ଚନ୍ଦ୍ରପୁର, ମୁନିଗୁଡ଼ା ଅଞ୍ଚଳରେ ନିଜର ସୁରକ୍ଷା ପାଇଁ ଘୁରି ବୁଲୁଥିବା ମଧ ଶୁଣିବାକୁ ମିଳୁଛି । ବହୁ ଦିନ ନୀରବତା ପରେ ମାଓ ବ୍ୟାନର ଦେଖି ସାଧାରଣରେ ଏକ ପ୍ରକାର ଆତଙ୍କର ବାତାବରଣ ଦେଖିବାକୁ ମିଳୁଛି।

# କୋକସରା ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ନେଇ ପ୍ରସ୍ତୁତି ବୈଠକ

କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସଦର ମହକୁମା ଶିବ ମନ୍ଦିର ପ୍ରାଙ୍ଗଣରେ ବୁଧବାର କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପୁର୍ନଗଠନ ଦାବି ନେଇ ଏକ ପ୍ରସ୍ତୁତ ବୈଠକ ହୋଇଯାଇଛି । କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ମାନେ ଯୋଗଦେଇ ଥିଲେ । ୧୯୬୧ ମସିହାରେ ପ୍ରତିଷ୍ଠିତ କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀ ଉଚ୍ଛେଦକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ । ଏଥି ସହିତ ନିକଟ ଭବିଷ୍ୟତରେ ପୁନର୍ବାର ର୍ନିବାଚନ ମଣ୍ଡଳୀ ପୁର୍ନଗଠନ ଏବଂ ସଂପ୍ରସାରଣ ହେବା ସମ୍ଭାବନା ସୃଷ୍ଟି ହୋଇଥିବାରୁ କିପରି ପୁନର୍ବାର କୋକସରା ବିଧାନସଭା ର୍ନିବାଚନ ମଣ୍ଡଳୀ ପ୍ରତିଷ୍ଠା ହୋଇ ପାରିବ ସେ ଦିଗରେ ବ୍ୟାପକ ଆଲୋଚନା ହୋଇଥିଲା । ପ୍ରସ୍ତାବିତ ଏହି ଆନ୍ଦୋଳନକୁ ଆଗକୁ ନେବାପାଇଁ ଆସନ୍ତା ସଭାରେ କ୍ରିୟାନୁଷ୍ଠାନ କମିଟି ଗଠନ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି । ଏହି କମିଟିର ନେତୃତ୍ୱ ନେବାପାଇଁ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କୁ ସଭାପତି ଭାବେ ଓ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କୁ ଉପ ସଭାପତି ଭାବରେ ମନୋନୀତ କରାଯାଇଛି।

ବୈଠକରେ ପୂର୍ବତନ ବିଧାୟକ ମୌଷଧି ବାଗ, ପୁରୁଷୋତ୍ତମ ଗୁପ୍ତା, ଧବଳେଶ୍ୱର ନାଗ, ବିଶ୍ୱମ୍ଭର ଶବର, ମୀନକେତନ ପ୍ରଧାନୀ, ହରେକୃଷ୍ଣ ନାଏକ, କେଶବ ଚନ୍ଦ୍ର ନାଏକ, ପଙ୍କଜ ପୋଡ, ରାମଚନ୍ଦ୍ର ପାଣିଗ୍ରାହୀ, ଶ୍ରୀନିବାସ ପ୍ରଧାନୀ, ମହେନ୍ଦ୍ର ନେଗୀ, ଜେତେନ୍ଦ୍ର ପ୍ରଧାନୀ, ତ୍ରିଭୁବନ ନାଏକ, ନବୀନ ନାଏକ, ଧର୍ମାନନ୍ଦ ପଟ୍ଟନାୟକ, ଅନିଲ ପ୍ରଧାନୀ, ତ୍ରିମୋହନ ନାଏକ, ରବିନାରାୟଣ ଦାସ, ସଞ୍ଜୟ ସିଙ୍ଗଲ, ବିଶ୍ୱନାଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ବର୍ଷାଲ ମାଝୀ ଦୁଗ୍ଧ ସମବାୟ ସମିତିର ନୂତନ କୋଠା ଉଦ୍‌ଘାଟନ

କୋକସରା,(ସବ୍ୟୁ): ରାଜ୍ୟରେ ଦୁଗ୍ଧ ଉପାଦନ କ୍ଷେତ୍ରରେ ଗ୍ରାମାଞ୍ଚଳର ଗୋପାଳନ ଓ ଗୋ ଚାଷୀଙ୍କ ଭୂମିକା ଉଲ୍ଲେଖନୀୟ। ରାଜ୍ୟରେ ଓମଫେଡ ଦୁଗ୍ଧ ଚାଷୀଙ୍କୁ ପ୍ରାଧାନ୍ୟ ଦେଇ ସଦା ସର୍ବଦା ଗୋପାଳନ ଓ ଚାଷୀଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ କରିବାରେ ବଜାର ବ୍ୟବସ୍ଥା କରି ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ବୁଧବାର କୋକସରା ବ୍ଲକ ମାଝୀଗୁଡା ଠାରେ ବର୍ଷାଲ ମାଝୀ ଦୁଗ୍ଧ ସମବାୟ ସମିତିର ନୂତନ କୋଠା ଉଦଘାଟନ ଅବସରରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓମଫେଡ଼ର ରାଜ୍ୟ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ପୂର୍ବତନ ଧର୍ମଗଡ ବିଧାୟକ ମୌଷଧି ବାଗ, ବିକେଏନ ଦୁଗ୍ଧ ସମବାୟ ସମିତିର ଅଧ୍ୟକ୍ଷା ସୀମା ପଟେଲ, ବି କେ ଏନ ଦୁଗ୍ଧ ସଂସ୍ଥାର ଜେନେରାଲ ମ୍ୟାନେଜର ରଜନୀକାନ୍ତ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ସଚେତନ ନାଗରିକ ଧବଳେଶ୍ୱର ନାଗ ମଞ୍ଚରେ ଉପସ୍ଥିତ ରହି ଗୋପାଳନ ଓ ଦୁଗ୍ଧ ଚାଷିଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଦୁଗ୍ଧ ଉପାଦନରେ ଅଗ୍ରଣୀ ଚାଷୀଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ସଂଯୋଜନା ବିରଞ୍ଚି ବାଗ କରିଥିବା ଲେ ବି କେ ଏନ ଦୁଗ୍ଧ ସମବାୟ ସମିତିର କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଜୀବନ ରକ୍ଷା କରିପାରିଲେ ଆତ୍ମ ସନ୍ତୋଷ ମିଳିବ : ଆରଟିଓ



ସମ୍ବଲପୁର,(ସବ୍ୟୁ): ମଣିଷ ଜୀବନ ମୂଲ୍ୟବାନ ଅଟେ । ସଡକ ସୁରକ୍ଷା ନିୟମ ପାଳନ କଲେ ଆମେ ଅକାଳ ମୃତ୍ୟୁରୁ ବର୍ତ୍ତିପାରିବା । ତେବେ ନିଜେ ବଞ୍ଚିବା ସହ ଅନ୍ୟ ଜଣକର ଜୀବନ ରକ୍ଷା କରିପାରିଲେ ଆମକୁ ଆତ୍ମ ସନ୍ତୋଷ ମିଳିବ । ବୁଧବାର ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଉଦ୍‌ଯାପନୀ ଉତ୍ସବରେ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ) ରାମଦାସ ଟୁଡୁ ଏହା କହିଥିଲେ । ଉଦ୍‌ଯାପନୀ ଉତ୍ସବରେ ରେଡକ୍ରସ ସମ୍ପାଦକ ରୋଜାଲିନ ତିର୍କୀ ଅତିଥି ଭାବେ ଯୋଗ ଦେଇ ନିଜର ଅନୁଭୂତି ବଖାଣିବା ସହ ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ପ୍ରାକୃତିକ ବିପର୍ଯ୍ୟୟ ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ସା , ସହକାରୀ ଆରଟିଓ କାହ୍ନୁଚରଣ ବାଙ୍ଗରା ଓ ରେଡକ୍ରସ କ୍ଷେତ୍ର ପରିଚାଳିକା ପ୍ରମିଳା ବେହେରା ଯୋଗ ଦେଇଥିଲେ । ରବିଚନ୍ଦ୍ର ପଶାୟତ ଓ ରାମନାରାୟଣ ଦାଶ ପ୍ରଶିକ୍ଷକ ଭାବେ ଯୋଗ ଦେଇ ମୂର୍ଚ୍ଛା, ରକ୍ତସ୍ରାବ, ଶ୍ୱାସରୁଦ୍ଧ, ସିପିଆର, ଅଗ୍ନି ନିରାପତ୍ତା, ରୋଗୀ ସ୍ଥାନାନ୍ତରିକରଣ, କୁକୁର ଓ ସର୍ପାଘାତ ଆଦି ଅଘଟଣ ବେଳେ କିଭଳି ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯିବ ସେନେଇ ତାଲିମ ଦେଇଥିଲେ । ଏହି ଅବସରରେ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ଅଞ୍ଜନା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ, ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଜିଲ୍ଲା ରେଡକ୍ରସ ପକ୍ଷରୁ ପୁଟିବନ୍ଧ ସ୍ଥିତ ହୋପ୍ ସ୍କୋପ୍ ଡ୍ରାଇଭିଂ ସ୍କୁଲ ଠାରେ ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଆୟୋଜିତ ହୋଇଥିଲା । ଏଥିରେ ବିଭିନ୍ନ କଲେଜର ଛାତ୍ରଛାତ୍ରୀ, ଗାଡିଚାଳକ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା ।

## ଯୋଗ ହିଁ ଯାହା ମାନବ ଜୀବନକୁ ସମ୍ପୂର୍ଣ୍ଣ ଆରୋଗ୍ୟ କରେ

କଲମପୁର, (ସବ୍ୟୁ): ପତଞ୍ଜଳୀ ଯୋଗପୀଠ ହରିଦ୍ୱାର ପକ୍ଷରୁ ସଂଚାଳିତ ଭାରତ ସ୍ୱାଭିମାନ ପତଞ୍ଜଳୀ ଯୋଗ ସମିତି ତତ୍ତ୍ୱାବଧାନରେ କଲମପୁର ନିର୍ମାଲ୍ୟ କ୍ଷେତ୍ର ପରିସର ମଧ୍ୟରେ ଏକ ଆରୋଗ୍ୟ ସଭା ଅନୁଷ୍ଠିତ ହୋଇଯାଇଛି। ଯୋଗ ଶିକ୍ଷକ ଚନ୍ଦ୍ରଶେଖର ସାହୁଙ୍କ ଆହ୍ୱାନ କ୍ରମେ ଶତାଧିକ ବୁଦ୍ଧିଜୀବୀ,ଆଧାତ୍ମିକ ପ୍ରେମୀ, ପତଞ୍ଜଳୀ ଯୋଗ ସମିତି କଲମପୁର,ସମେତ ସ୍କୁଲ ଛାତ୍ର ଛାତ୍ରୀ ମାନେ ଏହି ଆରୋଗ୍ୟ ସଭାରେ ଅଂଶଗ୍ରହଣ କରିଥିଲେ। ତହସିଲ ସ୍ତରୀୟ ଏହି ସଭାରେ ହରିଦ୍ୱାର ପତଞ୍ଜଳୀ ଯୋଗପୀଠ ମୁଖ୍ୟ କେନ୍ଦ୍ରୀୟ ପ୍ରଭାରୀ ପୂଜ୍ୟ ସ୍ୱାମୀ ପରମାର୍ଥ ଦେବଜୀ ଯୋଗ ଦେଇ ଶରୀରକୁ ସୁସ୍ଥ ରଖିବାକୁ ହେଲେ ତାର ଏକ ମାତ୍ର ସାଧନ ହେଉଛି ଯୋଗ। ସମଗ୍ର ବିଶ୍ୱରେ କୋଟି କୋଟି ମାନବ ଏହାଦ୍ୱାରା ଆରୋଗ୍ୟ ହୋଇଥିବାବେଳେ ଏବେ ଆହୁରି ଅଧିକ ଲୋକଙ୍କ ଭିତରେ ଏହାର ଉପକାରିତା ସଂପର୍କରେ ଆମେ ଅବଗତ କରୁଚୁ ବୋଲି ପ୍ରକାଶ କରିଛନ୍ତି। ଏଥିରେ ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀ, ରାଧାମାଧବ ବୋହିଦାର,ସ୍ୱୟଂ ପ୍ରକାଶ ଜୀ, ଖିତିସ ଜୀ, ସୂର୍ଯ୍ୟକାନ୍ତ ଜୀ, ମୋହିତ ଶୁକ୍ଲା ଜୀ ପ୍ରମୁଖ ଯୋଗ ଦେଇଥିଲେ । ସଭାକୁ କଲମପୁର ତହସିଲ ସ୍ତରୀୟ ଯୋଗ ସମିତି କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଶୃଙ୍ଖଳା ସହିତ ପରିଚାଳନା କରିବାରେ ସାହାଯ୍ୟ କରିଥିଲେ ।

# ୨୩ରୁ ସମ୍ବଲପୁରରେ ସିକେ ନାଇଡୁ କ୍ରିକେଟ ମ୍ୟାଚ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଠାରେ ଚଳିତ ମାସ ୨୩ତାରିଖ ଠାରୁ ୨୩ବର୍ଷରୁ କମ୍ ସର୍ବଭାରତୀୟ କର୍ଣ୍ଣଲ ସିକେ ନାଇଡୁ କ୍ରିକେଟ୍ ମ୍ୟାଚ୍ ଆରମ୍ଭ ହେବ । ଏହି ମ୍ୟାଚ୍ ଓଡିଶା ବନାମ ହରିୟାଣା ମଧ୍ୟରେ ହେବାକୁ ସ୍ଥିର ହୋଇଛି । ତେବେ ପଡିଆ ଉଭୟ ବୋଲିଂ ଓ ବ୍ୟାଟିଂ ପାଇଁ ଅନୁକୂଳ ରହିଛି । ବୁଧବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ସୁନୀଲ ସାହୁ ଏହା କହିଥିଲେ । ସେ ଆହୁରି କହିଥିଲେ ଯେ, ଏହି ମ୍ୟାଚ୍ ୨୬ତାରିଖ ପର୍ଯ୍ୟନ୍ତ ଚାଲିବ । ଓଡିଶା ଦଳ ଓମ୍ ତୁମରାମ ମୁଣ୍ଡେଙ୍କ ନେତୃତ୍ୱରେ ପଡିଆକୁ ଓହ୍ଲାଇବ । ମୋଟ ୧୮ଜଣିଆ ଓଡିଶା ଦଳ ଗତ ୩ଦିନ ହେବ ତାର ଅଭ୍ୟାସ କରୁଛି । ସମ୍ବଲପୁରର ଆଶୁତୋଷ ଛୁରିଆ ଓଡିଶା ଦଳରେ ସାମିଲ ଅଛନ୍ତି । ତେବେ ତାଙ୍କ ଖେଳ ଦେଖିବାକୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବେଶ ଉତ୍କଣ୍ଠା ରହିଛି । ଅନ୍ୟପଟେ ହରିୟାଣା ଦଳ ଆଜି ଅପରାହ୍ନରେ ଅଭ୍ୟାସ କରିଛି । ସେମାନେ ଭଲ ପ୍ରଦର୍ଶନ କରିବେ ବୋଲି ଆଶାବାଦି ଅଛନ୍ତି । ଗତବର୍ଷ ଫେବୃଆରୀ ୧ରୁ ୪ତାରିଖ ପର୍ଯ୍ୟନ୍ତ ଓଡିଶା ଓ ଚଣ୍ଡିଗଡ ମଧ୍ୟରେ ମ୍ୟାଚ୍ ହୋଇଥିଲା । ଏଥିରେ ଓଡିଶା ଦଳ ବିଜୟୀ ହୋଇଥିଲା । ଚଳିତ ଟୁର୍ଣ୍ଣାମେଣ୍ଟରେ ଅରିନ୍ଦମ ସରକାର ମ୍ୟାଚ୍ ରେଫରୀ, ରାକେଶ କୁମାର ଓ ଅଭିଶେକ ଗୁପ୍ତା ଅମ୍ପାୟାର, ବିରାଜ ଦାଶ ଓ ସନ୍ଦୀପ ଜୀ ସ୍କୋରର ଏବଂ ସୁବାଷ ଜେନା ଓ ଗୋବିନ୍ଦ ବେହେରା ଭିଡିଓ ଆନାଲିଷ୍ଟ ଦାୟିତ୍ୱ ତୁଲାଇବେ । ଏହି ସାମ୍ବାଦିକ ସମ୍ମିଳନୀରେ କ୍ରିକେଟ ସମ୍ପାଦକ ଅବିନାଶ ନନ୍ଦ, କାର୍ଯ୍ୟକାରୀ ସଭ୍ୟ ସୁବୋଧ ସାହୁ, ଗୋପାଳ ନନ୍ଦ, ମନୋଜ ପଣ୍ଡା, ଲକ୍ଷ୍ମୀ ମହାକୁଡ, ପ୍ରମୋଦ ନାଏକ, ରାଜେଶ ଓଠେ, ଉମାପତି ତ୍ରିପାଠୀ, ସୁବ୍ରତ ଦାସ, ବିକାଶ ମିଶ୍ର ଓ ସେକ୍ ବରକୁତୁଲା ପ୍ରମୁଖ ଉପସ୍ଥିତ ଥିଲେ ।

## କୁଟୁରାଚୁଆଁ କ୍ଲଷ୍ଟରସ୍ତରୀୟ ଶିକ୍ଷା ସମନ୍ଧୀୟ ଆଲୋଚନାଚକ୍ର

କୁଚିଣ୍ଡା,(ସବ୍ୟୁ) : କୁଚିଣ୍ଡା ବ୍ଲକ କୁଟୁ ରାଛୁଆଁ କ୍ଲଷ୍ଟର ସ୍ତରୀୟ ଶିକ୍ଷକ ସମାବେଶ ଓ ଆଲୋଚନାଚକ୍ର ସିଆର୍‌ସିସି ସଞ୍ଜୟ କୁମାର ନାଗଙ୍କ ସଭାପତିତ୍ୱରେ ରବିବାର ବିଜାଡିହି ନଈକୂଳରେ ପ୍ରାକୃତିକ ପରିବେଶରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ନାୟକ ଓ କୁ ଟୁ ରା ଚୁ ଆଁ ସରକାରୀ ନୋଡାଲ ହାଇ ସ୍କୁଲ ର ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ନାୟକ ଅତିଥି ଭାବରେ ଯୋଗଦେଇ ଏହି ଅଞ୍ଚଳ ଶିକ୍ଷାର ଅତୀତ,ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକ ଆଲୋଚନା କରିଥିଲେ । ସହକାରି ଶିକ୍ଷକ କୋଶଳେଶ୍ୱର ଖର୍ସେଲ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ନିକଟରେ ଅବସର ନେଇଥିବା ବରିଷ୍ଠ ଶିକ୍ଷୟିତ୍ରୀ ପଙ୍କଜିନି ନାୟକଙ୍କୁ ଶିକ୍ଷକ ପରିବାର ପକ୍ଷରୁ ମାନପତ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ସହକାରୀ ଶିକ୍ଷୟିତ୍ରୀ ଯମୁନା ପୁରୋହିତ ମାନପାତ୍ର ପାଠ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କୁଡାପଡା ଉଚ୍ଚ ପ୍ରାଥମିକ ସ୍କୁଲ ର ପ୍ରଧାନ ଶିକ୍ଷୟିତ୍ରୀ ଖେଳନା ସୁନ୍ଦରୀ କଣ୍ଟା, କଳାକର କିସାନ ,ପୁରୁନା ପାନି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀ ନାରାୟନ ନାଏକ, ଆଦିତ୍ୟ ପଟେଲ, ସୁରଭି ପଟେଲ, ସାତକମା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁରଭି ନାଏକ, କୁଟୁରାଚୁଆଁ ସ୍କୁଲର ସୁଯୋଗ୍ୟ କୁମାର ପଟେଲ, ସଂଯୁକ୍ତା ନାୟକ, ବଳରାମ ସାହୁ, କିରା ସାସନ୍ ସ୍କୁଲର ଲକ୍ଷ୍ମୀଧର ଷଣ୍ଢ ,ବିଜାଡ଼ିହି ସ୍କୁଲ ପ୍ରଧାନ ଶିକ୍ଷକ ଦୟାନିଧି ଷଣ୍ଢ , ବୁଢୁଲାପାଲି ସ୍କୁଲର ଶିବ ଶଙ୍କର ପଟେଲ ପ୍ରମୁଖ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ପଙ୍କଜିନି ନାୟକଙ୍କ ଗୁଣାତ୍ମକ ଶିକ୍ଷାଦାନ ସମ୍ପର୍କରେ ଚର୍ଚ୍ଚା କରିଥିଲେ। ଶେଷରେ ବିଜାଡିହି ସ୍କୁଲର ସହକାରୀ ଶିକ୍ଷକ ଫକିର କୁମାର ଧନ୍ୟବାଦ ପ୍ରଦାନ କରିଥିଲେ ।

## ବୋରିଗୁମ୍ମା ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ

ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ଥାନାରେ ନୂତନ ଆଇଆଇସି ଭାବେ ରାମାନନ୍ଦ ସାହୁ ଯୋଗଦାନ କରିଛନ୍ତି । ୨୦୧୭ ବ୍ୟାଚ ର ଶ୍ରୀ ସାହୁ ପୂର୍ବରୁ ଭୁବନେଶ୍ୱର କମିଶନରେଟ ର ବଡଗଡ଼ ଥାନା, ଲକ୍ଷ୍ମୀସାଗର ଥାନାରେ କାର୍ଯ୍ୟରତ ଥିଲେ।୨୦୨୫ ରେ ଶ୍ରୀ ସାହୁ ପଦୋନ୍ନତି ପାଇ ଇନ୍ସପେକ୍ଟର ହୋଇଥିଲେ। ବୋରିଗୁମ୍ମା ପ୍ରେସ କ୍ଲବ ର ସଭାପତି ବିଜୟ ନାରାୟଣ ସାହୁଙ୍କ ନେତୃତ୍ୱରେ ପ୍ରେସ କ୍ଲବ ର ସମସ୍ତ ସଭ୍ୟ ନୂତନ ଆଇଆଇସି ରାମାନନ୍ଦ ସାହୁଙ୍କୁ ଫୁଲତୋଡା ପ୍ରଦାନ କରି ସ୍ୱାଗତ କରିଥିଲେ। ପରେ ଆଇଆଇସି ଶ୍ରୀ ସାହୁ ସମସ୍ତ ସାମ୍ବାଦିକଙ୍କ ସହଯୋଗ କାମନା କରିଥିଲେ। ପ୍ରେସ କ୍ଲବର ସଭ୍ୟ କେ ସାକିଲି ଦୋରା, ରଞ୍ଜନ କୁମାର ମିଶ୍ର,ଦୟାନିଧି ପଟ୍ଟନାୟକ,ସୀମାଞ୍ଚଳ ମହାରଣା, ପ୍ରତାପ ହୋତା, ଜି. ମୋହନ ଦୋରା, ମାନସ ରଥ, ପି ଅନନ୍ତ ରାଓ,ରିଙ୍କୁ ପଟ୍ଟନାୟକ, ଶଙ୍କର ମହାନ୍ତିଅମିତ ଖୋସଲା ପ୍ରମୁଖ ଉପସ୍ଥିତ ଥିଲେ ।

## ବିଡିଓଙ୍କ ଉପରେ ହୋଇଥିବା ଆକ୍ରମଣର ନିନ୍ଦା କଲା ଓଏଏସ୍, ଓଆରଏସ୍ ସଂଘ




ନୂଆପଡା,(ସବ୍ୟୁ): ନୂଆପଡା ବ୍ଲକ ବିଡିଓ ରୋହିତ ଭୋଇଙ୍କ ଉପରେ ଘଟିଥିବା ଆକ୍ରମଣ ଘଟଣାର ତୀବ୍ର ନିନ୍ଦା କରିଛି ଜିଲ୍ଲାର ଓ ଏ ଏସ୍ ଏବଂ ଓ ଆର୍ ଏସ୍ ସଂଘ । ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଏସପି ଅମ୍ରିତପାଲ୍ ସିଂଙ୍କୁ ଦାବୀପତ୍ର ପ୍ରଦାନ କରି ଏହି ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅନୁରୋଧ କରିଛି ସଂଘ ।ଏହା ସହିତ ସମସ୍ତ ଅଭିଯୁକ୍ତ ଗିରଫ ନହେବା ଯାଏ ସମସ୍ତ ସଦସ୍ୟ କଳା ବ୍ୟାଚ୍ ପରିଧାନ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ସଂଘ ତାର ଦାବୀପତ୍ର ରେ ଜଣାଇଛି ଯେ ,ନୂଆପଡା ବିଡ଼ିଓ ନିଜ କର୍ତ୍ତବ୍ୟ ସମ୍ପାଦନ ପାଇଁ ଯାଉଥିବା ସମୟରେ ତାଙ୍କ ଉପରେ ଘଟିଥିବା ଶାରୀରିକ ଆକ୍ରମଣ, ଆପରାଧିକ ଧମକ ଏବଂ କର୍ତ୍ତବ୍ୟରେ ବାଧା ସୃଷ୍ଟି କରାଯାଇଥିବା ଦୁଃଖଦ ଓ ଅତ୍ୟନ୍ତ ନିନ୍ଦନୀୟ ଘଟଣାକୁ ସଂଘ ଦୃଢ଼ ଭାବେ ନିନ୍ଦା କରୁଛି।

ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ ସମୟରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଏ ପି ଡି କ୍ଷମାନିଧି ଭୋଇ,ଉପ ଜିଲ୍ଲାପାଳ ସୂର୍ମି ସୋରେନ୍, ସମସ୍ତ ବିଡିଓ, ତହସିଲଦାର ଓ ଜିଲ୍ଲାର ସମସ୍ତ ଓ ଏ ଏସ ଏବଂ ଓ ଆର୍ ଏସ ଅଧିକାରୀ ଉପସ୍ଥିତ ଥିଲେ।

# ମହୁଲ ଓ ଦେଶୀ ମଦ ଜବତ

ଅମ୍ବାଭୋନା,(ସବ୍ୟୁ): ବରଗଡ ଜିଲ୍ଲା ଅମ୍ବାଭୋନା ବ୍ଲକର ତିଲେଇମାଲ ଗ୍ରାମରେ ଅବକାରୀ ଅଧିକ୍ଷକ ସୁବର୍ଣ୍ଣ ନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ ଖୋଲା ତିଲେଇମାଲ ଘଞ୍ଚ ଜଙ୍ଗଲରେ ଚଢାଉ କରାଯାଇଥିଲା। ମଦ ପ୍ରସ୍ତୁତକାରୀ ଜଙ୍ଗଲରେ ପଳାଇଯିବାରୁ, ଚଢାଉ ବେଳେ ୩୧୦୦ ଲିଟର ମହୁଲ ପୋଚ ଓ ୨୦୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହା ସହିତ ମଦ ପ୍ରସ୍ତୁତ ହୋଇଥିବା ସାମଗ୍ରୀକୁ ମଧ ଜବତ କରି ଜଙ୍ଗଲରେ ମହୁଲ ପୋଚ ନଷ୍ଟ କରାଯାଇଛି। ଏହି ଚଢାଉରେ ଭଟଲି ଅବକାରୀ ବିଭାଗର ସବ୍-ଇନ୍ସପେକ୍ଟର ଗୀତାଞ୍ଜଳୀ କୁମ୍ଭାର, କନେଷ୍ଟବଲ ସରସ୍ୱତୀ ବନଛୋର, ମଣ୍ଟୁ ସୁନା, ବେଦବ୍ୟାସ ଛନ୍ଦ ଓ ଅତାବିରା ଅବକାରୀ ବିଭାଗର ଇନ୍ସପେକ୍ଟର ଗୋକୁଳ ଧର, କନେଷ୍ଟବଲ ପ୍ରଦୀପ ସାହୁ, ସୁକାନ୍ତ ବଡେଇ, ହୃଦାନନ୍ଦ ବେହେରା, ଚନ୍ଦ୍ରକାନ୍ତ ଭୋଇ ଉପସ୍ଥିତ ଥିଲେ। ଅବକାରୀ ଅଧିକ୍ଷକଙ୍କ ସୂଚନା ଅନୁଯାୟୀ, ଆଗକୁ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଦ୍ୱାରା ପର୍ଯ୍ୟାୟ କ୍ରମେ ଚଢାଉ ଜାରି ରହିବ ବୋଲି ଅବକାରୀ ବିଭାଗରୁ ସୂଚନା ମିଳିଛି।

# କାଠ ବୋଝେଇ ପିକ୍‌ଅପ୍ ଜବତ, ଡ୍ରାଇଭର ଗିରଫ



ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବନବିଭାଗ ତରଫରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚଢାଉ କରି ଖପ୍ରାଖୋଲ ଲାଠୋର ରାସ୍ତା ଫୁଲୁକିମୁଣ୍ଡା ଗାଁ ନିକରେ ଏକ ଖଇରା କାଠ ବୋଝେଇ ପିକ ଅପ୍ ଗାଡି ଜବତ କରିଥିବା ବେଳେ ଡ୍ରାଇଭରକୁ ଗିରଫ କରିଥିବା ଜଣାଯାଇଛି। ସୂଚନା ଅନୁସାରେ ଏ ସି ଏଫ ତଥା ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିବା ବେଳେ ବନ ବିଭାଗ ଗାଡି ଦେଖି ଦୃତ ଗତିରେ ଯାଉଥିବା ଏକ ପିକ ଅପ୍ ଗାଡିକୁ ଅଟକାଇ ଚଢାଉ ବେଳେ ଗାଡ଼ିରେ ଖାଇର କାଠ ବୋଝେଇ ହୋଇଥିବା ଦେଖି ଜବତ କରିବା ସହ ଡ୍ରାଇଭରକୁ ଗିରଫ କରି ଖପ୍ରାଖୋଲ ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ଗିରଫ ଡ୍ରାଇଭର ବଙ୍ଗୋମୁଣ୍ଡା ଥାନା ବର୍ଲାବାହାଲି ଗାଁ ର ଚିରଞ୍ଜିବୀ ନାଏକ (୩୫) ବୋଲି ବନବିଭାଗ ସୂଚନା ଦେଇଛି । ଜବତ ଖଇର କାଠ ର ଓଜନ ୧୦ କୁଇଣ୍ଟାଲ ହୋଇଥିବା ବେଳେ ଆନୁମାନିକ ସରକାରୀ ମୂଲ୍ୟ ୩୫ ହଜାର ହେବ ବୋଲି ଜଣାଯାଇଛି। ଏନେଇ ହରିଶଙ୍କର ରେଞ୍ଜ୍ ରେ ଏକ ମାମଲା ରୁଜୁ କରି ଗିରଫ ଡ୍ରାଇଭରକୁ ବୁଧବାର କୋର୍ଟ ଚାଲାଣ କରାଯାଇଛି ଏବଂ ଘଟଣାର ତଦନ୍ତ ଚାଲିଛି ବୋଲି ଖପ୍ରାଖୋଲ ବନପାଳ ସୁଧିର ଜେନା ସୂଚନା ଦେଇଛନ୍ତି। ଚଢ଼ାଉରେ ବନବିଭାଗ କର୍ମଚାରୀ ସମେତ ବନ୍ୟପ୍ରାଣୀ ସ୍କ୍ୱାର୍ଡ ସାମିଲ୍ ଥିଲେ।

# ମା' ମାହେଶ୍ୱରୀ କ୍ରିକେଟ : ମଲି କୁଦ ଚାମ୍ପିଅନ



କନ୍ଧମାଳ ,(ସବ୍ୟୁ): ୧୯ତମ ମା' ମାହେଶ୍ରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର କନ୍ଧମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତ ର କୋଡିବାହାଲି ଖେଳ ପଡିଆ ଠାରେ ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳରେ ସିଣ୍ଡୋଲ ଦଳକୁ ହରାଇ ମଲିକୁଦ ଦଳ ଚାମ୍ପିଅନ ହୋଇଛି। ଟସ ଜିତି ସିଣ୍ଡୋଲ ଦଳ ପ୍ରଥମେ ବ୍ୟାଟିଂ କରି ର୍ନିଦ୍ଧାରିତ ୬ ଓଭରରେ ୯ଉଇକେଟ ହରାଇ ୩୭ ରନ କରିପାରିଥିଲା। ଜବାବରେ ମଲିକୁଦ ଦଳ ୩ ଓଭରରେ ୨ଉଇକେଟ ବିନିମୟରେ ୩୯ ରନ କରି ବିଜୟ ହାସଲ କରି ଚଳିତ ବର୍ଷର ଚାମ୍ପିଅନ ହୋଇଛି । ଉଦଯାପନୀ ତଥା ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥିଭାବେ କନ୍ଧମାଳ ପୂର୍ବତନ ବିଧାୟକ ମହିଧର ରଣା ଓ ସମ୍ମାନୀତ ଅତିଥି ଭାବେ କନ୍ଧମାଳ ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା,ଶିକ୍ଷକ ନେତା ନିଳାଚଳ ଭୋଇ, ଘଣ୍ଟାପଡ଼ା ପଞ୍ଚାୟତର ନାଏବ ସରପଞ୍ଚ ନବିନ କିଶୋର ମେଣ୍ଡିଲି, ଶିକ୍ଷାବିତ ସୁଶାନ୍ତ ମାଝୀ, ସମାଜସେବୀ ଶରତ ରଣା, ଅଜିତ ସାହୁ, ଆଦିତ୍ୟ ଧରୁଆ,ପ୍ରତିଷ୍ଠାତା ସଦସ୍ୟ ଦେଓ ବେହେରା ପ୍ରମୁଖ ଉପସ୍ଥିତ ରହି ଚମ୍ପିଆନ ଦଳ ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚରେ ଭରତ ଜାନୀ ଓ ରାହାସ ବିହାର ଖେଳ ପରିଚାଳନା,ସତ୍ୟବନ୍ତ ର୍ନିଦ୍ଧା ଓ କୁହୁରୁ କୁଶଳ ସ୍କୋରର ଏବଂ ଦେବେନ୍ଦ୍ର ରଣା ଧାରା ବିବରଣୀ ପ୍ରଦାନ କରିଥିବା ବେଳେ କମିଟିର ଆଶିଷ ପୃଷ୍ଟି, ରମେଶ ସା,ରଙ୍କନିଧି କହ୍ମ, ରାଜିବ ମେଣ୍ଡିଲି,ଆନନ୍ଦ ପ୍ରଧାନର୍ନିମଳ ମେଣ୍ଡିଲି,ରବି ମହାକୁଡ଼, ରଞ୍ଜିତ ସା,ଦିପକ ନାୟକ ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଭିବି- ଜିରାମ-ଜୀ ଆଇନର ବିଜେପି ଜିଲ୍ଲାସ୍ତରୀୟ କର୍ମଶାଳା

ଭବାନୀପାଟଣା,(ସବ୍ୟୁ): ଭିବି -ଜିରାମ-ଜୀ, ଭାରତୀୟ ଜନତା ପାର୍ଟି କଳାହାଣ୍ଡି ଜିଲ୍ଲା ତରଫରୁ ଭବାନୀପାଟଣାସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଭିବି -ଜିରାମ -ଜୀ ଯୋଜନାର ଜିଲ୍ଲାସ୍ତରୀୟ ଜନଜାଗରଣ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ମାଝୀ, ଅନିରୁଦ୍ଧ ପ୍ରଧାନ, ନମିତା ରାଣୀ ସାହୁ,ଭିବି -ଜିରାମ-ଜୀ ର ଜିଲ୍ଲା ସଂଯୋଜକ ତଥା ଜିଲ୍ଲା ସାଧାରଣ ସମ୍ପାଦକ ଲୋକନାଥ ଦୁର୍ଗା ସ୍ୱାଗତ ଭାଷଣ ଓ ବିଷୟବସ୍ତୁ ଉପରେ ଅଭିଭାଷଣ ରଖିଥିଲେ । କାର୍ଯ୍ୟକ୍ରମରେ ଅନ୍ୟତମ ସାଧାରଣ ସମ୍ପାଦକ ସତ୍ୟ ବେହେରା, ମଞ୍ଚ ପରିଚାଳନା କରିଥିଲେ। ଅନ୍ୟତମ ଜିଲ୍ଲା ସାଧାରଣ ସମ୍ପାଦକ ହିମାଂଶୁ ପଣ୍ଡା ଧନ୍ୟବାଦ ଭାଷଣ ଦେଇଥିଲେ । ଭିବି -ଜୀ ରାମ -ଜୀ ର ଜିଲ୍ଲା ସହ ସଂଯୋଜକ ତ୍ରିନାଥ ଶବର, ଘନଶ୍ୟାମ ଗହୀର, ଚନ୍ଦନ ସେନାପତି, ପ୍ରମୁଖ ଉଦବୋଧନ ଦେଇ ଜନଜାଗରଣ କରାଇଥିଲେ ।

ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼ ଓ ମୁଖ୍ୟ ଅତିଥି ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ ମନରେଗା ରେ ହୋଇ ଆସୁଥିବା ଦୁର୍ନୀତି କୁ ରୋକିବାରେ କେନ୍ଦ୍ର ସରକାରଙ୍କ ପ୍ରୟାସକୁ ପ୍ରଶଂସା କରିବା ସହିତ ବିଭୀ -ଜିରାମ -ଜୀ ଯୋଜନାକୁ ପ୍ରତେକ ପଞ୍ଚାୟତ ରେ ଜନଜାଗରଣ କରି ପ୍ରଚାର ସକାଶେ ଆହ୍ୱାନ ଦେଇଥିଲେ । କୃଷକ ଓ ଶ୍ରମିକ ମାନଙ୍କ କଲ୍ୟାଣ ପାଇଁ ଏହି ଆଇନ ରେ ପରିବର୍ତନ ହୋଇଛି ବୋଲି ବକ୍ତା ମାନେ ଅବଗତ କରାଇଥିଲେ। ଆଗାମୀ ଦିନରେ ଜନଜାଗରଣ ସୃଷ୍ଟି ପାଇଁ ଏହାକୁ ବ୍ୟପକ ଭାବେ ପ୍ରଚାର କରିବା ସହ ଗାଁ ଗାଁ ବୁଲି ଶ୍ରମିକ, କୃଷକ, ଜନସାଧାରଣଙ୍କ ପାଖରେ ପହଂଚାଇବା ପାଇଁ ସମସ୍ତ ନେତୃତ୍ୱ ଅଭିଭାଷଣ ରେ ପ୍ରକାଶ କରିଥିଲେ ।

## ଫଟାମୁଣ୍ଡା ୟୁପି ସ୍କୁଲ ପ୍ରଧାନଶିକ୍ଷକଙ୍କ ଦାଦାଗିରି
# ଅତିଷ୍ଠ ଗ୍ରାମବାସୀ ବିଇଓଙ୍କ ଦ୍ୱାରସ୍ଥ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗଁରେଇ ପଞ୍ଚାୟତ ଫଟାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚତୁର ବାଗ ଦୀର୍ଘ ବର୍ଷ ଧରି ସ୍କୁଲରେ ରହି ଖୁଲମ୍ ଖୁଲ୍ଲା ଦାଦାଗିରି କରୁଥିବାରୁ ଅତିଷ୍ଠ ଗ୍ରାମବାସୀ ପୁଣି ବୁଧବାର ବ୍ଲକ ବିଇଓଙ୍କ ଅନୁପସ୍ଥିତିରେ ଏବିଇଓ କାନ୍ତାରାମ ଧରୁଆଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ବିଦ୍ୟାଳୟରେ ପାଠପଢୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ସ୍କୁଲ ପରିଚାଳନା କମିଟିରେ ରହିବା ପାଇଁ ସରକାରଙ୍କ ସ୍ପଷ୍ଟ ନିୟମ ଥିବା ବେଳେ ଫଟାମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚତୁର ବାଗ ତାଙ୍କ ମନମୁଖୀ କରି ତାଙ୍କୁ ସୁହାଇଲା ଭଳି ବାହାର ଲୋକଙ୍କୁ ବର୍ଷ ବର୍ଷ ଧରି ସ୍କୁଲ କମିଟିରେ ରଖିଥିବା,ଦୀର୍ଘ ବର୍ଷ ଧରି ଥିବା ଏହି ସ୍କୁଲ କମିଟିକୁ ସମ୍ପୂର୍ଣ୍ଣ ରଦ୍ଦ କରିବା ଏବଂ ଏକ ନୂତନ ସ୍କୁଲ ପରିଚାଳନା କମିଟି ଗଠନ କରିବା ପାଇଁ ଗ୍ରାମବାସୀ ବିଇଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସେହିପରି ଶିଶୁ ସେବିକା ନିଯୁକ୍ତିରେ ବ୍ୟାପକ ଅନିୟମିତତା କରି ଅନ୍ୟ ଜଣଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ପଚାରିଲେ ଓଲଟା ଗ୍ରାମବାସୀଙ୍କୁ ଧମକ ଚମକ ଦେବା ଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି ଫଟାମୁଣ୍ଡା ଗ୍ରାମର ମହିଳାମାନେ। ଛାତ୍ରଛାତ୍ରୀଙ୍କୁ ଠିକ୍ ଭାବରେ ମଧାହ୍ନ ଭୋଜନ ଦେବା ଓ ପାଠ ପଢାଇବା ପାଇଁ କହିଲେ ଅଭିଭାବକମାନଙ୍କୁ ପ୍ରଧାନ ଶିକ୍ଷକ ଶ୍ରୀ ବାଗ ଅତି ଅସଭ୍ୟ ଭାଷାରେ ଗାଳିଗୁଲଜ କରି ତୁମର ସ୍କୁଲରେ କାମ ନାହିଁ କହି ତଡି ଦେଉଥିବା ଗ୍ରାମର ଏସଏଚଜି ମହିଳାମାନେ ଗୁରୁତର ଅଭିଯୋଗ କରିବା ସହ ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଯୋଗ୍ୟ ପ୍ରାର୍ଥୀଙ୍କୁ ଶିଶୁ ସେବିକା ପଦବୀରେ ନିଯୁକ୍ତି ଦିଆଯିବାକୁ ଦୃଢ଼ ଦାବି କରିଛନ୍ତି।

## ବଲାଙ୍ଗିର ଲୋକ ଉତ୍ସବର ତୃତୀୟ ଦିବସ
# ଐତିହ୍ୟ ଏବଂ ଏକତାର ପ୍ରତୀକ ଲୋକ ଉତ୍ସବ



ବଲାଙ୍ଗିର,(ସବ୍ୟୁ): ତ୍ରୟୋବିଂଶତମ ବଲାଙ୍ଗିର ଲୋକ ଉତ୍ସବର ତୃତୀୟ ଦିନର ପୂର୍ବାହ୍ଣରେ ଜୟଦେବ କଳାସଂସଦ, ବଲାଙ୍ଗିର ପକ୍ଷରୁ ନୂତନ ମଞ୍ଚଠାରେ ଭକ୍ତିସଂଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସେହିପରି ପୁରୁଣା ମଞ୍ଚରେ ଜିଲ୍ଲାସ୍ତରୀୟ ଲୋକ ବାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାସ୍ତରୀୟ ଲୋକ ବାଦ୍ୟ ଏକକ ପ୍ରତିଯୋଗିତାରେ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଜିଲ୍ଲାସ୍ତରୀୟ ଲୋକ ବାଦ୍ୟ ଦଳୀୟ ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାର ମାନେ ସେମାନଙ୍କ ପାରଦର୍ଶିତା ପ୍ରଦର୍ଶନ କରିଥିଲେ । ସନ୍ଧ୍ୟା କାର୍ଯ୍ୟକ୍ରମରେ ଲୋକଉତ୍ସବ ସାଂସ୍କୃତିକ କମିଟି ପକ୍ଷରୁ ଆକାଶବାଣୀ କଳାକାରଙ୍କ ଦ୍ୱାରା ଲୋକ ସଂଗୀତ ବିଚିତ୍ରା ନୂତନ ମଞ୍ଚରେ ଅନୁଷ୍ଠିତ ହୋଇଥିଲା ।

ତୃତୀୟ ଦିବସର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ବଲାଙ୍ଗିର, ଡକ୍ଟର ବିଜୟାନନ୍ଦ ସେଠୀ, ସଭାପତିତ୍ୱ କରିଥିଲେ । ସମ୍ମାନିତ ଅତିଥି ଭାବେ ସମ୍ପାଦକ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗିର, ପବିତ୍ରାନନ୍ଦ ପ୍ରଧାନ, ରେଜିଷ୍ଟାର, ସିଭିଲ କୋର୍ଟ, ବଲାଙ୍ଗିର, ସୁଦୀପ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଗୁଣନିଧି ମଲ୍ଲିକ, କୁଳସଚିବ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗିର, ହରପ୍ରସାଦ ଭୋଇ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ତରଣି ସୁନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର, ଅତିଥି କଳାକାର ବିପିନ ବିହାରୀ ଭୋଇ, ଆଠଗାଁ, ସହ ଅଧକ୍ଷ ଖାଦ୍ୟ ଓ ଆବାସ କମିଟି ସୁଶ୍ରୀ ମିଲି ବାରିକ, ସହ ଅଧକ୍ଷ, ପଡିଆ କମିଟି ଗୋବିନ୍ଦ ଶତପଥୀ ଓ ସୁମନ ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର ମଞ୍ଚାସୀନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ବରିଷ୍ଠ କଳାକାର ଆର୍ତ୍ତତ୍ରାଣ ସୁନାନିଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ ।

ଅତିଥି ମନେ ନିଜ ଅଭିଭାଷଣରେ କହିଥିଲେ, ଆମ ଐତିହ ଏବଂ ଏକତାର ପ୍ରତୀକ ଏହି ଲୋକ ଉତ୍ସବ । ଲୋକ ଉତ୍ସବର ଏହି ମଞ୍ଚ କଳାକାର ଏବଂ କଳାକୁ ଭଲ ପାଉଥିବା ବ୍ୟକ୍ତି ବିଶେଷଙ୍କର । ଏହି ଲୋକ ଉତ୍ସବ ଆମ ସମସ୍ତଙ୍କର, ତେଣୁ ପ୍ରତି ବର୍ଷ ଏହା କିପରି ଆହୁରି ସୁନ୍ଦର ଭାବେ ଆୟୋଜିତ ହୋଇପାରିବ ସେଥିପ୍ରତି ଆମେ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବା। ସଭା କାର୍ଯ୍ୟରେ ମଞ୍ଚ ସଂଯୋଜନା କରିଥିଲେ ସନ୍ଦୀପ କୁମାର କୁଅଁର ଓ ଧନ୍ୟବାଦ ଅର୍ପଣ କରିଥିଲେ ଗୋବିନ୍ଦ ଶତପଥୀ । ସନ୍ଧ୍ୟା ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମରେ ଝାଡଖଣ୍ଡ ରାଜ୍ୟର ସରାଇକେଲା ଛଉ, ମହାରାଷ୍ଟ୍ରର ଲାବଣି , କାଶ୍ମୀରର ରୌଫ ଏବଂ ପଞ୍ଜାବର ଭାଙ୍ଗଡା ନୃତ୍ୟ ପରିବେଷିତ ହୋଇଥିଲା । ସେହିପରି ବଲାଙ୍ଗିରର କୋଶଳ ଫୋକ ଏକାଡେମି, ଅନ୍ୱେଷଣ, ଏକତା ଡ୍ୟାନ୍ସ ଗ୍ରୁପ, ପୌରାଞ୍ଚଳ ଯାଦବ ମହାସଭା, ଦୁଲଦୁଲି କଳା ପରିଷଦ, ଜୟ ଦୁର୍ଗା କଳା ପରିଷଦ, ବରଗଡର ଢ଼ାଲଖାଇ, ପାଟଣାଗଡର ଝଙ୍କାର ମ୍ୟୁଜିକ, ଟିଟିଲାଗଡର ସାଇନିଙ୍ଗ ଷ୍ଟାର ପ୍ରମୁଖ ସାଂସ୍କୃତିକ ଦଳ ଲୋକ ଉତ୍ସବର ତୃତୀୟ ରଜନୀରେ ଅଂଶଗ୍ରହଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ ।

## ଭୀମଭୋଇ ଲୋକ ମହୋତ୍ସବ ପ୍ରଚାର ପ୍ରସାର ନେଇ ବୈଠକ
# ଲୋକମହୋତ୍ସବ ନହୋଇ ନେତା ମହୋତ୍ସବ ବେଶୀ



ରେଢ଼ାଖୋଲ,(ସବ୍ୟୁ): ରେଢ଼ାଖୋଲ ଉପଖଣ୍ଡ ପ୍ରଶାସନ ତରଫରୁ ସନ୍ଥ କବି ଭୀମଭୋଇ ଲୋକ ମହୋତ୍ସବ ଉପଲକ୍ଷେ ଏହାର ପ୍ରଚାର ପ୍ରସାର ପାଇଁ ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ସ୍ଥିତ ରାଜୀବ ଭବନ ସଭାଗୃହ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକାଶ ରଞ୍ଜନ ସାହୁ ପଞ୍ଚାୟତ ସମିତି ଅଧକ୍ଷା ସ୍ୱରୂପା ରାଣୀ ସାହୁ, ଉପାଧକ୍ଷ ଜିତେନ୍ଦ୍ର କୁମାର ପ୍ରଧାନ,ତହସିଲଦାର ଅମର ଜେ ଡୁଙ୍ଗ ଡୁଙ୍ଗ ମଞ୍ଚାସୀନ ଥିଲେ। । ତେବେ ବ୍ଲକ ପ୍ରସାଶନ ପକ୍ଷରୁ ବିଶେଷ ପ୍ରଚାର ପ୍ରସାର ଅଭାବରୁ ଅଧିକାଂଶ ସରପଞ୍ଚ ଓ ସମିତିସଭ୍ୟ ମାନେ ଅନୁପସ୍ଥିତ ଥିବା ଦେଖାଯାଇଥିଲା । ଏହା ଲୋକ ମହୋତ୍ସବ ନ ହୋଇ ନେତା ମହୋତ୍ସବ ହେଉଥିବା ଅଭିଯୋଗ ହେଉଛି । କେବଳ କେତେ ଜଣ ନେତାଙ୍କୁ ଡାକି ଏହି ମହୋତ୍ସବର ସଭା ତଥା ଲୋଗୋ ଉନ୍ମୋଚିତ କରାଯାଇଥିଲା । ଏପରିକି ଗଣ ମାଧ୍ୟମକୁ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ସୂଚନା ଦିଆଯାଇ ନଥିବାରୁ ଗଣମାଧ୍ୟମ ପ୍ରତିନିଧି ମାନେ ଅସନ୍ତୋଷ ପ୍ରକାଶ କରିଥିଲେ ।

# କଂଗ୍ରେସ ଏସସି ସେଲ ପକ୍ଷରୁ ମନରେଗା ବଞ୍ଚାଅ କାର୍ଯ୍ୟକ୍ରମ

ବରଗଡ଼,(ସବ୍ୟୁ): ବରଗଡ଼ ଜିଲ୍ଲା ବରପାଲି ପୌରାଞ୍ଚଳ ଯାଦବ କଲ୍ୟାଣ ମଣ୍ଡପ ଠାରେ ଶତାଧିକ ଲୋକଙ୍କୁ ନେଇ 'ମନରେଗା' ବଞ୍ଚାଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରଗଡ଼ ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ବିଭାଗର ଜିଲ୍ଲା ଅଧକ୍ଷ ଅଭିଷେକ ସେଠ୍ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧକ୍ଷ ଆଇନଜୀବୀ ମାନସ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ସମ୍ପାଦକ ପାଣ୍ଡବ କର୍ଣ୍ଣ ଯୋଗଦେଇ କହିଥିଲେ ଯେ ମହାତ୍ମା ଗାନ୍ଧୀଙ୍କ ନାମକୁ ମନରେଗାରୁ କାଟି ମୋଦି ସରକାର ଯେଉଁ ଭୁଲ କରିଛି ଆଗାମୀ ଦିନରେ କଂଗ୍ରେସ ଦଳ ଓ ଦେଶବାସୀ ଏହାର ଉପଯୁକ୍ତ ଜବାବ୍ ଭୋଟ ମାଧ୍ୟମରେ ଦେବେ । କାର୍ଯ୍ୟକ୍ରମରେ ରାଜ୍ୟ ଅନୁସୂଚିତ ଜାତି ବିଭାଗର ଉପାଧକ୍ଷ ରଞ୍ଜନ ସେଠି, ସମ୍ପାଦକ ସତ୍ୟନାରାୟଣ ସେନାପତି, ବରିଷ୍ଠ ନେତା ଆନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଶେଷରେ ବରପାଲି ଏନ ଏ ସି ର ୧୧ ନମ୍ବର ୱାର୍ଡ କାଉନସିଲର ସରୋଜ ଭୋଇ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଶ୍ରୀକୃଷ୍ଣଙ୍କ କାଳୀୟ ଦଳନ ଦର୍ଶନ କଲେ ଗୋପପୁରବାସୀ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁରୀ ଧନୁଯାତ୍ରାର ୪ର୍ଥ ଦିବସରେ ଗୋପପୁରବାସୀ ଶ୍ରୀକୃଷ୍ଣଙ୍କ ଲୀଳାଖେଳା ଉପଭୋଗ କରିଥିଲେ । ନନ୍ଦରାଜା ଓ ମାତା ଯଶୋଦାଙ୍କ ଗେହ୍ଲା କୃଷ୍ଣଙ୍କ ପ୍ରେମରେ ରାଧାରାଣୀ ବିଭୋର ହୋଇ ପଡିଛନ୍ତି । ନାବକେଳି, ଦହି ବିକ୍ରି, କଂସଙ୍କ ଦ୍ୱାରା ପ୍ରେରିତ ଷଣ୍ଢାସୁର ବଦ୍ଧ ଓ ଶ୍ରୀକୃଷ୍ଣଙ୍କ କାଳୀୟ ଦଳନ ବିଷୟ ନାଟକ ମଞ୍ଚସ୍ଥ ହୋଇଥିଲା । ଏହାକୁ ଗୋପପୁର (ଚାଉଁରପୁରବାସୀ) ଖୁବ୍ ଉପଭୋଗ କରିଥିଲେ । ସେହିପରି କୃଷ୍ଣବଳରାମ ରଥାରୁଢ ହୋଇ ସିକିର୍ଡ଼େ, କଣ୍ଟାପାଲି, ଗୋଶାଳା, ପୁରୁଣା ଝାଙ୍କରପାଲି, ମୁଡୋଘାଟ, ପୋଡାପାଲି ଓ ପରଦେଶୀ ପଡା ଆଦି ଅଞ୍ଚଳ ପରିକ୍ରମା କରିଥିଲେ । ଏହି ୨ଭାଇଙ୍କୁ ବିଭିନ୍ନ ଗ୍ରାମରେ ସ୍ୱାଗତ ଓ ପୂଜାର୍ଚ୍ଚନା କରାଯାଇଥିଲା । ସମ୍ବଲପୁରୀ ଧନୁଯାତ୍ରା କମିଟିର କାର୍ଯ୍ୟକାରୀ ସଭାପତି କମଳଲୋଚନ ପଣ୍ଡା, ଯୁଗ୍ମ ସମ୍ପାଦକ ଦୁଷ୍ମନ୍ତ ପଣ୍ଡା, ଗୋପପୁର କମିଟିର ସଭାପତି ଆଦିତ୍ୟ ପ୍ରସାଦ ନାୟକ, ସମ୍ପାଦକ ଗଣେଷ ମହନ୍ତମ, ସରୋଜ ମହାପାତ୍ର, ସାଧୁ ମହନ୍ତମ, ଯୋଗେନ୍ଦ୍ର ମାଝୀ ଓ କୃଷ୍ଣ ମହନ୍ତମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଷ୍ଟକ ମାର୍କେଟିଂ ନିବେଶରେ ଠକେଇ, ଜଣେ ଗିରଫ

ସମ୍ବଲପୁର,(ସବ୍ୟୁ): ଷ୍ଟକ ମାର୍କେଟିଂ ନିବେଶ ଠକେଇ ଅଭିଯୋଗରେ ଅଇଁଠାପାଲି ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ବରଗଡ ଜିଲ୍ଲା ଅନ୍ଧାରିପାଲି ଗ୍ରାମର ଚନ୍ଦ୍ରଶେଖର ଦାସ(୪୩) ବୋଲି ଜଣାପଡିଛି । ତାଙ୍କ ଠାରୁ ୩ଟି ମୋବାଇଲ ଫୋନ, ୩ଟି ସିମ୍କାର୍ଡ, ୮ଟି ବ୍ୟାଙ୍କର ଡେବିଟ୍ କାର୍ଡ, ଗୋଟିଏ ଟାବଲେଟ୍, ଗୋଟିଏ ଲାପଟପ୍, ପାସ୍ପୋର୍ଟ, ଆଧାରକାର୍ଡ, ପାନ୍କାର୍ଡ ଓ ଡିଏଲ୍ ଜବତ ହୋଇଛି । ଏନେଇ ୧୭/୨୬ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ଅଭିଯୁକ୍ତ ଚନ୍ଦ୍ରଶେଖର ଅଭିଯୋଗକାରୀଙ୍କୁ ସେମାନଙ୍କ ନିବେଶିତ ଟଙ୍କାର ୭ରୁ ୧୦ପ୍ରତିଶତ ମାସିକ ରିଟର୍ଣ୍ଣ ଦେବାର ପ୍ରତିଶ୍ରୁତି ଦେଇ ଷ୍ଟକ ମାର୍କେଟିଂରେ ନିବେଶ କରିବା ପାଇଁ ସେମାନଙ୍କ ଠାରୁ ପ୍ରାୟ ୧.୭କୋଟି ଟଙ୍କା ଠକି ନେଇଛନ୍ତି । ବାରମ୍ବାର ଟଙ୍କା ଫେରାଇବାକୁ ସେମାନେ ଅଡି ବସିଥିବା ବେଳେ ସେ ଫେରାର ହୋଇ ଯାଇଥିଲେ । ଏନେଇ ସମ୍ବଲପୁର ସହର ମୁଦିପଡା ପାଣିଟାଙ୍କି ଅଞ୍ଚଳର ମାନସୀ ସାହୁ ଓ ଅନ୍ୟ ୮ଜଣ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ
# ଦର୍ଶକଙ୍କୁ ଅଭିଭୂତ କଲା 'ଶୁକଶାରୀ' ଓ 'ବାରିଷ'

ଭବାନୀପାଟଣା, (ସବ୍ୟୁ): ରାଜ୍ୟର ଅଗ୍ରଣୀ ସଂଗଠନ କଳାହାଣ୍ଡି କଳାକାର ସଂଘ ଆୟୋଜିତ ୧୬ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ସ୍ଥାନୀୟ ଟାଉନହଲଠାରେ ଉଦଘାଟିତ ହୋଇଯାଇଛି। ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଶାନ୍ତନୁ ବେହେରା, ବରିଷ୍ଠ କଳାକାର ଅଶୋକ ପାତ୍ର, ମହମ୍ମଦ ଅବଦୁଲ କାଦିର ଯୋଗ ଦେଇଥିଲେ। ସଂଘର ସଭାପତି ପଦ୍ମନାଭ କୁମାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ସଂପାଦକ ଶେଷଦେବ ମିଶ୍ର ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ମନୋଜ ଶର୍ମା ସଭା ପରିଚାଳନା କରିଥିଲେ। ବର୍ଷୀୟାନ କଳାକାର ଆର୍ତ୍ତତ୍ରାଣ ସାହୁଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଭୁବନେଶ୍ୱରସ୍ଥିତ ଏକ୍ସପ୍ରେସନ ନାଟ୍ୟ ସଂସ୍ଥାର ପ୍ରଯୋଜନା ତଥା କାର୍ତ୍ତିକ ରଥଙ୍କ ରଚନା ଓ ଦୟାନନ୍ଦ ସୋନିଙ୍କ ନିର୍ଦ୍ଦେଶନାରେ ପ୍ରଦର୍ଶିତ ହୋଇଥିଲା ନାଟକ 'ଶୁକଶାରୀ'। ଦ୍ୱିତୀୟ ପର୍ଯ୍ୟାୟରେ କଳାହାଣ୍ଡି ମାଟିର ସୁନାମଧନ୍ୟ ନାଟ୍ୟକାର ପ୍ରଦୀପ ଧଙ୍ଗଡାମାଝୀଙ୍କ ରଚନା ଓ ନିର୍ଦ୍ଦେଶନାରେ ନାଟକ 'ବାରିଷ' ପ୍ରଦର୍ଶିତ ହୋଇ ବେଶ ଦର୍ଶକୀୟ ପ୍ରଶଂସା ଲାଭ କରିଥିଲା।

# ବିଜେଡି ପକ୍ଷରୁ ସ୍ମାର୍ଟ ମିଟରକୁ ବିରୋଧ



ସମ୍ବଲପୁର,(ସବ୍ୟୁ): ସରକାର ସ୍ମାର୍ଟ ମିଟର ପ୍ରଚଳନ ପାଇଁ କ୍ୟାବିନେଟ୍‌ରେ ଅନୁମୋଦନ କରିଛନ୍ତି । ଏହାକୁ ସମ୍ବଲପୁର ଜିଲ୍ଲା ବିଜେଡି ପକ୍ଷରୁ ବିରୋଧ କରାଯାଉଛି । ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ଭୁତାପଡା ସ୍ଥିତ ଟାଟା ପାୱାର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲା । ଏଥିସହ ଟିପିଡବ୍ଲ୍ୟୁଓଡିଏଲ୍‌ର ମୁଖ୍ୟ ପ୍ରବନ୍ଧକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ବିଦ୍ୟୁତ୍ ଆବଣ୍ଟନ କମ୍ପାନୀ ଟାଟା ପାୱାର ସରକାରଙ୍କ ପ୍ରତ୍ୟକ୍ଷ ସହଯୋଗରେ ଉପଭୋକ୍ତାଙ୍କୁ ଶୋଷଣ କରୁଛି । ଏଥିଯୋଗୁଁ ପଶ୍ଚିମଓଡିଶାବାସୀଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ପ୍ରକାଶ ପାଇଛି । ପୂର୍ବ ବକେୟା ବିଲ ଅସୁଲି ନାମରେ ଗୁଣ୍ଡାରାଜ ଚାଲୁଛି । ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ବଳପୂର୍ବକ ଅସୁଲି କରାଯାଉଛି । ଏପରିକି ବିଦ୍ୟୁତ୍ ସଂଯୋଗ ବିଛିନ୍ନ କରାଯାଉଛି । ଅନ୍ୟପଟେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ଲୋକଙ୍କୁ ନୟାନ୍ତ କରୁଛି । ରାଜସ୍ଥାନ, ବିହାର ଓ ଦିଲ୍ଲୀ ଭଳି ରାଜ୍ୟରେ ମାଗଣା ବିଜୁଳି ଯୋଗାଇ ଦିଆଯାଉଛି । ଓଡିଶା ଭଳି ପଛୁଆ ରାଜ୍ୟରେ ଚାଷୀ, ଶ୍ରମିକ ଓ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ବ୍ୟକ୍ତିଙ୍କୁ ମଧ୍ୟ ମାଗଣା ବିଜୁଳି ଦେବାକୁ ସରକାର କୁଣ୍ଠାବୋଧ କରୁଛନ୍ତି । ଏଭଳିସ୍ଥଳେ ସ୍ମାର୍ଟ ମିଟର ପ୍ରଚଳନ ପ୍ରତ୍ୟାହାର, ୱେସ୍କୋ ସମୟର ବକେୟା ବିଲ ଅସୁଲି ବନ୍ଦ, ନିର୍ବାଚନ ପ୍ରତିଶ୍ରୁତି ମୁତାବକ ୩୦୦ୟୁନିଟ୍ ମାଗଣା ବିଜୁଳି ପ୍ରଦାନ, ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ ଓ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା କାର୍ଯ୍ୟ ବନ୍ଦ କରିବାକୁ ଦାବି କରାଯାଇଛି । ଏଥିରେ ପୂର୍ବତନ ରେଙ୍ଗାଲି ବିଧାୟକ ରମେଶ ପଟୁଆ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିସାନ, ଗୋପୀରଞ୍ଜନ ବେହେରା, ବେଣୁଧର ଦାଶ, ରୁଦ୍ର ଷଡଙ୍ଗୀ, ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ସତ୍ୟେନ୍ଦ୍ର ଦାସ, ପ୍ରଫୁଲ୍ଲ ଦାସ, ଉଷା ପ୍ରଧାନ, ସିପ୍ରା ମହାନ୍ତି, ସଂଯୁକ୍ତା ମେହେର, ଲିଳୀମା ମଲ୍ଲିକ, ନନ୍ଦିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଅମ୍ଭାଭୋନା ପିଏମ୍ ଶ୍ରୀ କେଦାରନାଥ ଆଦିବାସୀ ଉଚ୍ଚ ବିଦ୍ୟାଳୟର ସଫଳତା



ଅମ୍ଭାଭୋନା,(ସବ୍ୟୁ): ଜାନୁଆରୀ ୧୯ ଓ ୨୦ ତାରିଖରେ ବରଗଡ଼ ସହରସ୍ଥିତ ରାଣାପ୍ରତାପ ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଜିଲ୍ଲା ସ୍ତରୀୟ ପିଏମ୍ ଶ୍ରୀ ଉତ୍ସବରେ ଅମ୍ଭାଭୋନା ପିଏମ୍ ଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ସଫଳତା ହାସଲ କରିଛି। ଉତ୍ସବରେ ବିଦ୍ୟାଳୟର ୪୨ ଜଣ ଛାତ୍ରଛାତ୍ରୀ ତାଙ୍କର ନବୀନ ଚିନ୍ତାଧାରା ଓ ପ୍ରକଳ୍ପ ସହ ତିନିଟି ପାଭେଲିଅନରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ପାଭେଲିଅନ 'ଆକାଂକ୍ଷୀ ମେଳା–୨୦୨୬'ରେ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ସାନିଆ ପ୍ରଧାନ ତାଙ୍କ ପ୍ରକଳ୍ପ ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନ ପ୍ରଦର୍ଶନ କରି ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ ପାଇଁ ଚୟନିତ ହୋଇଛନ୍ତି। ଏହି ପ୍ରକଳ୍ପଟି ମାର୍ଗଦର୍ଶକ ଶିକ୍ଷକ ଚିନ୍ମୟ ସାହୁଙ୍କ ପରାମର୍ଶରେ ପ୍ରସ୍ତୁତ ହୋଇଥିଲା। ଏହିପରି ଦ୍ୱିତୀୟ ପାଭେଲିଅନ 'ଆକାଂକ୍ଷୀ ଟ୍ୟାଲେଣ୍ଟ ଗ୍ୟାଲେରୀ'ରେ ନବମ ଶ୍ରେଣୀର ଝସକେତନ ରଣା ଓ ସତ୍ୟମ ଦେହେରୀଙ୍କ ଦ୍ୱାରା ପ୍ରସ୍ତୁତ କୃତ୍ରିମ ବୁଦ୍ଧିମତ୍ତା ରୋବଟ ପ୍ରକଳ୍ପ ମଧ ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟ ସ୍ତରକୁ ଉନ୍ନୀତ ହୋଇଛି। ଏହି ପ୍ରକଳ୍ପର ମାର୍ଗଦର୍ଶନ ମଧ ଶିକ୍ଷକ ଚିନ୍ମୟ ସାହୁ କରିଥିଲେ। ତିନିଟି ପାଭେଲିଅନରୁ ଦୁଇଟିରେ ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିବାକୁ ନେଇ ଅମ୍ଭାଭୋନା ଅଞ୍ଚଳରେ ଏହା ଗର୍ବ ଓ ଆଲୋଚନାର ବିଷୟ ହୋଇଛି। ସେ ବିଦ୍ୟାଳୟର ମୋଟର ଯାନ ଧନ୍ଦାମୂଳକ ବିଷୟର ଛାତ୍ରୀ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟ ହଷ୍ଟେଲରୁ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ବିଶ୍ୱବିଦ୍ୟାଳୟର ହଷ୍ଟେଲରୁ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମୃତ ଛାତ୍ର ଜଣକ ସ୍ନାତକୋତ୍ତର ଅର୍ଥନୀତି ବିଭାଗ ୨ୟ ବର୍ଷର ସୁରଜ କୁଜୁର(୨୨) ବୋଲି ଜଣାପଡିଛି । ସେ ସୁନ୍ଦରଗଡ ଜିଲ୍ଲା କୁତ୍ରା ଅଞ୍ଚଳର ବୋଲି ସୂଚନା ମିଳିଛି । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଠାରୁ ସୂଚନା ପାଇ ବୁର୍ଲା ଥାନା ପୋଲିସ ମୃତଦେହକୁ ଉଦ୍ଧାର କରିଥିଲା । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ୪୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି । ତେବେ କେଉଁ ପରିସ୍ଥିତିରେ ଛାତ୍ରଙ୍କ ମୃତ୍ୟୁ ହୋଇଛି ତାହା ଅସ୍ପଷ୍ଟ ରହିଛି । ସୂଚନାଯୋଗ୍ୟ, ସୁରଜ ବିଶ୍ୱବିଦ୍ୟାଳୟର ବ୍ରହ୍ମପୁତ୍ର ହଷ୍ଟେଲର ରୁମ୍ ନମ୍ବର ୫୨ରେ ଏକାକୀ ରହୁଥିଲେ । ସହପାଠୀ ମାନେ ରାତ୍ର ଭୋଜନ ପାଇଁ ଗତ ୨୦ତାରିଖରେ ତାଙ୍କୁ ଡାକିବାକୁ ଯାଇଥିଲେ । ମାତ୍ର ସେ କବାଟ ଖୋଲି ନଥିଲେ । ସନ୍ଦେହ ହେବାରୁ ସହପାଠୀ ମାନେ ଝରକାକୁ ଚଢି ଦେଖିଥିଲେ । ଫ୍ୟାନରେ ଦଉଡି ଲାଗିଥିବା ବେଳେ ତାଙ୍କର ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା । ସେମାନେ ତୁରନ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ । ପରେ ପୋଲିସ କଠୋରୀର କବାଟ ଭାଙ୍ଗି ତାଙ୍କ ମୃତଦେହ ଉଦ୍ଧାର କରିଥିଲା । ଗତ କିଛି ଦିନ ହେବ ସେ ବେଶ ଚୁପଚାପ ରହୁଥିଲେ । ଏପରିକି ସହପାଠୀଙ୍କ କଥାବର୍ତ୍ତା ହେଉନଥିଲେ । ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଛି । ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହେବ ବୋଲି ବୁର୍ଲା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି ।

# ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର କ୍ରିକେଟ କପ୍ ଉଦ୍‌ଘାଟିତ




ପଦ୍ମପୁର,(ସବ୍ୟୁ): ପଦ୍ମପୁର ନିକଟସ୍ଥ ଖଇରପାଲି ହାଇସ୍କୁଲ ପଡ଼ିଆରେ ଗୋଲ୍ଡେନ ଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ୧୩ତମ ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର କ୍ରିକେଟ କପ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଖଇରପାଲି ଜଗନ୍ନାଥ କମିଟିର ସମସ୍ତ ସଦସ୍ୟ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। ପ୍ରଥମ ଦିନ ଖେଳରେ ୪ ଗୋଟି ଦଳ ମଧ୍ୟରୁ କେନ୍ଦ୍ରାପଡା କ୍ୱାଟର ଫାଇନାଲ ମ୍ୟାଚରେ ବଲାଙ୍ଗୀରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ଦିନର ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବରେ ପଦ୍ମପୁରର ବରିଷ୍ଠ ସାମ୍ବାଦିକ ରତ୍ନମଣି ଶତପଥି,ନିଳକଣ୍ଠ ଦୀପ, କିରଟି ସାହୁ, ଡିଲେଶ୍ୱର ବାଗ, ସୁଦାମ ପ୍ରଧାନ, ଅଶ୍ୱିନୀ ଧରୁଆ ପ୍ରମୁଖ ଯୋଗଦେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବରେ କେନ୍ଦ୍ରାପଡା ଦଳର ଲକୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଜାନୁୟାରୀ ୨୫ ତାରିଖ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ମାନେ ସୂଚନା ଦେଇଛନ୍ତି। ପ୍ରଥମ ଦିନର ମ୍ୟାଚକୁ ଅମ୍ପାୟାର ସନମ ସାହୁ, ଉମେଶ ଭୋଇ ଏବଂ ସୁଜିତ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ସୁନୀଲ, ସନ୍ତୋଷ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ବୁଦ୍ଧଦେବ ମହାରଣା ଓ କୁମାର ଆନନ୍ଦ ଧାରାବିବରଣୀ ପ୍ରଦାନ କରିଥିଲେ ।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଏମ୍‌ଆର୍ଜିଂ ଟେକ୍ନୋଲୋଜି ପ୍ରଶିକ୍ଷଣ ଶିବିର



ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ ଗାନ୍ଧୀନଗର ପଡା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ,ଓଡିଶା ପ୍ରୟୋଗ କେନ୍ଦ୍ର(ଓସିଏସି) ଏବଂ ବିଦ୍ୟାଳୟ ଗଣ ଶିକ୍ଷା ବିଭାଗ ସହଯୋଗ ଏବଂ ପୃଷ୍ଠପୋଷକତାରେ ଓଡିଶା ନଲେଜ କର୍ପୋରେସନ ଲିମିଟେଡ଼ (ଓକେସିଏଲ)ଦ୍ୱାରା ଏମଆର୍ଜିଂ ଟେକ୍ନୋଲୋଜି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କ ମାର୍ଗଦର୍ଶନରେ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସେବାଶ୍ରୀ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମଟି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭାରେ ବଲାଙ୍ଗିର ବ୍ଲକ ଶିକ୍ଷା ଅଧିକାରୀ ନୀଳମଣି ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ପଟେଲ ନିଜ ବକ୍ତବ୍ୟରେ ଡିଜିଟାଲ ଜ୍ଞାନ ଅର୍ଜନ କରିବା ସହିତ ତାହାକୁ ସଠିକ ଭାବେ ବ୍ୟବହାର କରିବା ଶିଖିବା ଦରକାର। ତେବେ ନିଶ୍ଚିତ ଭାବେ ଆମେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଓ ସଫଳ କ୍ୟାରିଅର ଗଢିପାରିବା ବୋଲି ପ୍ରଶିକ୍ଷାର୍ଥୀ ମାନଙ୍କୁ କହିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସାମନ୍ତରା ନିଜ ବକ୍ତବ୍ୟରେ ଡିଜିଟାଲ ଜ୍ଞାନ ଆମକୁ ସ୍ୱାବଲମ୍ବୀ, ସୃଜନଶୀଳ ଓ ନୋନ୍ନେଷୀ କରେ ବୋଲି କହିଥିଲେ। ପ୍ରଶିକ୍ଷଣ ଶିବିରରେ ୧୨୦ଜଣ ଛାତ୍ରୀ ଅଂଶଗ୍ରହଣ କରି କୃତ୍ରିମ ବୁଦ୍ଧିମତା, ଇଣ୍ଟରନେଟ ଅଫ୍ ଥିଙ୍ଗସ ରୋବୋଟିକ୍ସ, ସାଇବର ସୁରକ୍ଷା ସହ ଆଧୁନିକ ଡିଜିଟାଲ ଦକ୍ଷତା ଓ ପ୍ରଯୁକ୍ତି ବ୍ୟବହାର ପ୍ରୟୋଗ ଉପରେ ଅବଗତ ହୋଇଥିଲେ। ଟ୍ରେନର ଦେବବ୍ରତ ରଥ, ରମଣ କୁମାର ସାହୁ ଓ ସୁଶାନ୍ତ ବଘାର ପ୍ରଶିକ୍ଷଣ ଦେଇଥିଲେ। ଡିଷ୍ଟ୍ରିକ୍ଟ ଲିଡ଼ କୋର୍ଡିନେଟର ସଂଜୀବ କୁମାର ପ୍ରଧାନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ନୀଳକଣ୍ଠ ବହିଦାର,ଚୂଡ଼ାମଣି ମେହେରଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀ ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

**(ଶ୍ରୀମଦ୍‌ଭଗବଦ୍ ଗୀତା ୨/୨୦)**

**ସାଂଖ୍ୟଯୋଗଃ**

ଶ୍ରୀଭଗବାନୁବାଚ

**ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ**
**ନ ହନ୍ୟତେ ହନ୍ୟମାନେ ଶରୀରେ ।। ୨୦ ।।**

(ନ ହନ୍ୟତେ ଇତି ଏତତ୍ ଏବ ଷଡ୍‌ଭାବ ବିକାରଶୂନ୍ୟତ୍ୱେନ ଦ୍ରଢ଼ୟତି)-ଅୟଂ (ଆତ୍ମା) କଦାଚିତ୍ ନ ଜାୟତେ ବା (ଅଥବା) ମ୍ରିୟତେ: ଭୂତ୍ୱା (ଉତ୍ପଦ୍ୟ) ବା ଭୂୟଃ (ପୁନରପି) ନ ଭବିତା (ଭବିଷ୍ୟତି) ଇତି ନ: ଅୟଂ ଅଜଃ (ଜନ୍ମଶୂନ୍ୟଃ) ନିତ୍ୟଃ (ସଦା ଏକରୂପଃ) ଶାଶ୍ୱତଃ (ଶଶ୍ୱଭବଃ) ପୁରାଣଃ (ପରିଣାମହୀନଃ), ଶରୀରେ ହନ୍ୟମାନେ (ଅୟଂ) ନ ହନ୍ୟତେ ।। ୨୦ ।।

# ପ୍ରାୟ ଏକ ନାମ, ଦଳ କିନ୍ତୁ ଭିନ୍ନ

ନାମ ଏକ, ରାଜନୀତି ଭିନ୍ନ । ଦଳ ମଧ୍ୟ ପୃଥକ । ତେବେ ପୁରୁଣା ନାମଟିକୁ ଅତୀତରେ ଲୋକେ ପସନ୍ଦ କରି ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରି ଆସୁଥିଲେ । ମାତ୍ର ପରିବର୍ତ୍ତିତ ପରିସ୍ଥିତିରେ ଓଡ଼ିଶାର ଲୋକେ କାହିଁକି କେଜାଣି ତାଙ୍କୁ ଦୁଇଟି ବିଧାନସଭା ଆସନରୁ ଗୋଟିକରେ ଜିତାଇଲେ ଆଉ ତାଙ୍କ ଦଳକୁ ବିପୁଳ ସଂଖ୍ୟାରେ ଭୋଟ ଦେଲେ ନାହିଁ । ତେଣୁ ସେ ସରକାର ଗଢ଼ିବାର ସୁଯୋଗ ପାଇଲେ ନାହିଁ । କିନ୍ତୁ ତାଙ୍କର ଦଳ ବିରୋଧୀ ଦଳର ମାନ୍ୟତା ପାଇଲା । ସେ କିନ୍ତୁ ଆଉ ମୁଖ୍ୟମନ୍ତ୍ରୀ ହୋଇ ପାରିଲେ ନାହିଁ । ବିରୋଧୀ ଦଳର ନେତା ହୋଇ ଶାସକ ଦଳ ଓ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ବିରୋଧ କରିବାକୁ ସେ ଚାହିଁଲେ । କିନ୍ତୁ ଭଲ ଭାବରେ ବିରୋଧ କରି ପାରିଲେ ନାହିଁ । ରାଜ୍ୟବ୍ୟାପି ଗୋଟିଏ ଆଖିଦୃଶିଆ ଆନ୍ଦୋଳନ ମଧ୍ୟ କରି ପାରିଲେ ନାହିଁ । ସରକାରରେ ଥିଲାବେଳେ ତାଙ୍କ ଦଳର କନ୍ଦଳ ଜଣା ପଡୁ ନଥିଲା । କିନ୍ତୁ ସରକାରରୁ ଯିବା ପରେ ଏବେ ତାଙ୍କ ଦଳର କନ୍ଦଳ ଫୁଟି ବାହାରୁଛି । ବର୍ତ୍ତମାନ ସେ ଦଳ ମଧ୍ୟରେ ଏକତା ରକ୍ଷା ପାଇଁ ଚେଷ୍ଟା ଚାଲିଛି । ଦଳୀୟ ନେତା ଓ କର୍ମୀମାନେ ତାଙ୍କୁ 'ଟ୍ୱିଙ୍କଲ ଟ୍ୱିଙ୍କଲ ଲିଟିଲ ଷ୍ଟାର, ନବୀନ ପଟ୍ଟନାୟକ ସୁପରଷ୍ଟାର' ଧ୍ୱନି ଦେଇ କାର୍ଯ୍ୟାଳୟ ଭିତରକୁ ଯିବାବେଳେ ସ୍ୱାଗତ କରୁଥିଲେ ତ ଆଉ କେତେବେଳେ ବିଭିନ୍ନ ନେତା ବା ନେତ୍ରୀଙ୍କ ବାସଭବନରେ ଦଳୀୟ ନେତାମାନେ ଭୋଜି କରି ତାଙ୍କ ପକ୍ଷରେ ବା ବିପକ୍ଷରେ ବିଚାରବିମର୍ଷ କରୁଥିବା କୁହାଯାଇଛି । ତାଙ୍କ ଦଳର ନୂତନ କିମ୍ବା ସର୍ବକନିଷ୍ଠ ବିଧାୟକଙ୍କୁ ସେ ମଧ୍ୟ ଭରସି ପାରୁ ନାହାନ୍ତି ।

ଅତୀତରେ ସେ ମୁଖ୍ୟମନ୍ତ୍ରୀ ଥାଇ ନୂଆଦିଲ୍ଲୀ ଗସ୍ତ କରୁଥିବା ବେଳେ ମାତ୍ର ଦୁଇ ତିନି ଦିନ ପୂର୍ବରୁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ତାଙ୍କର ଗସ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଥିଲା । ମାତ୍ର ଯେଉଁଥର ସେ ଲଣ୍ଡନ ଗସ୍ତରେ ଗଲେ, ସମ୍ଭବତଃ ଗୃହ ବିଭାଗ, ପ୍ରାୟ ଛଅ ମାସ ପୂର୍ବରୁ ତାଙ୍କର ଗସ୍ତ କାର୍ଯ୍ୟକ୍ରମ ସ୍ଥିର କରିଥିଲେ । ସେଠାରୁ ଫେରିବା ପରେ ଦଳୀୟ ଲୋକଙ୍କୁ ମିଡ୍‌ନାଇଟ ଅପରେସନ (ରାତି ଅଧିଆ ଅଭିଯାନ) ପାଇଁ ଦାୟୀ କରାଗଲା । ସତେ ଯେପରି ଏହା ପୂର୍ବ କଳ୍ପିତ ଥିଲା । ଦଳର ଜଣେ ମାର୍ଗଦର୍ଶକଙ୍କୁ ଦଳରୁ ଦୂରେଇ ଦେବା ଲାଗି ସମ୍ଭବତଃ 'ମିଡ୍‌ନାଇଟ ଅପରେସନ' ଅଭିଯାନ ନାମରେ ଷଡଯନ୍ତ୍ର କରା ଯାଇଥିଲା । ଏପରିକି ମାର୍ଗଦର୍ଶକଙ୍କ ଅନୁରକ୍ତ ନେତା କେତେକଙ୍କୁ ମୁଖ୍ୟମନ୍ତ୍ରୀ କିଛି ଦିନ ଲାଗି, ସେତେବେଳେ ଦଳଠାରୁ ଦୂରେଇ ରଖିଦେଲେ । ମାର୍ଗଦର୍ଶକଙ୍କୁ ଦଳରୁ ଦୂରେଇ ଦେବା ପରେ, ଅତୀତରେ ମୁଖ୍ୟମନ୍ତ୍ରୀ ଜଣକ ଆଶ୍ୱସ୍ତିର ନିଃଶ୍ୱାସ ମାରିଥିଲେ । ନିଜର ନୂତନ ମାର୍ଗଦର୍ଶକଙ୍କ ଅନୁସନ୍ଧାନ କରି ଏକ ନୂତନ ମାର୍ଗରେ ସରକାର ଚଲାଇଥିବା ବେଳେ ସେବର ମୁଖ୍ୟମନ୍ତ୍ରୀ କେତେକାଂଶରେ ସଫଳ ହେଲେ ମଧ୍ୟ ଅନେକାଂଶରେ ବିଫଳ ହେଲେ । ଶେଷରେ ତାଙ୍କର ଅଧିକାଂଶ ନିଷ୍ପତ୍ତି ଭୁଲ ବୋଲି ପ୍ରମାଣିତ ହେଲା । ଏପରକି ୨୦୨୪ର ସାଧାରଣ ନିର୍ବାଚନ ପରେ ତାଙ୍କ ହାତରୁ ସରକାର ଖସିଗଲା । ରାଜ୍ୟର ୨୧ଟି ଲୋକସଭା ଆସନରୁ ଜଣିଏ ହେଲେ କେହି ତାଙ୍କ ଦଳରୁ ଲୋକସଭାକୁ ନିର୍ବାଚିତ ହୋଇ ପାରିଲେ ନାହିଁ । ଏବେ ବି ତାଙ୍କ ଦଳରେ କନ୍ଦଳ ଲାଗି ରହିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଆଞ୍ଚଳିକ ଦଳର ସଭାପତି ଭାବେ ସେ ନିଜର ଉତ୍ତରାଧିକାରୀଙ୍କୁ ବାଛି ପାରି ନାହାନ୍ତି କିମ୍ବା ନୂତନ ଯୁବକମାନଙ୍କୁ ଆଗକୁ ଯିବା ଲାଗି ସେ ବାଟ ଛାଡୁ ନାହାନ୍ତି ବୋଲି ଅଭିଯୋଗ ହେଉଛି ।

ଅପରପକ୍ଷରେ ଏକ ନାମଧାରୀ ଆଉ ଜଣେ କର୍ମୀ ଜାତୀୟ ରାଜନୀତିକ ଦଳର ସର୍ବ କନିଷ୍ଠ ରାଷ୍ଟ୍ରୀୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ଏବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ସମ୍ବୋଧନ କରିବା ସମୟରେ 'ସେ ମୋର ବସ୍ ବା ମାଲିକ' ବୋଲି କହିଛନ୍ତି । ସେ ଦୁଇଥର ପ୍ରଧାନମନ୍ତ୍ରୀ ହୋଇଥିଲେ ମଧ୍ୟ ଜାତୀୟ ଦଳର କର୍ମକର୍ତ୍ତା ଭାବେ ସେ ଖୁବ୍ ଗର୍ବ ଅନୁଭବ କରନ୍ତି ବୋଲି ପ୍ରକାଶ କରି ଯୁବଶକ୍ତି ତାଙ୍କ ଦଳର ମାର୍ଗଦର୍ଶକ ହୋଇ ଦଳକୁ ଠିକ୍ ମାର୍ଗରେ ନେବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ନବୀନ ପଟ୍ଟନାୟକ ଓ ନୀତିନ ନବୀନ । ଜଣେ ଆଞ୍ଚଳିକ ଦଳ ବିଜୁ ଜନତା ଦଳର ମୁଖ୍ୟ ରହିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଏବର ବିରୋଧୀ ଦଳର ନେତା ସେ । ଆଉ ଜଣେ କେନ୍ଦ୍ରରେ ସରକାର ଗଢ଼ିଥିବା ବିଜେପି ଦଳର ସର୍ବକନିଷ୍ଠ ରାଷ୍ଟ୍ରୀୟ ସଭାପତି । ଅତୀତରେ ସେ କୌଣସି ପଦପଦବୀରେ ବା ସରକାରରେ ନଥିଲେ । ଭାରତ ସରକାର ଆଗାମୀ ୨୦୪୭ରେ ସ୍ୱାଧୀନତାର ଶତବାର୍ଷିକ ପାଳନ କରି ବିକଶିତ ଭାରତ ପାଇଁ ଯେଉଁ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି, ସେଥିରେ ବିଜେପିର ନୂତନ ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ ତାଙ୍କର ଉଦ୍ୟମ ଜାରି ରଖିବେ ବୋଲି ଆଶା କରାଯାଉଛି । ସେହିପରି ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଆସନ୍ତା ୨୦୩୬ରେ ଓଡ଼ିଶା ଯେତେବେଳେ ତାହାର ଶତବାର୍ଷିକ ପାଳନ କରିବ, ସେତେବେଳେ ଯୁବ ନେତୃତ୍ୱ ଉପରେ ଭରସା ରଖି ନିଜର ଦଳକୁ ଓ ରାଜ୍ୟକୁ ଆଗକୁ ନେବା ପାଇଁ ଉଦ୍ୟମ ଜାରି ରଖିବେ ବୋଲି ମଧ୍ୟ ଆଶା କରାଯାଉଛି । ପ୍ରାୟ ଦେଢ଼ ବର୍ଷ ତଳେ ରାଜ୍ୟର ନୂତନ ଯୁବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂତନ ମନ୍ତ୍ରିମଣ୍ଡଳର ଶପଥଗ୍ରହଣ ଉତ୍ସବକୁ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରି ଆସିଥିବା କିନ୍ତୁ ଥିଲା ଏକ ବିଚିତ୍ର ଘଟଣା ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଭିବି-ଜି ରାମ ଜୀ ଆଇନ ୨୦୨୫



**ଗୁରୁକଲ୍ୟାଣ ମହାପାତ୍ର**

ପ୍ରାୟ କୋଡିଏ ବର୍ଷ ତଳେ, ଆମ ସଂସଦରେ ଗ୍ରାମାଞ୍ଚଳର ଦାରିଦ୍ର୍ୟ ଦୂର କରି ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ପାଇଁ ୨୦୦୫ ମସିହାରେ 'ମହାତ୍ମା ଗାନ୍ଧି ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି ଗ୍ୟାରେଣ୍ଟି ଆଇନ' ପାରିତ ହୋଇଥିଲା । ଗ୍ରାମାଞ୍ଚଳରେ ନଥିଲାବାଲାଙ୍କୁ ନିଯୁକ୍ତି ଦେବା ସହିତ ରାସ୍ତା ପ୍ରଭୃତି ନିର୍ମାଣ ଜରିଆରେ ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳ ମଧ୍ୟରେ ଥିବା ଦୂରତା ହ୍ରାସ ଲାଗି ତଥା ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟଦ୍ୱାରା ନିଜ ନିଜ ଅଞ୍ଚଳର ଉନ୍ନତି ସହିତ ନିଯୁକ୍ତି ବାବଦରେ ବଞ୍ଚିବାର ରାହା ପାଇବା ଲାଗି ଏହା ଏକଦା ଥିଲା ଏକ ଉତ୍ତମ ଯୋଜନା । ଅବଶ୍ୟ ଏହି ଯୋଜନା କାଳକ୍ରମେ ଆଉ ଫଳପ୍ରଦ ହୋଇ ନଥିଲା ।

ମାତ୍ର ଦିନ ଆସିଲା, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଟି କୋଟି ଭାରତୀୟଙ୍କ ଭାଗ୍ୟରେ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କଲେ । ୨୦୪୭ ବେଳକୁ ଭାରତ ଯେତେବେଳେ ତା' ସ୍ୱାଧୀନତାର ଶତବାର୍ଷିକ ଉତ୍ସବ ପାଳନ କରିବ, ସେତେବେଳକୁ ଭାରତ ଆଉ ବିକାଶଶୀଳ ରାଷ୍ଟ୍ରରେ ନ ହୋଇ ଏକ ପ୍ରସ୍ଫୁଟିତ ପଦ୍ମପରି ବିକଶିତ ଭାରତରେ ପରିଣତ ହୋଇ ସାରିଥିବ । ଭାରତ ପଞ୍ଚସ୍ତରୀ ବର୍ଷରେ ପାଦ ଦେଇ ସ୍ୱାଧୀନତାର ହୀରକ ଜୟନ୍ତୀ ଉତ୍ସବ ପାଳନ କରି ନାହିଁ– ଇଂରେଜମାନଙ୍କ ପ୍ରଥାକୁ ଅନୁସରଣ କରି । ବରଂ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଇଚ୍ଛାରେ 'ଭାରତର ଅମୃତ ମହୋତ୍ସବ' ପାଳନ କରିଛି ଭାରତ, 'ଆଜାଦୀକି ଅମୃତ ମହୋତ୍ସବ' ମାର୍ଗରେ । ଦେଶ ବ୍ୟାପି ଏହି ମହୋତ୍ସବ ଦେଶବାସୀ ନିଜସ୍ୱ ଢଙ୍ଗରେ ୨୦୨୧ ମାର୍ଚ୍ଚ ୧୨ ତାରିଖରୁ ୨୦୨୩ ଅଗଷ୍ଟ ୧୫ ପର୍ଯ୍ୟନ୍ତ ପାଳନ କରାଯାଇଥିଲା । ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ଆମେମାନେ ସ୍ମରଣ କରିଥିଲୁଁ । ଏହା ପରେ ଭାରତ ଏକ ନୂତନ କାଳଖଣ୍ଡରେ ପ୍ରବେଶ କରିଥିଲା । ଏହି କାଳଖଣ୍ଡ ପ୍ରଲମ୍ବିତ ଆସନ୍ତା ୨୦୪୭ ଅଗଷ୍ଟ ୧୫ ଅବଧି ପର୍ଯ୍ୟନ୍ତ ।

ଭାରତର ଭାଗ୍ୟର ପରିବର୍ତ୍ତନ କରି ଉଜ୍ଜ୍ୱଳତା ଆଡ଼କୁ ଗତି କରିବାକୁ ଭାରତ ସରକାର ସଂକଳ୍ପବଦ୍ଧ ଏବେ । ଭାରତର ଆତ୍ମା ରହିଛି ଗ୍ରାମାଞ୍ଚଳରେ । ଗ୍ରାମବହୁଳ ଭାରତର ବିକାଶ ହେଲେ ଭାରତର ବିକାଶ ସମ୍ଭବ ହେବ । ତେଣୁ ମନରେଗା, ଯାହା ଗ୍ରାମାଞ୍ଚଳର ନିଯୁକ୍ତି ଗ୍ୟାରେଣ୍ଟି ଆଇନ ରହିଥିଲା, ସେଥିରେ ସଂଶୋଧନ ଓ ପରିବର୍ତ୍ତନ କରାଗଲା । ଏ ସଂକ୍ରାନ୍ତରେ ଏକ ବିଧେୟକ ଅଣାଗଲା ଲୋକସଭାରେ । ନାଁ ରହିଲା–'ବିକଶିତ ଭାରତ–ଜି.ରାମ ଜି. ବିଧେୟକ, ୨୦୨୫' କେନ୍ଦ୍ର ସରକାର ବହୁତ ଭାବିଚିନ୍ତି, ଅତି ସାବଧାନତାର ସହିତ ଏହି ବିଧେୟକଟି ଉପରେ କାର୍ଯ୍ୟ କରିଥିଲେ । ଗତ ଡିସେମ୍ବର ୧୬ (୨୦୨୫)ରେ ଭାରତ ସରକାର ପରିବର୍ତ୍ତନ ଆଧାରରେ ଏହି ବିଧେୟକଟିକୁ ଲୋକସଭାରେ ଆଗତ କରିଥିଲେ । ପରେ ଏହି ବିଧେୟକଟି ଉଭୟ ଲୋକସଭା ଓ ରାଜ୍ୟସଭାରେ ୨୦୨୫ ଡିସେମ୍ବରରେ ପାରିତ ହୋଇଥିଲା ।

ଏହି ନୂତନ ଆଇନରେ ଅନେକ ନୂତନତ୍ୱ ଓ ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ । ପୂର୍ବ ଆଇନରେ ନିଯୁକ୍ତି ସୁବିଧା ୧୦୦ ଥିବାବେଳେ ଏହାକୁ ୧୨୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପୁରୁଣା ଆଇନରେ ବ୍ୟବସ୍ଥା ଥିଲା ଯେ ଗ୍ରାମାଞ୍ଚଳରେ କାମଧନ୍ଦା ଖୋଜୁଥିବା ବ୍ୟକ୍ତିକୁ ସରକାର ୧୫ ଦିନ ଭିତରେ କାମଧନ୍ଦା ଯୋଗାଇ ନ ପାରିଲେ ସରକାର ସେମାନଙ୍କୁ ବେକାରୀ ଭତ୍ତା ଯୋଗାଇ ଦେବେ । ନୂତନ ଆଇନରେ ମଧ୍ୟ ପୁରୁଣା ଆଇନରେ ଏହି ବ୍ୟବସ୍ଥାକୁ ବଳବତ୍ତର ରଖା ଯାଇଛି । ନୂତନ ବ୍ୟବସ୍ଥାରେ ଏହାକୁ କେନ୍ଦ୍ରୀୟ ଯୋଜନାର ଅନ୍ତର୍ଭୁକ୍ତ କରାଯାଇଛି ଏବଂ କେନ୍ଦ୍ର ସରକାର ୬୦ ପ୍ରତିଶତ ଓ ରାଜ୍ୟ ସରକାର ୪୦ ପ୍ରତିଶତ ଅନୁଦାନ ଏହି ଯୋଜନା ପାଇଁ ବ୍ୟବସ୍ଥା କରିବେ । ଅବଶ୍ୟ ଉତ୍ତର- ପୂର୍ବାଞ୍ଚଳ ଓ ହିମାଳୟ ଅଞ୍ଚଳରେ ଥିବା ରାଜ୍ୟଗୁଡ଼ିକ ପାଇଁ ଏହି ଆଇନରେ କେନ୍ଦ୍ର ସରକାର ୯୦ ପ୍ରତିଶତ ଓ ରାଜ୍ୟ ସରକାର ୧୦ ପ୍ରତିଶତ ଅନୁଦାନ ବହନ କରିବାର ବ୍ୟବସ୍ଥା ରହିଛି । ୧୯୭୭ରେ ମହାରାଷ୍ଟ୍ର ଏମ୍ପ୍ଲୟମେଣ୍ଟ ଗ୍ୟାରେଣ୍ଟି ଆଇନରୁ ପ୍ରେରଣା ନେଇ ନିଯୁକ୍ତି ଗ୍ୟାରେଣ୍ଟି ପାଇଁ ମନରେଗା ଆଇନ କରାଯାଇଥିଲା । ମାତ୍ର ସେହି ଆଇନର ପରିବର୍ତ୍ତନ କରାଇ ଭାରତ ସରକାର ବିକଶିତ ଭାରତ ମାର୍ଗରେ ଏହି ନୂତନ ଆଇନଟି କରିଛନ୍ତି ଯାହା ସର୍ବୋତ୍ତମ ବୋଲି ମନେ ହେଉଛି ।

> **ମାତ୍ର ଦିନ ଆସିଲା, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଟି କୋଟି ଭାରତୀୟଙ୍କ ଭାଗ୍ୟରେ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କଲେ । ୨୦୪୭ ବେଳକୁ ଭାରତ ଯେତେବେଳେ ତା' ସ୍ୱାଧୀନତାର ଶତବାର୍ଷିକ ଉତ୍ସବ ପାଳନ କରିବ, ସେତେବେଳକୁ ଭାରତ ଆଉ ବିକାଶଶୀଳ ରାଷ୍ଟ୍ରରେ ନ ହୋଇ ଏକ ପ୍ରସ୍ଫୁଟିତ ପଦ୍ମପରି ବିକଶିତ ଭାରତରେ ପରିଣତ ହୋଇ ସାରିଥିବ । ଭାରତ ପଞ୍ଚସ୍ତରୀ ବର୍ଷରେ ପାଦ ଦେଇ ସ୍ୱାଧୀନତାର ହୀରକ ଜୟନ୍ତୀ ଉତ୍ସବ ପାଳନ କରି ନାହିଁ– ଇଂରେଜମାନଙ୍କ ପ୍ରଥାକୁ ଅନୁସରଣ କରି । ବରଂ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଇଚ୍ଛାରେ 'ଭାରତର ଅମୃତ ମହୋତ୍ସବ' ପାଳନ କରିଛି ଭାରତ, 'ଆଜାଦୀକି ଅମୃତ ମହୋତ୍ସବ' ମାର୍ଗରେ ।**

ଏହି ନୂତନ ଆଇନ ସମ୍ପର୍କରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ନରେଗାରେ କେବଳ ମହାତ୍ମା ଗାନ୍ଧିଙ୍କ ନାଁ ରହିଥିଲା । ଏହି ନୂତନ ଆଇନର ବ୍ୟବସ୍ଥା ଅନୁଯାୟୀ ଶ୍ରମିକଙ୍କ ମଜୁରୀ ସିଧାସଳଖ ସେମାନଙ୍କ ହାତକୁ ଯିବ । ପୁଣି ୧୦୦ ଦିନର କାମ ନିଶ୍ଚିତ ଭାବେ ଦେବାକୁ ପୁରୁଣା ଆଇନରେ ବ୍ୟବସ୍ଥା ଥିଲେ ମଧ୍ୟ ମାତ୍ର ୫୦ ଦିନ ପାଇଁ କାମ ସେମାନଙ୍କୁ ମିଳୁ ଥିଲା । ଏହି ପରିବର୍ତ୍ତିତ ନୂତନ ଆଇନକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ୱାଗତ କରିଛନ୍ତି ଏବଂ ବିକଶିତ ଭାରତ ପାଇଁ ଏହା ଆବଶ୍ୟକ ବୋଲି ସେ ମଧ୍ୟ ସୂଚନା ଦେଇଛନ୍ତି ।

ଆମ ଭାଷାରେ ଏହି ନୂତନ ବିଧେୟକଟିକୁ 'ବିକଶିତ ଭାରତ ରୋଜଗାର ଗ୍ୟାରେଣ୍ଟି ଓ ଆଜୀବିକା ମିଶନ' ବିଧେୟକ ବୋଲି କୁହାଯାଉଥିଲା । ଏହା ଆଇନରେ ପରିଣତ ହେବା ପରେ ବିଭିନ୍ନ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ ବୋଲି ବିଚାର କରାଯାଉଛି । ପୂର୍ବରୁ ମନରେଗା ଆଇନ ଗତ ୨୦୦୫ରେ ପ୍ରଣୀତ ହେବା ପରେ, ଗ୍ରାମବହୁଳ ଭାରତରେ ପରିବର୍ତ୍ତନ ଘଟି ଚାଲିଛି । ଗତ ୨୦୧୧–୨୦୧୨ ଭାରତରେ ଦାରିଦ୍ର୍ୟର ହାର ୨୭.୧ ପ୍ରତିଶତ ପର୍ଯ୍ୟନ୍ତ ନିମ୍ନଗାମୀ ହୋଇଥିଲା । ମାତ୍ର ଗତ ୧୦୧୧–୨୩ରେ ଏହି ହାର ୫ ପ୍ରତିଶତକୁ ଖସି ଆସି ପାରିଛି । ଇତିମଧ୍ୟରେ ଗ୍ରାହକର ଚାହିଦା ବୃଦ୍ଧି ପାଇଛି ଓ ଜନସାଧାରଣଙ୍କର ଆର୍ଥିକ ସ୍ଥିତିରେ ମଧ୍ୟ ଉନ୍ନତି ପରିଲକ୍ଷିତ ହୋଇଛି । ବିଭିନ୍ନ ଜନମଙ୍ଗଳକରୀ ଯୋଜନାଗୁଡିକର ସଂପ୍ରସାରଣ ମଧ୍ୟ ଘଟିଛି । ଗ୍ରାମୀଣ ଭାରତ ବିଭିନ୍ନ ଭାଗରେ ଏବେ ବିଭକ୍ତ ଓ କମ୍ପ୍ୟୁଟରୀକରଣରେ ମଧ୍ୟ ଆଗୁଆ । ପୁରୁଣା ମନରେଗା ଆଇନଟି ଏବର ଗ୍ରାମାଞ୍ଚଳରେ ପ୍ରକୃତ ସ୍ଥିତି ସହିତ ଖାପ ଖାଇ ପାରୁନାହିଁ । ତେଣୁ ଏହି ଆଇନଟିର ସଂସ୍କାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଠିକ୍ ଭାବେ କାର୍ଯ୍ୟକାରୀ କରାଯାଇ ପାରିବ ଏବେ । ମାତ୍ର ଏହି ଜି ରାମ ଜି. ୨୦୨୫ ଆଇନଟି ଗ୍ରାମାଞ୍ଚଳକୁ ଅତ୍ୟାଧୁନିକ ବାତାବରଣରେ ପରିଣତ କରାଇ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ଦାୟିତ୍ୱବୋଧକୁ ସୁଦୃଢ଼ କରିବା ଏବଂ ଦୀର୍ଘକାଳୀନ ନିଯୁକ୍ତି ସୃଷ୍ଟି ଓ ଭିତ୍ତିଭୂମିର ବିକାଶ ସାଧନ କରି ଜଳବାୟୁ ସହିତ ଖାପଖୁଆଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ସାମର୍ଥ୍ୟକୁ ସମୃଦ୍ଧ କରି ପାରିଛି ।

ଏହି ଆଇନ ଜରିଆରେ ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରାଯାଇ ପାରିବ, ଯାହା ମହାତ୍ମା ଗାନ୍ଧି ଚାହୁଁଥିଲେ । ଏହି ନୂତନ ଆଇନରେ ଜନସାଧାରଣଙ୍କ ନିଯୁକ୍ତି ସହିତ ସେମାନଙ୍କ ସମ୍ପତ୍ତି ବୃଦ୍ଧି କରାଯାଇ ଆୟବୃଦ୍ଧି କରାଯାଇ ପାରିଲେ ଆଇନଟି ଏକ ଭଲ ଆଇନ ବୋଲି କୁହାଯାଇ ପାରିବ । ଏହି ଆଇନରେ ଜଳ ସଂକ୍ରାନ୍ତୀୟ କାମକୁ ମଧ୍ୟ ଗୁରୁତ୍ୱ ଦିଆ ଯାଇଛି । ଉଦାହରଣ ସ୍ୱରୂପ କୃଷି ଓ ଭୂତଳ ଜଳର ଚାହିଦା ଉପରେ ମଧ୍ୟ ଏଥିରେ ବ୍ୟବସ୍ଥା ରହିଛି । ଗ୍ରାମର ଆଭ୍ୟନ୍ତରୀଣ ବିକାଶ ସହିତ ଗମନାଗମନ ବ୍ୟବସ୍ଥା ମଧ୍ୟ ସ୍ଥାନିତ ହୋଇଛି । ବିଭିନ୍ନ କୃଷିଜାତ ଦ୍ରବ୍ୟର ବଜାର ଓ ସଂରକ୍ଷଣ କଥା ମଧ୍ୟ ଏହି ଆଇନରେ ରହିଛି । ଜଳ ଅମଳ ସାଙ୍ଗକୁ ବନ୍ୟା ଜଳର ନିଷ୍କାସନ ଓ ମୃତ୍ତିକା ସଂରକ୍ଷଣର ବ୍ୟବସ୍ଥାକୁ ଏହି ଆଇନରେ ଗୁରୁତ୍ୱାରୋପ କରାଯାଇଛି । ଏହି ଆଇନରେ ୧୨୫ ଦିନର ନିଯୁକ୍ତି ସୁଯୋଗ ମଧ୍ୟ ରୋଜଗାରର ବାଟ ତ କଢାଏ ଆଉ ଗ୍ରାମ୍ୟ ସ୍ତରରେ ଉପଭୋକ୍ତାବାଦର ଚାହିଦା ମଧ୍ୟ ବୃଦ୍ଧି କରାଇଥାଏ । ଫଳରେ ଗ୍ରାମାଞ୍ଚଳର ଲୋକେ ନିଯୁକ୍ତ ଅଭାବରୁ ଦାଦନ ହୋଇ ବାହାରକୁ ଯିବାର ଆବଶ୍ୟକତା ଆଉ ପଡିବ ନାହିଁ । ତେଣୁ ଏପରି ଏକ ଆଇନ ଯେ ଯୁଗାନ୍ତକାରୀ, ଏଥିରେ ସନ୍ଦେହ ନାହିଁ ।

**(ସୌଜନ୍ୟ: ପିଆଇବି, ଭୁବନେଶ୍ୱର)**
**ଭୁବନେଶ୍ୱର, ମୋ–୯୪୩୭୦୧୨୧୨୩**

# ଓଡ଼ିଶାରେ ସମୃଦ୍ଧ ସହରର ପରିକଳ୍ପନା-୨



**ପ୍ରଭାକର ସାହୁ**

ସହରଗୁଡ଼ିକୁ ଆଧୁନିକୀକରଣ ହେବା ସହିତ ସେମାନଙ୍କ ସାଂସ୍କୃତିକ ପରିଚୟକୁ ସୁରକ୍ଷିତ କରାଯିବା ଆବଶ୍ୟକ । ଐତିହ୍ୟରେ ସମୃଦ୍ଧ ଓଡ଼ିଶା ମନ୍ଦିର, ସ୍ମାରକ, ହସ୍ତଶିଳ୍ପ ପରମ୍ପରା ସହିତ ଯୋଡି ହୋଇଥିବା ଐତିହ୍ୟ କରିଡୋର, ପୁନଃଜୀବିତ ୱାଟରଫ୍ରଣ୍ଟ ଓ ରିଭରଫ୍ରଣ୍ଟ, ସହରାଞ୍ଚଳ ମନୋରଞ୍ଜନ ହବ୍, ସାର୍ବଜନୀନ ପ୍ଲାଜା, ସାଂସ୍କୃତିକ ଜିଲ୍ଲା, ଚାଲିବାଯୋଗ୍ୟ ଏବଂ ସୌନ୍ଦର୍ଯ୍ୟପୂର୍ଣ୍ଣ ସହରୀ ପରିବେଶ ଏ ସବୁ ମିଶି ବରଂ ସହରର ପରିଚୟକୁ ଗଣମାଧ୍ୟମ ଭାବରେ ସୁଦୃଢ଼ କରୁଛି ।

ଏହି ଯୋଜନାର ମୁଖ୍ୟ ସ୍ତମ୍ଭମାନଙ୍କ ମଧ୍ୟରୁ ଗୁରୁତ୍ୱପୂର୍ଣ୍ଣଟି ହେଉଛି ଯୁବ-କେନ୍ଦ୍ରିକ ଆଭିମୁଖ୍ୟ । ଆଧୁନିକ ପାଠ୍ୟକ୍ରମ ସହିତ ଦକ୍ଷତା ବିକାଶ କେନ୍ଦ୍ର, ନିଯୁକ୍ତିମୁଖୀ ଶିକ୍ଷା, ଷ୍ଟାର୍ଟଅପ୍ ଇନକ୍ୟୁବେସନ ସେଣ୍ଟର, ଡିଜିଟାଲ୍ ଉଦ୍ଭାବନ ଓ ସୃଜନଶୀଳ ଅର୍ଥନୀତି ଅଞ୍ଚଳ, ସବୁଜ କର୍ମସଂସ୍ଥାନ ସୁଯୋଗ ଏବଂ ସେବା ଆଧାରିତ ସହରଗୁଡ଼ିକ ଯୁବକମାନଙ୍କ ପାଇଁ ଏବେ ଏକ ସଶକ୍ତ ଲଞ୍ଚପ୍ୟାଡ୍ ଭାବେ କାମ କରୁଛି ।

ଜଳବାୟୁ ପ୍ରସ୍ତୁତିରେ ଓଡ଼ିଶାର ନେତୃତ୍ୱ ଜାତୀୟ ଓ ଅନ୍ତର୍ଜାତୀୟ ମଞ୍ଚରେ ସ୍ୱୀକୃତ । 'ସମୃଦ୍ଧ ସହର' ଏହି ପ୍ରତିବଦ୍ଧତାକୁ ଆହୁରି ଗଭୀର କରିଛି, ସବୁଜ ଗତିଶୀଳତା ପ୍ରଣାଳୀ, ସହରାଞ୍ଚଳ ଜଙ୍ଗଲ ଓ ମାଇକ୍ରୋ-କ୍ଲାଇମେଟ୍ ସ୍ଥିରତା, ବିପର୍ଯ୍ୟୟ-ନମନୀୟ ଯୋଜନା, ଉନ୍ନତ ବର୍ଜ୍ୟ ପରିଚାଳନା, ଦକ୍ଷ ଭିତ୍ତିଭୂମି, ଜଳବାୟୁ-ପ୍ରତିକ୍ରିୟାଶୀଳ ମାନଦଣ୍ଡ, ଲକ୍ଷ୍ୟ ସ୍ପଷ୍ଟ: ସୁରକ୍ଷିତ, ସ୍ଥାୟୀ ଏବଂ ପିଢ଼ି ପିଢ଼ି ପାଇଁ ଜୀବନଯୋଗ୍ୟ ସହରଗୁଡ଼ିକ ବେଶ ଆକର୍ଷଣୀୟ ହେବ ।

ବୋଧହୁଏ ଓଡ଼ିଶାର ସହରାଞ୍ଚଳ ଦୃଷ୍ଟିକୋଣର ସବୁଠାରୁ ରଣନୈତିକ ଉପାଦାନ ହେଉଛି ବିଚ୍ଛିନ୍ନ ସହର-ନିର୍ଦ୍ଦିଷ୍ଟ ହସ୍ତକ୍ଷେପ ପରିବର୍ତ୍ତେ ସମଗ୍ର ସହରାଞ୍ଚଳ ଅର୍ଥନୈତିକ ଅଞ୍ଚଳ ସୃଷ୍ଟି କରିବା ।

**ବି.ସି.ପି.ପି.ଇ.ଆର୍: ଏକ ନୂତନ ମେଗା ଅଞ୍ଚଳ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ (BCPPER)କୁ ଏକ ଶକ୍ତିଶାଳୀ ଅଭିବୃଦ୍ଧି କରିଡୋର ଭାବରେ ବିକଶିତ କରାଯାଉଛି । ଏହି ମେଗା-ଅଞ୍ଚଳ ନିମ୍ନଲିଖିତ ଶକ୍ତିଗୁଡ଼ିକୁ ସମନ୍ୱିତ କରିବ:**

ଯଥା:ଭୁବନେଶ୍ୱରର ବୈଷୟିକ କେନ୍ଦ୍ର ଓ ନବସୃଜନ ହବ୍, କଟକର ପ୍ରଶାସନିକ ଓ ବାଣିଜ୍ୟିକ କ୍ଷମତା, ପୁରୀର ପର୍ଯ୍ୟଟନ, ଐତିହ୍ୟ ଓ ଆତିଥ୍ୟ

ପାରାଦୀପର ବନ୍ଦର, ଲଜିଷ୍ଟିକ୍ସ ଏବଂ ଶିଳ୍ପ ଇକୋସିଷ୍ଟମ୍, ଏହି ପଦକ୍ଷେପ ଅଞ୍ଚଳୀୟ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ, ବରଂ ଓଡ଼ିଶାକୁ ପୂର୍ବ ଭାରତର ଅର୍ଥନୈତିକ ଶକ୍ତିକେନ୍ଦ୍ର ଭାବରେ ଆଗକୁ ଆଣିପାରିବ । ଏହି ସମନ୍ୱିତ ଅଞ୍ଚଳ ପୂର୍ବ ଭାରତର ଅନ୍ୟତମ ଶକ୍ତିଶାଳୀ ଅର୍ଥନୈତିକ ଇଞ୍ଜିନ୍ ହେବାର ସମ୍ଭାବନା ରଖେ । ସନ୍ତୁଳିତ ଆଞ୍ଚଳିକ ବିକାଶକୁ ସୁନିଶ୍ଚିତ କରିବା ପାଇଁ ତିନୋଟି ଟ୍ରାଇ-ସିଟି କ୍ଲଷ୍ଟରକୁ ସୁଦୃଢ଼ କରାଯାଉଛି: ଯଥା:

ବ୍ରହ୍ମପୁର-ଗୋପାଳପୁର-ଛତ୍ରପୁର ଆଇଟି ଏବଂ ଶିକ୍ଷା, ବନ୍ଦର, ପର୍ଯ୍ୟଟନ ଏବଂ ସାମୁଦ୍ରିକ ଅର୍ଥନୀତି, ବାଣିଜ୍ୟ ଏବଂ ପରିବହନ ସଂଯୋଗ

ସମ୍ବଲପୁର-ଝାରସୁଗୁଡା-ବରଗଡ ଶିଳ୍ପ ଓ ଲଜିଷ୍ଟିକ୍ ମେରୁଦଣ୍ଡ । ବିମାନ ଚଳାଚଳ ତଥା ଆଞ୍ଚଳିକ କୃଷି ଭିତ୍ତିକ ବାଣିଜ୍ୟ ।

ଜୟପୁର-ସୁନାବେଡା-କୋରାପୁଟ ପ୍ରତିରକ୍ଷା ଏବଂ ଏରୋସ୍ପେସ୍ ଉତ୍ପାଦନ ସମ୍ଭାବନା, ପର୍ଯ୍ୟଟନ ଏବଂ ଆଦିବାସୀ ଐତିହ୍ୟ, ଶିକ୍ଷା ଏବଂ ଦକ୍ଷତା ଇକୋସିଷ୍ଟମ୍, ଏହି କ୍ଲଷ୍ଟରଗୁଡ଼ିକ ବିକାଶକୁ ବର୍ଣ୍ଣନ କରି, ସମଗ୍ର ରାଜ୍ୟରେ ଏକାଧିକ ଆକର୍ଷଣର କେନ୍ଦ୍ର ସୃଷ୍ଟି କରୁଛି ।

ପ୍ରତ୍ୟେକ ଆଧୁନିକ ସହର ପାଇଁ ଡିଜିଟାଲ୍ ଇଣ୍ଟେଲିଜେନ୍ସ ଅତ୍ୟାବଶ୍ୟକ । ରିଅଲ୍-ଟାଇମ୍ ସେବା ବିତରଣ ମଞ୍ଚ, ଡିଜିଟାଲ୍ ଅଭିଯୋଗ ସମାଧାନ, ସ୍ୱୟଂଚାଳିତ ବିଲ୍ଡିଂ-ପ୍ଲାନ ଅନୁମୋଦନ, ଅନଲାଇନ୍ ବାଣିଜ୍ୟ ଲାଇସେନ୍ସ ଏବଂ ୟୁଟିଲିଟି ଦେୟ, ଡାଟା-ଆଧାରରେ ନିଷ୍ପତ୍ତି ନେବା, ଜିଆଇଏସ୍-ଆଧାରିତ ଯୋଜନା ଓ ତଦାରଖ ଏହି ସମସ୍ତକୁ 'ସମୃଦ୍ଧ ସହର' ଦ୍ୱାରା ତ୍ୱରାନ୍ୱିତ କରାଯାଏ । ଡିଜିଟାଲ୍ ଗଭର୍ଣ୍ଣାନ୍ସ ସ୍ୱଚ୍ଛତା ଏବଂ ଲୋକବିଶ୍ୱାସକୁ ବଢାଇଥାଏ ଯାହା ଦକ୍ଷ, ପ୍ରଭାବଶାଳୀ ସହର ପରିଚାଳନାର ମୂଳ ଭିତ୍ତି ।

ସହରାଞ୍ଚଳ ପରିବର୍ତ୍ତନ କେବଳ ସ୍ୱଳ୍ପକାଳୀନ ପ୍ରକଳ୍ପ ନୁହେଁ ତାହା ପିଢ଼ି ପିଢ଼ି ଧରି ସମାଜକୁ ଆକାର ଦିଏ । 'ସମୃଦ୍ଧ ସହର' ଓଡ଼ିଶାକୁ ଆଗାମୀ ଦୀର୍ଘ ଯାତ୍ରା ପାଇଁ ବହୁମୁଖୀ ଭାବରେ ପ୍ରସ୍ତୁତ କରୁଛି । ଏହା ଅଞ୍ଚଳ ଆଧାରିତ ଅଭିବୃଦ୍ଧିକୁ ସନ୍ତୁଳିତ କରେ, ଜନସଂଖ୍ୟା ସ୍ଥାନାନ୍ତରଣର ଚାପକୁ କମାଇ ରାଜ୍ୟବ୍ୟାପୀ ଅର୍ଥନୈତିକ ସୁଯୋଗ ଖୋଲିଥାଏ । ଏହା ଜଳବାୟୁ-ନମନୀୟ ସହର ଗଢ଼େ, ଘୂର୍ଣ୍ଣିବଳୟ ପ୍ରବଣ ରାଜ୍ୟ ଭାବରେ ଓଡ଼ିଶା ପାଇଁ ଏହା ଅତ୍ୟନ୍ତ ଆବଶ୍ୟକ । ଏହା ଅର୍ଥନୈତିକ ଚଟାଣ ସୃଷ୍ଟି କରେ, ଯାହା ଶିଳ୍ପ, ନିବେଶ ଓ ପ୍ରତିଭାକୁ ଆକର୍ଷିତ କରେ । ଏହା ଜୀବନଧାରଣକୁ ସୁଧାରେ ସହରଗୁଡ଼ିକୁ ପରିବାର, ବୃତ୍ତିଜୀବୀ ଏବଂ ବ୍ୟବସାୟ ପାଇଁ ଅଧିକ ଆକର୍ଷଣୀୟ କରେ । ଏହା ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ ସହିତ ସମନ୍ୱୟ ରଖି ଓଡ଼ିଶାର ପରିଚୟ ଓ ସଂସ୍କୃତିକୁ ସୁଦୃଢ଼ କରେ । ଏହା ଦକ୍ଷ, ସ୍ୱଚ୍ଛ ଏବଂ ଉତ୍ତରଦାୟୀ ଶାସନ ବ୍ୟବସ୍ଥାକୁ ସ୍ଥାପନା କରେ । ଏହା ଯୁବ ସମ୍ଭାବନାକୁ ପ୍ରୋତ୍ସାହିତ କରେ କରେ, ଏକ ଅଧିକ କୁଶଳୀ, ଅଭିନବ ଏବଂ ଉଚ୍ଚାକାଂକ୍ଷୀ ପିଢ଼ିକୁ ସକ୍ଷମ କରେ । ସଂକ୍ଷେପରେ, 'ସମୃଦ୍ଧ ସହର'ର ଦୃଷ୍ଟିକୋଣ ଆଗାମୀ ଯୁଗ ପାଇଁ ଓଡ଼ିଶାକୁ ପ୍ରସ୍ତୁତ କରୁଛି ।

ଆଜି ଆମେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତରେ ଅଛୁଁ, ଓଡ଼ିଶାର ସହରଗୁଡ଼ିକ ଏକ ଐତିହାସିକ ପରିବର୍ତ୍ତନର ଦ୍ୱାରଦେଶରେ ଅଛନ୍ତି । 'ସମୃଦ୍ଧ ସହର' ମାଧ୍ୟମରେ ରାଜ୍ୟ କେବଳ ସହରାଞ୍ଚଳ ଭିତ୍ତିଭୂମିକୁ ଉନ୍ନତ କରୁନାହିଁ, ଏହା ଆଶା, ବିଶ୍ୱାସ ଏବଂ ଆକାଂକ୍ଷାର ନୂତନ ଦିଗ ଖୋଲିଦେଉଛି । ଏହି ପ୍ରୟାସ ଏପରି ସହର ଗଢ଼ି ତୋଳୁଛି, ଯେଉଁଠାରେ: ଯୁବକମାନେ ସ୍ୱପ୍ନ ଦେଖିବାର ଆତ୍ମବିଶ୍ୱାସ ପାଇବେ, ମହିଳାମାନେ ସ୍ୱାଧୀନତା ସହିତ ନେତୃତ୍ୱ ନେଇପାରିବେ, ବୟସ୍କମାନେ ନିରାପଦ ଏବଂ ସମ୍ମାନିତ ଅନୁଭବ କରିପାରିବେ, ଶ୍ରମିକମାନେ ତାଙ୍କର ପରିଶ୍ରମର ଯଥେଷ୍ଟ ସମ୍ମାନ ପାଇବେ । ଉଦ୍ୟୋଗୀମାନେ ସୁଯୋଗର ନୂତନ ଦ୍ୱାର ଖୋଜିବେ, ପର୍ଯ୍ୟଟକମାନେ ସୌନ୍ଦର୍ଯ୍ୟ ଏବଂ ଅନୁଭବର ସମୃଦ୍ଧି ପାଇବେ ଏବଂ ଗୋଷ୍ଠୀମାନେ ନିଜର ପରିଚୟ, ଗର୍ବ ଓ ସଂଯୋଗକୁ ଖୋଜି ପାଇବେ । ଶେଷରେ, ସହରାଞ୍ଚଳ ବିକାଶ ଶେଷରେ ଲୋକମାନଙ୍କ ବିଷୟରେ ସେମାନଙ୍କ ଜୀବନ, ସେମାନଙ୍କର ଆକାଂକ୍ଷା ଏବଂ ସେମାନଙ୍କର କଲ୍ୟାଣ । ଓଡ଼ିଶାର ଆଭିମୁଖ୍ୟ ଏହି ସତ୍ୟକୁ ଅସାଧାରଣ ସ୍ପଷ୍ଟତା ସହିତ ସ୍ୱୀକାର କରିଛି ।

ଆଗାମୀ ଦଶନ୍ଧିଗୁଡ଼ିକରେ ରାଜ୍ୟର ଶକ୍ତି ଅଧିକରୁ ଅଧିକ ଏହାର ସହର-ଶକ୍ତି ଉପରେ ନିର୍ଭର କରିବ । ଓଡ଼ିଶା ଏହା ପାଇଁ ଶୀଘ୍ର ପ୍ରସ୍ତୁତି, ସାହସିକ ପଦକ୍ଷେପ ଏବଂ ଉଦ୍ଦେଶ୍ୟମୂଳକ ଯୋଜନାରେ ନିବେଶ କରିବାକୁ ନିଷ୍ପତ୍ତି ନେଇଛି । 'ସମୃଦ୍ଧ ସହର' କେବଳ ଏକ ସହରାଞ୍ଚଳ ଯୋଜନା ନୁହେଁ-ଏହା ସମ୍ଭାବନାର ଏକ ଦୃଷ୍ଟିକୋଣ । ଓଡ଼ିଶା ଭାରତର ଅଗ୍ରଗାମୀ ସହରାଞ୍ଚଳ ରାଜ୍ୟମାନଙ୍କ ମଧ୍ୟରେ ଉଭା ହେବାକୁ ପ୍ରସ୍ତୁତ । ଏହି ଦୃଢ଼ ବିଶ୍ୱାସ ସହିତ ଏହି ପରିକଳ୍ପନା ତିଆରି କରାଯାଇଛି, ଯଦି ସେହିପରି ଭାବେ ଏହାକୁ କାର୍ଯ୍ୟକାରୀ କରାଯାଇଥାଏ, ତେବେ 'ସମୃଦ୍ଧ ସହର' କେବଳ ଓଡ଼ିଶାର ସହରମାନଙ୍କୁ ନୁହେଁ, ଓଡ଼ିଶାର ସମଗ୍ର ଭବିଷ୍ୟତକୁ ପରିବର୍ତ୍ତନ କରିଦେବ ।

**ମୋ–୯୪୩୯୬୫୪୨୨୨**

# ବିଦ୍ୟାଦାତ୍ରୀ ମା'ସରସ୍ୱତୀ

**ମନୋଜ କୁମାର ବେହେରା**

ମାଘ ମାସ ଶୁକ୍ଳ ପକ୍ଷର ପଞ୍ଚମୀ ତିଥି ବସନ୍ତ ପଞ୍ଚମୀରେ ସରସ୍ୱତୀ ପୂଜା ପାଳନ କରାଯାଏ । ଏହା ଭାରତୀୟ ସଂସ୍କୃତିର ସେହି ଗହନ ଦାର୍ଶନିକ ଚେତନାର ପ୍ରତୀକ, ଯାହା ଜ୍ଞାନକୁ ସର୍ବୋଚ୍ଚ ବୋଲି ମାନନ୍ତି । ଏହି ଦିବସରେ ମା'ସରସ୍ୱତୀଙ୍କ ଆରାଧନା କରି ବିଦ୍ୟାର୍ଥୀ, କଳାକାର, ସାହିତ୍ୟକାର ଏବଂ ଜ୍ଞାନ ପିପାସୁ ଆଦିଙ୍କର ଜୀବନ ପରିପୂର୍ଣ୍ଣ ହୋଇଥାଏ । ଋକ୍‌ବେଦରେ ସରସ୍ୱତୀଙ୍କ ଉଲ୍ଲେଖ ଗୋଟିଏ ପବିତ୍ର ନଦୀର ରୂପରେ ମିଳିଥାଏ । କିନ୍ତୁ କାଳାନ୍ତରର ଏହି ବାକ୍‌ଦେବୀ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ତଥା ବ୍ରହ୍ମାଙ୍କର ମାନସ ପୁତ୍ରୀ ରୂପରେ ପ୍ରତିଷ୍ଠିତ ହେଲେ ।

ଶ୍ୱେତବର୍ଣ୍ଣ, ଶ୍ୱେତବସ୍ତ୍ର, ବୀଣା, ପୁସ୍ତକ ଏବଂ ଅକ୍ଷମାଳା ଧାରଣକରି ମାତା ସରସ୍ୱତୀ ଶୁଦ୍ଧ ଜ୍ଞାନ, ନିର୍ମଳ ବୁଦ୍ଧି ଏବଂ କଳାର ସୌନ୍ଦର୍ଯ୍ୟର ସାକ୍ଷାତ ପ୍ରତୀକ । ସରସ୍ୱତୀ ଶବ୍ଦ 'ସରସ୍' ଧାତୁରୁ ହେଇଛି ଯାହାର ଅର୍ଥ ହେଲା ପ୍ରବହମାନ ଜଳ ଅଥବା ସାରତତ୍ତ୍ୱ । ସରସ୍ୱତୀର ତାତ୍ପର୍ଯ୍ୟ-ସାରଯୁକ୍ତ, ରସମୟୀ, ପ୍ରବାହଶୀଳ ଜ୍ଞାନର ଧାରା । ଯେମିତି ନିରନ୍ତର ପ୍ରବାହିତ ନଦୀ କେବେ ସ୍ଥିର ହୋଇ ନଥାଏ, ସେମିତି ଜ୍ଞାନର ଗଙ୍ଗା ମଧ୍ୟ ସର୍ବଦା ପ୍ରବହମାନ ରହିଥାଏ ।

ମା'ସରସ୍ୱତୀ ଏହି ଶାଶ୍ୱତ ଜ୍ଞାନ-ପ୍ରବାହର ଅଧିଷ୍ଠାତ୍ରୀ ଅଟନ୍ତି । ମାତା ସରସ୍ୱତୀଙ୍କ ସ୍ୱରୂପରେ ପ୍ରତ୍ୟେକ ତତ୍ତ୍ୱର ଗହନ ଦାର୍ଶନିକ ମହତ୍ତ୍ୱ ଅଛି । ଶ୍ୱେତବର୍ଣ୍ଣ ସତ୍ତ୍ୱଗୁଣ, ପବିତ୍ରତା ଏବଂ ନିର୍ମଳତାର ପ୍ରତୀକ ଅଟେ । ହାତରେ ତାଙ୍କର ବୀଣା, ଏହା କଳା ଏବଂ ସଙ୍ଗୀତର ପ୍ରତୀକ ହେବା ସହିତ ଜୀବନରେ ସାମଞ୍ଜସ୍ୟ ଏବଂ ସନ୍ତୁଳନର ସନ୍ଦେଶ ଦେଇଥାଏ । ପୁସ୍ତକ ବେଦ ଏବଂ ଶାସ୍ତ୍ରଜ୍ଞାନର ପ୍ରତୀକ ଅଟେ ଆଉ ଅକ୍ଷମାଳା ଧ୍ୟାନ, ଚିନ୍ତନର ସାଧନାକୁ ଦର୍ଶାଇ ଥାଏ । ହଂସବାହାନ ବିବେକ କ୍ଷମତାର ପ୍ରତୀକ ଅଟେ ଯାହା କ୍ଷୀର-ନୀର ବିବେକରେ ସତ୍ୟ-ଅସତ୍ୟର ଭେଦ କରିବାଜାଣିଥାଏ । ବସନ୍ତ ପଞ୍ଚମୀର ପର୍ବ ପ୍ରକୃତି ଆଉ ଅଧ୍ୟାତ୍ମର ଅଦ୍‌ଭୁତସଂଗମର ପର୍ବ ଅଟେ ।

**ବାୟାବାବା ମଠ ଲେନ୍,**
**ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨**
**ମୋ-୭୯୭୮୮୩୦୬୧୧**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କର୍ଣ୍ଣାଟକ...

କେତେକ ବିଭ୍ରାନ୍ତିକର ମନ୍ତବ୍ୟ ଦେଇଛନ୍ତି । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ ମଧ୍ୟ ଏନେଇ ବିଧାନସଭାରେ ଏକ ସଂକଳ୍ପ ଆଣିଛନ୍ତି । କର୍ଣ୍ଣାଟକରେ ମଧ୍ୟ ଏବେ ଅନୁରୂପ ସ୍ଥିତି ଦେଖାଦେଇଛି । କର୍ଣ୍ଣାଟକର କ୍ଷମତାସୀନ କଂଗ୍ରେସ କେନ୍ଦ୍ର ସରକାରଙ୍କ କେତେକ ଯୋଜନାକୁ ଚ୍ୟାଲେଞ୍ଜ କରୁଛନ୍ତି । ଏମ୍‌ଜି ନରେଗାକୁ ପ୍ରତ୍ୟାହାର କରିନେଇଥିବା ନେଇ ଏକ ସଂକଳ୍ପ ଆଣୁଛନ୍ତି । କେନ୍ଦ୍ର ସରକାର ଏମ୍‌ଜି ନରେଗା ବଦଳରେ ଭିବି-ଜି ରାମ ଜୀ ଯୋଜନା ଆଣିଛନ୍ତି । କର୍ଣ୍ଣାଟକ ସରକାର ଏପର୍ଯ୍ୟନ୍ତ ଏହା ଉପରେ ସ୍ୱଷ୍ଟ ମତ ରଖିନାହାନ୍ତି । ତେଣୁ ରାଜ୍ୟପାଳ ଅଧିବେଶନକୁ ସମ୍ବୋଧିତ କରିବାକୁ ମନା କରିଦେଇଥିବା ସୂଚନା ମିଳୁଛି ।

## ୩ ଦୁର୍ଘଟଣା...

ଏହି ଘଟଣାର ଡ୍ରାଇଭରକୁ ଖୋଜୁଥିବା ବେଳେ ବୁଧବାର ପୂର୍ବାହ୍ନରେ ଚନ୍ଦକା ଥାନା ଅଞ୍ଚଳରେ ଆଉ ଏକ ଥର୍ ଦୁର୍ଘଟଣା ଘଟି ଦୁଇଜଣ ଆହତ ହୋଇଛନ୍ତି । ସେହିପରି ବୁଧବାର ରାତିରେ ଗଙ୍ଗପଡା ଛକ ନିକଟରେ କଣ୍ଟେନର ପଛକୁ ଥର୍ ଗାଡ଼ି ଧକ୍କା ଦେବାରୁ ୩ ଜଣଙ୍କର ମୃତ୍ୟୁ ହୋଇଛି ।

୨୪ଘଣ୍ଟାରେ ତିନୋଟି ଥର୍ ଦୁର୍ଘଟଣା ଘଟିଥିବା ବେଳେ ୬ ମାସ ମଧ୍ୟରେ ୬ଟି ଦୁର୍ଘଟଣା ଘଟି ବହୁ ମୃତହତ ହୋଇଛନ୍ତି । ଥର୍ ଗାଡିଚାଳକମାନେ ବେପରୁଆ ଭାବେ ନିଶା ଖାଇ ଗାଡି ଚଳାଇବାରୁ ଏପରି ଘଟଣା ଘଟୁଥିବା ଅଭିଯୋଗ ହେଉଛି । କେଉଁଠି ଥର୍ ଗାଡିର ଇନ୍‌ସ୍ୟୁରାନ୍ସ ନାହିଁ ତ ଆଉ କେଉଁଠି ଦୁର୍ଘଟଣାସ୍ଥଳରେ ଡ୍ରାଇଭରଙ୍କ ଡିଏଲ୍ ନଥିବା ପୋଲିସ ଜାଣିବାକୁ ପାଉଛି । ଦୁର୍ଘଟଣା ଘଟାଉଥିବା ଏହି ଗାଡିଚାଳକମାନଙ୍କୁ କଠୋର ଦଣ୍ଡ ମିଳିଲେ ହୁଏତ ବାରମ୍ବାର ଏପରି ଘଟଣା ଘଟିବ ନାହିଁ ବୋଲି କୁହାଯାଉଛି ।

## ଗୋ'ମାତା...

ଆର୍ଥିକ ସହାୟତା ଯୋଗାଇ ଦେଇ ଶଙ୍କର ଜାତୀୟ ଅଧିକ ଦୁଗ୍ଧ ପ୍ରଦାନକାରୀ ଗାଈ ଓ ମଇଁଷି ପାଳନ ପାଇଁ ଉତ୍ସାହିତ କରାଯାଉଛି । ଏହା ମାଧ୍ୟମରେ ୪.୭୩ ଲକ୍ଷ ହିତାଧିକାରୀଙ୍କୁ ୨୬୨ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି । ଏଥିସହିତ ଦୁଗ୍ଧ ବ୍ୟବସାୟୀମାନଙ୍କ ପାଇଁ ଓମ୍‌ଫେଡ୍ ପକ୍ଷରୁ ଲିଟର ପିଛା ୨ ଟଙ୍କା ଅଧିକ ସହାୟତା ରାଶି ଦିଆଯାଉଛି । କେବଳ ମାଈ ବାଛୁରୀ ଜନ୍ମ ପାଇଁ ଲିଙ୍ଗ ନିରୂପିତ ଶୁକ୍ରାଣୁ ମାଧ୍ୟମରେ କୃତ୍ରିମ ପ୍ରଜନନ ଯୋଜନା ଆରମ୍ଭ କରାଯାଇଛି । ଏହା ମାଧ୍ୟମରେ ରାଜ୍ୟର ୨.୩୦ ଲକ୍ଷ ଗୋ-ପାଳକ ଉପକୃତ ହୋଇଛନ୍ତି ।

ରାଜ୍ୟର ଚାଷୀମାନଙ୍କ ଆୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ ଆମର ସମୃଦ୍ଧ କୃଷକ ଯୋଜନା, ପିଏମ ଓ ସିଏମ କିଷାନ ଯୋଜନା ଏବଂ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ଫଳରେ ଏବେ ଗୋଟିଏ କୃଷକ ପରିବାରର ଆୟ ବାର୍ଷିକ ୬୧,୦୦୦ ରୁ ବି ଅଧିକ ହୋଇପାରିଛି ।

ସେ ଆହୁରି କହିଥିଲେ ଯେ, ରାଜ୍ୟକୁ ମାଛ, ମାଂସ, କୁକୁଡ଼ା ମାଂସ, ଅଣ୍ଡା ଇତ୍ୟାଦିରେ ଆତ୍ମନିର୍ଭର କରିବା ପାଇଁ ଆମ ସରକାର ଦୃଢ଼ ସଂକଳ୍ପ କରିଛନ୍ତି । ଏବେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି । ଏକ ନମ୍ବର ସ୍ଥାନ ହାସଲ କରିବା ପାଇଁ ଆମେ ଚେଷ୍ଟା ଜାରି ରଖିଛୁ । ଏଥିପାଇଁ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଓ ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ଯୋଜନା କାର୍ଯ୍ୟକାରୀ ହେଉଛି । ଏଥି ସହିତ ବାୟୋଫ୍ଲକ୍ ପଦ୍ଧତିରେ ମାଛ ଚାଷ ଓ କେଜ୍ କଲ୍‌ଚର୍ ମଧ୍ୟ ଆଦୃତି ଲାଭ କରିଛି ।

ଉପସ୍ଥିତ ପ୍ରାଣୀପାଳକ ମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରାଣୀପାଳନ ଏକ ଲାଭଦାୟକ ବ୍ୟବସାୟ । ସରକାରଙ୍କ ପକ୍ଷରୁ ଋଣରେ ରିହାତି, ମାଗଣା ଟିକା ବ୍ୟବସ୍ଥା, ପ୍ରାଣୀ ସ୍ୱାସ୍ଥ୍ୟ ସେବା ଆଦି ଯୋଗାଇ ଦିଆଯାଉଛି । ତେଣୁ, ଛେଳି ଚାଷ, ଘୁଷୁରି ପାଳନ, କୁକୁଡ଼ା ପାଳନ ଓ ବତକ ପାଳନ ପରି ଲାଭଜନକ କୃଷି ବ୍ୟବସାୟ କରିବା ପାଇଁ କହିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାର ହିତାଧିକାରୀମାନଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ ଏବଂ ଅନୁଗୋଳର ଦିଲ୍ଲୀପ ପ୍ରଧାନଙ୍କୁ ଗୋପାଳରତ୍ନ ସମ୍ମାନ ଏବଂ ଯାଜପୁରର ସୁକାନ୍ତ କୁମାର ବିଶ୍ୱାଳଙ୍କୁ ଦେଶୀ ପ୍ରଜାତି ସଂରକ୍ଷଣ ପୁରସ୍କାର ପ୍ରଦାନ କରିଥିଲେ ।

ମୁଖ୍ୟମନ୍ତ୍ରୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ୬ ଜଣ ଏବଂ ପ୍ରାଣୀ ପାଳନ କ୍ଷେତ୍ରର ୬ ଜଣ ଶ୍ରେଷ୍ଠ ଚାଷୀଙ୍କୁ ପୁରସ୍କୃତ କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଗୋରୁ ଚୋରାଚାଲାଣକାରୀଙ୍କୁ ସତର୍କ କରାଇ କହିଥିଲେ ଯେ, ଗୋମାତାଙ୍କ ଚୋରାଚାଲାଣ କାର୍ଯ୍ୟରୁ ବିରତ ରୁହନ୍ତୁ, ଅନ୍ୟଥା କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ, ଆମ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ରାଜ୍ୟରେ ଦୁଗ୍ଧ ବିପ୍ଳବରେ ଏକ ନୂଆ ଦିଗନ୍ତ ଆଣିଛି । ଚାଷୀଙ୍କ ମୁହଁରେ ହସ ଫୁଟାଇବା ପାଇଁ ସେମାନଙ୍କର ସମୃଦ୍ଧି ଆଣିବା ପାଇଁ ଆମ ସରକାରଙ୍କ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଚାଷୀମାନଙ୍କୁ ମତ୍ସ୍ୟ ଓ ପ୍ରାଣୀପାଳନ କ୍ଷେତ୍ର ସମ୍ପର୍କରେ ଅଧିକ ସଚେତନ କରିବା ଲକ୍ଷ୍ୟରେ ରାଜ୍ୟର ୩୧୪ ବ୍ଲକ୍ ଏବଂ ୩୦ ଜିଲ୍ଲାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆୟୋଜନ ହୋଇଥିଲା । ଏ କ୍ଷେତ୍ରର ବିକାଶ ପାଇଁ ଭିତ୍ତିଭୂମି ନିର୍ମାଣ ଠାରୁ ଆରମ୍ଭ କରି ଚାଷୀମାନଙ୍କୁ ସହାୟତା ପ୍ରଦାନ ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା କରାଯାଇଛି ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ଆଜି କେବଳ ଶସ୍ୟ ଉତ୍ପାଦନ ଭିତରେ ଆମ ଚାଷୀମାନେ ସୀମିତ ନାହାନ୍ତି । ଚାଷ ସହିତ ପ୍ରାଣିପାଳନ ଓ ମତ୍ସ୍ୟ ଚାଷ ଆଡ଼କୁ ଆମ ଚାଷ ପ୍ରଣାଳୀ ବିସ୍ତାରିତ ହେଲାଣି । ବିଗତ ୧୯ ମାସ ମଧ୍ୟରେ ଅନୁଷ୍ଠିତ ହୋଇଥିବା କ୍ୟାବିନେଟ୍‌ଗୁଡ଼ିକରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶର ସବୁଠାରୁ ଅଧିକ ପ୍ରସ୍ତାବ ରହିଥିଲା । ତେଣୁ ଏ କ୍ଷେତ୍ରର ବିକାଶ ପାଇଁ ଆମ ସରକାରଙ୍କ ତତ୍ପରତା ଅନୁମେୟ ।

ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ଘୋଷଣା କରିଥିଲେ ଯେ, ଆଗାମୀ ଦିନରେ ଗୋ-ସମ୍ପଦ ଓ ଗୋ-ମାତାର ସୁରକ୍ଷା ପାଇଁ ରାଜ୍ୟରେ ଯେକୌଣସି ସ୍ଥାନରେ ଗୋଶାଳା ନିର୍ମାଣ ହେବ । ସେଥିପାଇଁ ରାଜସ୍ୱ ବିଭାଗ ଜମି ଯୋଗାଇଦେବ । କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାରୁ ବହୁ ସଂଖ୍ୟକ ମତ୍ସ୍ୟ ଚାଷୀ, ପ୍ରାଣୀ ପାଳକ, ଗବେଷକ, କୃଷି ବୈଜ୍ଞାନିକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲାମ୍ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫର୍ଚ୍ୟୁନ୍ ଟାୱାର ପଛପାଖରେ ଅଗ୍ନିକାଣ୍ଡ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀର ପ୍ରତିଷ୍ଠିତ ହାଟ ଏକ ନମ୍ବର ଅଗ୍ନିକାଣ୍ଡ ଲୋକଙ୍କ ମନରୁ ନଲିଭୁଣୁ ବୁଧବାର ଫର୍ଚ୍ୟୁନ ଟାୱାର ପଛପାଖରେ ଅଗ୍ନିକାଣ୍ଡ ଘଟି ଫାଇବର ପାଇପ୍ ଓ ପାଣିଟାଙ୍କି ଗୁଡିକ ହୁହୁ ହୋଇ ଜଳିଥିଲା । ସେହି ସ୍ଥାନ ଏକ ନିର୍ମାଣ ସଂସ୍ଥାର ଷ୍ଟକ୍‌ୟାର୍ଡ ବୋଲି କୁହାଯାଉଥିବା ବେଳେ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ ।

ଅଗ୍ନିଶମ ବାହିନୀ ଏକନମ୍ବର ହାଟ ଅଗ୍ନିକାଣ୍ଡର କାରଣ ଖୋଜି ପାଉନଥିବା ବେଳେ ଫର୍ଚ୍ୟୁନ ଟାଓ୍ୱାର ପଛପାଖ ଅଗ୍ନିକାଣ୍ଡ କାରଣ ମଧ୍ୟ ଜାଣିପାରୁନାହିଁ । ବୁଧବାର ମଧ୍ୟାହ୍ନ ପରେ ପରେ ଫର୍ଚ୍ୟୁନ ଟାଓ୍ୱାର ପଛପାଖ ବୁଦୁବୁଦିକିଆ ଜଙ୍ଗଲ ମଧ୍ୟରେ ଥିବା ଷ୍ଟାକ୍‌ୟାର୍ଡରେ ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବାହିନୀ ଖବର ପାଇବା ପରେ ଗୋଟିଏ ଗାଡି ଓ ଅଗ୍ନିଶମମାନେ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିପାରି ନଥିଲେ । ଖବର ପାଇ ଆଉ ଦୁଇଟି ଗାଡି ସେଠାରେ ପହଞ୍ଚିବା ପରେ ନିଆଁକୁ ଆୟତ୍ତ କରିବା କଷ୍ଟ ହୋଇଥିଲା । କାରଣ ଫାଇବର ପାଇପ୍ ଓ ପାଣିଟାଙ୍କି ଗୁଡିକ ଗୋଟିଏ ପରେ ଗୋଟିଏ ହୁହୁ ହୋଇ ଜଳିଚାଲିଥିଲା । ବୁଦୁବୁଦିକିଆ ଜଙ୍ଗଲର ଶୁଖିଲା ପତ୍ର ଯୋଗୁ ନିଆଁ ହୁହୁ ହୋଇ ଜଳିଥିଲା । ଶୁଖିଲା ପତ୍ର ଓ ଷ୍ଟକ୍‌ୟାର୍ଡ ଫାଇବର ପାଇପ୍ ଓ ପାଣିଟାଙ୍କି ନିଆଁ ଫର୍ଚ୍ୟୁନ ଟାୱାର ଉପରମହଲା ପର୍ଯ୍ୟନ୍ତ ଉଚ୍ଚାରେ ଜଳିଥିଲା । ହୁହୁ ଜଳୁଥିବା ନିଆଁକୁ ଦେଖି ଲୋକେ ଭୟଭୀତ ହୋଇଯାଇଥିଲେ । ଶେଷକୁ ଅଗ୍ନିଶମମାନେ ବହୁ କଷ୍ଟକରି ନିଆଁକୁ ଆୟତ୍ତ କରିଥିଲେ ।

# ବ୍ରାଉନସୁଗର ଜବତ, ୬ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଲକ୍ଷ୍ମୀସାଗର ଥାନା ପୋଲିସ ୬ଜଣଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୦ଗ୍ରାମ୍ ବ୍ରାଉନସୁଗର ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଅଭିଷେକ ବାନାର୍ଜୀ (୩୦), ଆଚିସମାନ୍ ଅଭିଷେକ (୩୦), ରଶ୍ମିରଞ୍ଜନ ମହାପାତ୍ର (୩୦), ନୀତିନ ଫାଲଓ୍ୱାସିଆ (୩୧), ଅମରେଶ ପ୍ରସାଦ ରାଉତ (୨୮) ଓ ସିଦ୍ଧାର୍ଥ ପଟ୍ଟନାୟକ (୩୦) ।

ଲକ୍ଷ୍ମୀସାଗର ଥାନା ପୋଲିସ ଖବର ପାଇଥିଲା ଯେ, ଶବର ସାହି ସ୍କୁଲ ପଛ ପାଖରେ ଥିବା ପାଣିଟାଙ୍କି ନିକଟରେ କିଛି ଯୁବକ ବ୍ରାଉନସୁଗାର ଖାଇବା ସହ କାରବାର କରୁଛନ୍ତି । ଖବର ଅନୁଯାୟୀ ପୋଲିସ ସେଠାରେ ଚଢାଉ କରି ୬ ଅଭିଯୁକ୍ତଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ୧୦ଗ୍ରାମ୍ ବ୍ରାଉନସୁଗାର, ତିନୋଟି ମୋବାଇଲ ଫୋନ୍ ଓ ବାଇକ୍ ପ୍ରଭୃତି ଜବତ କରିଛି । ୬ଜଣଙ୍କୁ ବୁଧବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ୨ ଧାନମଣ୍ଡି ଉଦ୍‌ଘାଟିତ

ବାଲିପାଟଣା (ସବ୍ୟୁ): ବାଲିପାଟଣାର ଖୋର୍ଦ୍ଧା ଜିଲ୍ଲାର ଏକ ନମ୍ବର ପୁରସ୍କାର ପ୍ରାପ୍ତ ଗାରେଡିପାଞ୍ଚଣ ସେବା ସମବାୟ ସମିତି ଓ ପଢ଼ୋଶୀ ଗିରିଙ୍ଗ ସେବା ସମବାୟ ସମିତିର ସୋମବାର ପୂର୍ବାହ୍ନରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଖୋର୍ଦ୍ଧା ସମବାୟ ବ୍ୟାଙ୍କ ସଂପାଦକ ସାରଥି ଶତପଥି ମଣ୍ଡି ଦ୍ୱୟକୁ ଉଦଘାଟନ କରିଥିଲେ । ଗାରେଡିପାଞ୍ଚଣ ସେବା ସମବାୟ ସମିତି ସଭାପତି ତଥା ବରିଷ୍ଠ କବି ଓ ସାମ୍ବାଦିକ ଅଭିମନ୍ୟୁ ନାୟକ କର୍ତ୍ତା ଭାବରେ ନିଜ ଦାୟିତ୍ୱ ନିର୍ବାହ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ପ୍ରଶାସନ ଅଧିକାରୀ ଦିବ୍ୟ ରଂଜନ ପ୍ରଧାନ ,ସ୍ଥାନୀୟ ବ୍ୟାଙ୍କ ଶାଖା ପରିଚାଳକ ଶକ୍ତି ପ୍ରଶନ୍ନ ଜେନା, ସଂପାଦକ ଶୁଶିଲ କୁମାର ପଣ୍ଡା, ଚିନ୍ମୟ ମହାନ୍ତି, ଅଠାନ୍ତର ସରପଞ୍ଚ ଅଜିତ କୁମାର ମହାନ୍ତି, ଟୁବୁଲା ଭୋଇ, ଅଶୋକ କୁମାର ଜେନା, ସଭ୍ୟ କ୍ଷିରୋଦ କୁମାର ଓଝା, ପ୍ରଦୋଷ ସେନାପତି, ବଟକୃଷ୍ଣ ରାଉତରାୟ ,ବ୍ରହ୍ମାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସରକାର ଙ୍କ ୮୦୦ ଟଙ୍କା ସବସିଡକୁ ପ୍ରଶଂଶା କରିଥିଲେ । ପ୍ରଥମ ଦିନରେ ମୋଟ ୭ଜଣ ଚାଷୀ ଙ୍କୁ ଠାରୁ ୩୦୦ କ୍ୱିଣ୍ଟାଲ ଧାନ ସାଙ୍ଖୋଲିଆ ମିଲ କ୍ରୟ କରିଥିବା ସଂପାଦକ ଶ୍ରୀ ପଣ୍ଡାଙ୍କ ସୂତ୍ରରୁ ଜଣାପଡିଛି ।

# ଅନିଚ୍ଛା ସତ୍ତ୍ୱେ ବାନ୍ଧବୀଙ୍କ ସହ ଶାରୀରିକ ସମ୍ପର୍କ, ପୁରୁଷ ବନ୍ଧୁ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଅନିଚ୍ଛା ସତ୍ତ୍ୱେ ବାନ୍ଧବୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ପୁରୁଷ ବନ୍ଧୁ ବାପିନୀ ସାବତକୁ ଗିରଫ କରିଛି ।

ବାପିନୀ ଘର ବ୍ରହ୍ମପୁରରେ ହୋଇଥିବା ବେଳେ କେନ୍ଦ୍ରାପଡା ଅଞ୍ଚଳର ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢିଉଠିଥିଲା । ଉଭୟେ ବୁଦ୍ଧେଶ୍ୱରୀ କଲୋନୀରେ ଲିଭ୍‌ଇନ୍‌ରେ ରହୁଥିଲେ । ସବୁ ଠିକ୍‌ଠାକ୍ ଚାଲିଥିଲା । କିଛିଦିନ ପରେ ବାପିନୀ ମଦ ପିଇ ବାନ୍ଧବୀଙ୍କୁ ମାରଧର କରିଥିଲା । ବିବାହ କରିବାକୁ ପୁରୁଷ ବନ୍ଧୁ ଚାହୁଁଥିଲେ ମଧ୍ୟ ବାନ୍ଧବୀ ଅନିଚ୍ଛା ପ୍ରକାଶ କରି ତା'ନିକଟରୁ ଦୂରେଇ ଯାଇଥିଲା ।

କିଛିଦିନ ପରେ ବାପିନୀ ଚତୁରତାର ସହ ବାନ୍ଧବୀଙ୍କୁ ଡାକି ବୁଦ୍ଧେଶ୍ୱରୀ କଲୋନୀର ସେହି ରୁମ୍‌କୁ ନେଇ ଖାଇବା ପିଇବା କରିଥିଲେ । ଶାରୀରିକ ସମ୍ପର୍କ ପାଇଁ ବାନ୍ଧବୀ ମନା କରୁଥିବା ବେଳେ ବନ୍ଦ କୋଠରୀ ମଧ୍ୟରେ ସେ ଜୋର୍‌ଜବରଦସ୍ତ ତାଙ୍କୁ ବଳାତ୍କାର କରିଥିଲା । ସେ ଉପାୟଶୂନ୍ୟ ହୋଇ ଲକ୍ଷ୍ମୀସାଗର ଥାନାରେ ବୁଧବାର ଅଭିଯୋଗ କରିଥିଲେ ।

ଅଭିଯୁକ୍ତ ଅଭିଯୋଗକାରିଣୀଙ୍କୁ ବାନ୍ଧବୀ କହିବା ସହ ଲିଭ୍‌ଇନ୍‌ରେ ରହୁଥିବା କହି ପୋଲିସକୁ ବାଟବଣା କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ପୀଡିତା ତାଙ୍କ ଏତଲା ଉପରେ ଗୁରୁତ୍ୱ ଦେଇଥିଲେ । ଅଭିଯୋଗ ଅନୁଯାୟୀ ଲକ୍ଷ୍ମୀସାଗର ଥାନା ପୋଲିସ ବାପିନୀକୁ ଗିରଫ କରିବା ସହ ଉଭୟଙ୍କୁ ଡାକ୍ତରୀ ମାଇନା କରାଇ ମାମଲାର ତଦନ୍ତ କରୁଛି ।

# ଜୁନ୍‌ରେ ହୋଇପାରେ ନୂଆ ୨୮ ଏନ୍‌ଏସି ନିର୍ବାଚନ

ଭୁବନେଶ୍ୱର, ୨୧।୧ (ସବ୍ୟୁ) : ସରକାର ଘୋଷଣା କରିଥିବା ନୂଆ ୨୮ଟି ଏନ୍‌ଏସିର ନିର୍ବାଚନ ଜୁନରେ ହେବାର ସମ୍ଭାବନା ରହିଛି । ମାର୍ଚ୍ଚ ସୁଦ୍ଧା ସବୁ ନୂଆ ଏନ୍‌ଏସିର ସୀମା ନିର୍ଦ୍ଧାରଣ କାର୍ଯ୍ୟ ଶେଷ କରିବାକୁ ନିର୍ବାଚନ କମିଶନ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୀମା ନିର୍ଦ୍ଧାରଣ କାର୍ଯ୍ୟ ସରିଲା ପରେ ସଂରକ୍ଷଣ ଓ ଭୋଟର ତାଲିକା ପ୍ରସ୍ତୁତ କରାଯିବ । ନୂଆ ସରକାର ଲାଗି ଏନ୍‌ଏସି ନିର୍ବାଚନ ଏକ ଆହ୍ୱାନ ହୋଇପାରେ ।

୨୦୨୮ରେ ପଞ୍ଚାୟତ ନିର୍ବାଚନ ହେବ । ଏହା ପୂର୍ବରୁ ନୂଆ ହୋଇ ଘୋଷଣା ହୋଇଥିବା ୨୮ ଏନ୍‌ଏସିରେ ନିର୍ବାଚନ କରାଯିବ । ନିର୍ବାଚନ କମିଶନ ଏନେଇ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏନ୍‌ଏସି ଗଠନ ବିଜ୍ଞପ୍ତି ପରେ ୬ ମାସରେ ନିର୍ବାଚନ ହେବାନେଇ ନିୟମ ଥିବାରୁ ଜୁନ୍ ୩୦ ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ତେବେ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ହେଁ ଏଯାଏଁ ସୀମା ନିର୍ଦ୍ଧାରଣ ହୋଇନାହିଁ । ମାର୍ଚ୍ଚ ସୁଦ୍ଧା ସୀମା ନିର୍ଦ୍ଧାରଣ କାର୍ଯ୍ୟ ସରିଲା ପରେ ସଂରକ୍ଷଣ ଓ ଭୋଟର ତାଲିକା ପାଇଁ ୪୫ ଦିନ ସମୟ ଲାଗିବ । ପୁରା ଭୋଟ ପ୍ରକ୍ରିୟା ୩୫ ଦିନ ଲାଗିପାରେ ବୋଲି ଜଣାପଡ଼ିଛି ।

# ମାଘ ମେଳା ନେଇ ହେଲାନି ଜାଗା ନିରୂପଣ

କଣ୍ଟିଲୋ ,(ସବ୍ୟୁ): ରାଜ୍ୟର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକ ଅନ୍ତର୍ଗତ କଣ୍ଟିଲୋରେ ପାରମ୍ପରିକ ଭୈମୀ ଏକାଦଶୀ ଯାତ୍ରା ଆସନ୍ତା ଜାନୁଆରୀ ୨୯ ତାରିଖ ଠାରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଯାତ୍ରା ଅଣ ଆନୁଷ୍ଠାନିକ ଭାବେ ପ୍ରାୟ ଜାଗର ଅମାବାସ୍ୟା ପର୍ଯ୍ୟନ୍ତ ପ୍ରତିବର୍ଷ ପରି ଚାଲିଥାଏ । ଏହି ପରିପ୍ରେକ୍ଷୀରେ ଶ୍ରୀ ନୀଳମାଧଙ୍କର ଏହି ପାରମ୍ପରିକ ପ୍ରସିଦ୍ଧ ଯାତ୍ରା ଖଣ୍ଡପଡା ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ହୋଇଥାଏ । ଦେବୋତ୍ତର ବିଭାଗ ଦାୟିତ୍ୱରେ ଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀ ଖଣ୍ଡପଡା ତହସିଲଦାର ବିଶ୍ୱ ବିସ୍ମୃତ ତ୍ରିପାଠୀଙ୍କ ଆବାହକିବରେ ସୋମବାର ଆୟୋଜିତ ଏକ ବୈଠକ ରେ ଯାତ୍ରାର ସଫଳତା , ପରିଚାଳନା ଓ ଶୃଙ୍ଖଳା ରକ୍ଷା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ କଣ୍ଟିଲୋ ପୂର୍ତ୍ତବିଭାଗ ଡାକ ବଙ୍ଗଳା ପରିସର ରେ ଅନୁଷ୍ଠିତ ହୋଇ ବିଭିନ୍ନ ପ୍ରସ୍ତାବ ମାନ ଗ୍ରହଣ କରାଯାଇଥିଲା । ଏହି ବୈଠକରେ ନୀଳମାଧ ପୂଜକ ସଂଘ ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ହୃଷିକେଶ ମିଶ୍ର, ଖଣ୍ଡପଡା ଥାନା ଅଧିକାରୀ କୃତିବାସ ହରି ଚନ୍ଦନ,କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସ, ଖଣ୍ଡପଡା ଅଗ୍ନିଶମ ଅଧିକାରୀ ଅଜୟ କୁମାର ପାଇକରାୟ ଜିଲ୍ଲାପରିଷଦ ସଭ୍ୟ ରାମେଶ୍ୱର ଶତପଥୀ ,କଣ୍ଟିଲୋ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ ଅମିତାଂଶୁ ମିଶ୍ର ଟିପି ସି ଓଡି ଏଲ ଅତିରିକ୍ତ କନିଷ୍ଠ ଯନ୍ତ୍ରୀ ଇଂ ଅନନ୍ତ ନାରାୟଣ ସ୍ୱାଇଁ ଓ ସହକାରୀ ଯନ୍ତ୍ରୀ ଇଂ ବନବିହାରୀ ମଙ୍ଗରାଜ , ପୂର୍ତ୍ତ ବିଭାଗ ପକ୍ଷରୁ ସନ୍ତୋଷ କୁମାର ବେହେରା ପୂର୍ବତନ ନୀଳମାଧ ମନ୍ଦିର ପରିଚାଳକ ଡ଼ଃ ହରିହର ଦାଶଙ୍କ ସମେତ ବିଭିନ୍ନ ଗଣ ମାଧ୍ୟମ ପ୍ରତିନିଧି, ଦେବୋତ୍ତର ବିଭାଗ କର୍ମଚାରୀ ପ୍ରମୋଦ କୁମାର ଜେନା ଙ୍କ ସମେତ ସହକର୍ମୀ ଓ ଯାତ୍ରା ପାର୍ଟି କମିଟି ପକ୍ଷରୁ ପ୍ରମୋଦ କୁମାର ଦଳେଇ ଓ ନବକିଶୋର ବେହେରା, ମାଧବ ଚନ୍ଦ୍ର ସାହୁ, ରାଜେଶ କୁମାର ଦାସ ଏବଂ ନୀଳମାଧବ ମିଶ୍ର ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । କେଉଁ ସ୍ଥାନ ରେ ଯାତ୍ରା ହେବ ସେଇଥିପାଇଁ ଭିନ୍ନ ଭିନ୍ନ ମତ ପ୍ରକାଶ ପାଉଥିବାରୁ ତହସିଲଦାର ମହୋଦୟ ଏହାର ନିଷ୍ପତି ନେବାକୁ ନିଷ୍ପତି ଆଲୋଚନା ହୋଇଥିଲା । ଏହାପରେ ଶ୍ରୀ ପ୍ରଭାକର ଶିରୋମଣି ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ.57-KUR-TRD-OT-2025-26

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ (KUR) ମଣ୍ଡଳରେ ମେଣ୍ଟେନାନ୍ସ ଡିପୋ ଏବଂ ଷ୍ଟେସନଗୁଡ଼ିକ ନିମନ୍ତେ ସୁରକ୍ଷା ସାମଗ୍ରୀର ବ୍ୟବସ୍ଥା ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 12,59,642.88, EMD (ଟଙ୍କାରେ) : 25,200/-, କାର୍ଯ୍ୟ ଶେଷ ହେବା ଅବଧି : 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.23.01.2026 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.02.2026 ରିଖ 1300 ଘଣ୍ଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେଗୁଡ଼ିକ ପ୍ରାପ୍ତ ହେଲେ କୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-1037/Q/25-26

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ବରିଷ୍ଠ ଡିଭିଜନାଲ ଇଞ୍ଜିନିୟର, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ ରିଚ୍, କୋଲକାତା-୭୦୦୦୪୩ ନିମ୍ନୋକ୍ତ କାର୍ଯ୍ୟ ନିମନ୍ତେ ପ୍ରତିଟି ଆଇଟମ୍ ବିପକ୍ଷରେ ସୂଚିତ ତାରିଖର ୧୫.୦୦ ଘଣ୍ଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ୧୫.୩୦ ଘଣ୍ଟିକାରେ ଖୋଲାଯିବ । ଟେଣ୍ଡର ନଂ. : ଡି-ସିୟୁବି-ଜିଆରସି-୨୦୨୫-୪୨୨, ତାରିଖ : ୨୦.୦୧.୨୦୨୬ । କାର୍ଯ୍ୟର ବିବରଣୀ : ଦକ୍ଷିଣ ପୂର୍ବ ରେଳପଥର ରର୍ଥ କଲୋନୀ, ହେଡ୍ କ୍ୱାର୍ଟର, ଗାର୍ଡେନ ରିଚ୍‌ରେ କଲୋନୀ ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପରିବେଶକୁ ସୁହାଇବା ଭଳି ସେବା ପରିବେଶ ଆଉଟ୍‌ସୋର୍ସିଂ-ସଚେତନତାମୂଳକ ସମନ୍ୱିତ ସଫେଇ କାର୍ଯ୍ୟ ଇତ୍ୟାଦି ସମେତ ବାୟୋସ୍ୟାପ୍, ସୁଇସ୍ ଟାଉନ ରକ୍ଷଣାବେକ୍ଷଣ କାର୍ଯ୍ୟ ଆଦି ଦୁଇ (୦୨) ବର୍ଷ ପାଇଁ ସଂପାଦନ । ଟେଣ୍ଡର ମୂଲ୍ୟ : ଟ. ୧୨,୭୩,୮୬,୮୩୧.୫୬ । ଅମାନତ ଅର୍ଥ : ଟ. ୭,୫୬,୯୦୦ (ଅମାନତ ଅର୍ଥ ଟେଣ୍ଡରରୁ ଏମଏସଇ ଫର୍ମ ସୁବିଧା ଛାଡ କରାଯିବ) । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : ଟ. ୦ । ଖୋଲା ତାରିଖ : ୧୧.୦୨.୨୦୨୬ । କାର୍ଯ୍ୟର ସମାପ୍ତି ସମୟ : ୨୪ (ଚବିଶ) ମାସ । ଟେଣ୍ଡର ଅନୁସୂଚୀରେ କୌଣସି ପରିବର୍ତ୍ତନ, ପରିଶିଷ୍ଟ, ସଂଶୋଧନ ଯଦି ଥାଏ, ତେବେ ତାହା କେବଳ ଇ-ଟେଣ୍ଡର ପୋର୍ଟାଲରେ ଉପଲବ୍ଧ ହେବ ଏବଂ ତାହା ଖବରକାଗଜରେ ପ୍ରକାଶ ପାଇବ ନାହିଁ । ଇଚ୍ଛୁକ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ସ୍ପେସିଫିକେସନ ପାଇଁ ୱେବସାଇଟ www.ireps.gov.in ରେ ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନ୍ ଦାଖଲ କରିବେ । ଏହି କାର୍ଯ୍ୟ ପାଇଁ କୌଣସି ପରିସ୍ଥିତିରେ ମାନୁଆଲ ଟେଣ୍ଡର ଗ୍ରହଣ ହେବ ନାହିଁ । ସୂଚନା : ଆଶାୟୀ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ଚାହିଁଲେ ନିୟମିତ ଭାବେ www.ireps.gov.in କୁ ଦେଖିପାରିବେ । ହେଲ୍ପ ଡେସ୍କ ଯୋଗାଯୋଗ ନଂ. ୦୩୩-୨୪୫୦-୩୬୮୩ । (PR-1081)

E-689

**OFFICE OF THE SUPERINTENDENT**
**SAHEED RENDO MAJHI MEDICAL COLLEGE & HOSPITAL, BHAWANIPATNA, KALAHANDI**
At- Bhangabari, Po- Uditnarayanpur, Bhawanipatna
Dist- Kalahandi, Pin-766002
Email: supdtsrmmchbpt@gmails.com.
Website : https://srmmch.odisha.gov.in/
Advt.No. 50 Date : 20.01.2026

**TENDER CALL NOTICE FOR SUPPLY OF DESKTOP, PRINTER & SCANNER**

Sealed bids as per the prescribed format Agencies/Individuals for engagement / Tender Call Notice for Supply of Desktop, Printer & Scanner for the office of Superintendent, SRM MCH, Bhawanipatna, Kalahandi as and when required. Details Eligibility criteria, TOR, format for submission of bid etc. are available from the website: https://srmmch.odisha.gov.in/ & https://dmetodisha.gov.in.

The detail terms and conditions may be down loaded from the website: https://srmmch.odisha.gov.in/ & https://dmetodisha.gov.in The bids (Superscripted bids for Tender Call Notice for Supply of Laboratory Chemicals and Consumables) through Speed Post/ Courier only on or before 09.02.2026 at 05:00 PM to the Office of the Superintendent, SRM Medical College & Hospital, Bhawanipatna Kalahandi PinCodc-766002. The bids will be opened on 10.02.2026 at 12:00 PM. The undersigned reserves the right to reject any or all the bids without assigning any reason thereof.

Sd/- Superintendent SRM MCH,
Bhawanipatna, Kalahandi.

B-1013 ID: ee.randbjyp@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE**

**e-Procurement Notice**

**Bid Identification No. S.E (R&B)-11/2025-26/JYP(K)**

**No. 375 Date. 19.01.2026**

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Road and Building Works as mentioned in DTCN.
2. No. of Works : 4 Nos.
3. Estimated Cost : Rs. 5.19 to 36.06 lakhs
4. Period of completion : 1 (One) Month
5. Date & Time of Bidding : From 11.00 hours of 22.01.2026 Up-to 17.00 hours Of 31.01.2026
6. Last date & time for receipt of bids in portal : 17.00 hours of 31.01.2026.
7. Bids received online shall be opened on : 11.00 hours of 02.02.2026.
8. Name and address of the officer inviting Bid : Superintending Engineer, Jeypore (R&B) Division, Jeypore

Further details can be seen from the www.tendersodisha.gov.in

Sd/- Superintending Engineer
Jeypore (R&B) Division

F-111

**Notice-90 Dt.16.01.2026**

Tender call notice for engagement of 09(Nine) Numbers of Group-D personnel In the Registration offices of Dhenkanal District on outsourcing basis through service provider agency.

Please visit Government website http://dhenkanal.odisha.gov.in

(1) Availability of Bid documents in Govt portal.
(2) Last date of submission of tsender document through Registered Post/Speed post at the District Sub-Registrar, Dhenkanal from 16.01.2026 to 30.01.2026 upto 5P.M

Sd/-
COLLECTOR & DISTRICT MAGISTRATE,
DHENKANAL

**ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ**
**Odisha State Commission for Protection of Child Rights (OSCPCR)**
**Odisha State Commission for Protection of Child Rights**

33001/1/2526

**ADVERTISEMENT**
**Walk-in-interview**

Eligible Indian citizens are invited to attend a walk-in-interview for engagement to the following posts in the office of Odisha State Commission for Protection of Child Rights(OSCPCR), Bhubaneswar purely on contractual basis for a period of one year. The detailed terms & conditions of engagement viz. qualification & experience etc. are available in the official website oscpcr.odisha.gov.in. The interview will be conducted on 31.01.2026 at 10:30A.M. in the office of Odisha State Commission for Protection of Child Rights, Qrs. No.1, Type-A, Unit-V, Bhubaneswar-751001. Interested candidates are requested to report at 9:00 a.m. for registration along with original documents for verification.

| Sl. No. | Name of the Post | No. of Post | Eligibility Criteria | Age |
|---|---|---|---|---|
| 1 | Consultant on POCSO/ Juvenile Justice | 02 | Bachelor's degree in Law with a minimum 5 years experience at the Bar, dealing with Civil/Criminal/ Service laws preferably in child protection-related laws/cases. Proficiency in computer operations is essential. | Below 65 years of age |
| 2 | Consultant on RTE | 01 | Bachelor's degree & minimum 5 years experience in administrative and accounts work. Proficiency in computer operations is essential. | Below 65 years of age |

PRI/PM/00038 Sd/- Secretary, OSCPCR

25001/2/2526

**GOVT OF ODISHA : OFFICE OF THE SUPERINTENDING ENGINEER RURAL WORKS DIVISION, NAYAGARH**
At/Po- Nabaghanpur, Dist-Nayagarh, Ph-06753-252049, E-mail-nayagarhrw2006@yahoo.in
No:.Tender - Online - NayagarhDivn. -11/2025-26

**e-Procurement Notice**

1. Name of the work : Road works.
2. Total No. of Projects : 02 (Two) Nos of projects
3. Class of Contractor :
   a) Estimated cost above Rs. 20,000 Lakhs & up to Rs. 3.00 Crore — B Class (of Odisha PWD) or relevant class of other licensing authorities.
   b) Estimated cost up to Rs. 40.00 Lakhs — C Class (of Odisha PWD) or relevant class of other licensing authorities.
   c) Estimated cost up to Rs. 20.00 Lakhs — D Class (of Odisha PWD) or relevent class of other licensing authorities.
4. Estimated Cost put to tender : Rs. 16.95 Lakhs & Rs. 42.37 Lakhs.
5. Time for Completion : 01 (One) Calendar Months
6. Other details :

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No : Tender-Online-Divn. NAYAGARH-11/2025-26 | 28.01.2026 at 10.00 A.M | 07.02.2026 upto 5.30 P.M. | 09.02.2026 at 11.00 A.M. |

Further details can be seen from the website www.tendersorissa.gov.in

PRI/PM/00037

Sd/- Executive Engineer
Rural Works Division, Nayagarh

A-

**GOVERNMENT OF ODISHA : DEPARTMENT OF WATER RESOURCES, OFFICE OF THE SUPERINTENDING ENGINEER,**
LOWER INDRA CANAL DIVISION NO-III, BANGOMUNDA
AT/PO-BORABAHAL DIST:-BALANGIR, ODISHA, PIN.-767040

**e-Procurement Notice No. SELICD-01/2025-26, Dl.17.0I.2026 (online)**

E-mail ID: eelicd3bangomunda@gmail.com
No. 5/ Date: 17.01.2026

1. Type/Nature of work : Civil Works
2. Total No. of works : 05 (Five) Nos.
3. Approx. value of works : Rs.31.43 Lakh to Rs. 49.27 Lakh (Excluding GST).
4. Period of completion : 02 (Two) Months
5. Classification of bidders : 'C & 'B' Class Contractors only.

Other details as follows :

| Procurement Officer | e-Procurement Notice No. | Availability & Submission of bids in online | | Date & timeof opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Lower Indra Canal Division No.III, Bangomunda, Dist: Bolangir, Odisha, PIN:767040 | SELICD-01/2025-26 Dt. 17.01.2026 (online) for 05 (Five) No. of works. | 22.01.2026 At 10.00 A.M. | 01.02.2026 Up to 5.00 P.M. | 02.02.2026 At 11.00 A.M. |

N.B : Further details can be seen from the e-procurement portal https://www.tendersodish
Any addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in

Sd/- (Er. Soumya Kishore Jarpuria)
Superintending Engineer,
Lower Indra Canal Division No-III,
Bangomunda

A-1294

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**BARPALI IRRIGATION DIVISION.BARPALI.**

**e-Procurement notice no.- BID- 08(01-01)/2025-26.**

**Bid Identification No.- BID- 08(01)/2025-26**

| | | | |
|---|---|---|---|
| 1 | Type of the work | : | Canal structures Work |
| 2 | No of works | : | 1(one) no. |
| 3 | Class of contractor | : | "B" Class |
| 4 | Bid identification No | : | BID-08(01-01)/2025-26 |
| 5 | Estimated cost | : | Rs. 84.76 Lakhs (Excluding GST) |
| 6 | Period of completion | | 90 (Ninety) Days |
| 7 | Date and time of availability of bid documents in the portal | : | Dt. 28.01.2026 at 11.00 AM to Dt. 08.02.2026 up to 5.00 PM. |
| 8 | Last date/ time for receipt of bids in the portal | : | Dt.08.02.2026 up to 5.00 PM. |
| 9 | Date of opening of Technical Bid (Cover-I) | : | Dt.09.02.2026 at 11.30 AM, O/o the Superintending Engineer, Barpali Irrigation Division, Barpali |
| 10 | Date of opening of Financial Bid (Cover-II) | : | To be intimated later |
| 11 | Name and Address of the Officer inviting Bid | : | Superintending Engineer, Barpali Irrigation Division, Barpali Email Id: ee.barpali.canal@gmail.cm |

1. Any addendum/corrigendum/ cancellation/ erratum of tender can also be seen in the said Website.
2. Further details can be seen from Government Website http://tenderodisha.gov.in.

Sd/- SUPERINTENDING ENGINEER,
(BARPALI IRRIGATION DIVISION, BARPALI


## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୩୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଉଚ୍ଚସ୍ତରୀୟ କମିଟିକୁ ଲାଇବ୍ରେରିଆନ ସଂଘ ପକ୍ଷରୁ ଦାବିପତ୍ର

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷା ଓ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଗଠନ ହୋଇଥିବା ଉଚ୍ଚସ୍ତରୀୟ କମିଟି ସହିତ କଲେଜ ଲାଇବ୍ରେରୀଆନ ସଂଘର କର୍ମକର୍ତ୍ତାମାନେ ବୁଧବାର ସାକ୍ଷାତ କରି ବିଭିନ୍ନ ସମସ୍ୟା ସମାଧାନ ପାଇଁ ଆଲୋଚନା କରିବା ସହିତ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି ।ଗ୍ରାଣ୍ଟ-ଇନ୍-ଅର୍ଡର ୨୦୧୭ ଅନୁଯାୟୀ ଜିଆଇଏ ଦରମା ପ୍ରାପ୍ତି ପରେ ଲାଇବ୍ରେରିଆନମାନଙ୍କୁ ସେବା ସର୍ତ୍ତାବଳୀ ଏବଂ ଅବସରକାଳୀନ ସୁବିଧା କାର୍ଯ୍ୟକାରୀ କରିବା, ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି, ୦୧.୦୬.୨୦୦୮ ରୁ ୩୧.୧୨.୨୦୧୮ ପର୍ଯ୍ୟନ୍ତ ଅଣ-ସରକାରୀ ସାହାଯ୍ୟପ୍ରାପ୍ତ କଲେଜଗୁଡ଼ିକରେ ଜି.ବି. ଦ୍ୱାରା ନିଯୁକ୍ତ ଲାଇବ୍ରେରିଆନମାନଙ୍କୁ ଜିଆଇଏର ସମ୍ପ୍ରସାରଣ, ଓଆରଏସପି ନିୟମ ୨୦୦୮ ଅନୁଯାୟୀ ୪୨୦୦ ଟଙ୍କା ସମାନ ଗ୍ରେଡ୍ ପେ ପାଉଥିବା ଜୁନିଅର ଲାଇବ୍ରେରିଆନ୍, ନନ-ସ୍ନାତକୋତ୍ତର ଲାଇବ୍ରେରିଆନ୍, ସହକାରୀ ଲାଇବ୍ରେରିଆନ୍ ଏବଂ ସ୍ନାତକ ଲାଇବ୍ରେରିଆନ୍ ଭଳି ବିଭିନ୍ନ ପଦବୀରେ ନିଯୁକ୍ତ ଲାଇବ୍ରେରିଆନଙ୍କ ନାମକରଣରେ ପରିବର୍ତ୍ତନ,କଲେଜ ଲାଇବ୍ରେରିଆନଙ୍କ ସ୍ଥିତି ସମ୍ପର୍କରେ କାର୍ଯ୍ୟକାରୀ କରିବା ପାଇଁ ୧୩.୦୩.୨୦୧୯ ତାରିଖରେ ସରକାରୀ ଆଦେଶ ନମ୍ବର ୬୩୨୦/ଏଚଇ ଓଡିଶାର ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କୁ ପଠାଯାଇଥିବା କାର୍ଯ୍ୟକାରିତା, ସପ୍ତମ ବେତନ ଓଆରଏସପି ନିୟମ ୨୦୧୭ ଅନୁଯାୟୀ ୦୧.୦୧.୨୦୧୬ ରୁ ୩୦.୦୯.୨୦୧୭ ପର୍ଯ୍ୟନ୍ତ ପାର୍ଥକ୍ୟ ବକେୟା ଦରମା ପ୍ରଦାନ, କଲେଜ ଲାଇବ୍ରେରିଆନଙ୍କ ସର୍ବନିମ୍ନ ଯୋଗ୍ୟତା ପାଇଁ ୧୧.୦୭.୨୦୧୪ ତାରିଖର ସରକାରୀ ଆଦେଶ ସଂଖ୍ୟା ୧୨୮୬୬/ଏଚଇ ଅନୁଯାୟୀ କାର୍ଯ୍ୟକାରିତା ଏବଂ ପ୍ରଚଳିତ ମାପଦଣ୍ଡକୁ ସେହି ଅନୁଯାୟୀ ପରିବର୍ତ୍ତନ କରାଯାଇପାରିବ। ରାଜ୍ୟର ଅଣ-ସରକାରୀ ସାହାଯ୍ୟପ୍ରାପ୍ତ କଲେଜଗୁଡ଼ିକର ଲାଇବ୍ରେରିଆନମାନଙ୍କ କ୍ଷେତ୍ରରେ ପଦୋନ୍ନତିର ମାର୍ଗକୁ ବିସ୍ତାର କରିବା ପାଇଁ କ୍ୟାଡର ନିୟମ ଗଠନ, ଯେପରିକି ନିର୍ଦ୍ଦେଶକ, ଉଚ୍ଚଶିକ୍ଷା, ଓଡିଶାଙ୍କ ଦ୍ୱାରା ଚିଠି ସଂଖ୍ୟା ୧୨୮୬୬/ ଏଚଇ, ତାରିଖ ୧୧.୦୭.୨୦୧୪ ଅନୁବନ୍ଧ- ୩ ମାଧ୍ୟମରେ ସୁପାରିଶ କରାଯାଇଛି। ଉଚ୍ଚନ୍ୟାୟାଳୟଙ୍କ ୧୯.୦୪.୨୦୨୧ ତାରିଖର ଆଦେଶ ଅନୁଯାୟୀ ୨୦୨୦ ର ଡବ୍ଲୁ.ପି. (ସି) ନଂ ୧୧୪୦୩ ରେ ପାସ୍ ହୋଇଥିବା କଲେଜ ଲାଇବ୍ରେରିଆନଙ୍କ କ୍ଷେତ୍ରରେ ଗ୍ରେଡ୍ ପେ ୪୨୦୦/- ଟଙ୍କାରୁ ୪୬୦୦/- ଟଙ୍କାକୁ ସଂଶୋଧନ,ଭାରତ ସରକାରଙ୍କ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ଦ୍ୱାରା ବିକଶିତ ଓଡିଶାର କଲେଜ ପାଠାଗାରଗୁଡ଼ିକର ସ୍ୱୟଂଚାଳିତକରଣ ଏବଂ ନେଟୱାର୍କିଂ ପାଇଁ ମାନକ ପାଠାଗାର ସଫ୍ଟୱେରର ସୁପାରିଶ, ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ଓଡ଼ିଶାଙ୍କ ଚିଠି ସଂଖ୍ୟା ୧୯୪୦୨, ତାରିଖ ୨୧.୦୫.୨୦୧୫ ଅନୁବନ୍ଧ-୧ ଅନୁଯାୟୀ କଲେଜ ଲାଇବ୍ରେରିଆନଙ୍କ ପାଇଁ ଚାକିରି ଚାର୍ଟ ସ୍ଥିର କରିବା ଓ ପାଠାଗାର ପୁସ୍ତକର ଭୌତିକ ଯାଞ୍ଚ ଏବଂ ପୁସ୍ତକ ହଜିବା ପାଇଁ ଭାରତ ସରକାରଙ୍କ ସାଧାରଣ ଆର୍ଥିକ ନିୟମ ୨୦୧୭ର କାର୍ଯ୍ୟକାରୀତା କରିବା ଭଳି ବିଭିନ୍ନ ଦାବି ସମ୍ପର୍କରେ ଆଜି ଓସିଏଲଏ ସାଧାରଣ ସମ୍ପାଦକ ତ୍ରିଲୋଚନ ପଣ୍ଡା, ଓସିଏଲଏ ରାଜ୍ୟ ଗଣମାଧ୍ୟମ ସଂଯୋଜକ ହିମାଂଶୁ ଭୂଷଣ ଚମ୍ପତିରାୟ ଓ ଅନ୍ୟ କିଛି କର୍ମକର୍ତ୍ତା ଦାବିପତ୍ରକୁ ଉଚ୍ଚ ସ୍ତରୀୟ କମିଟିକୁ ପ୍ରଦାନ କରିଛନ୍ତି।



# ଖୋର୍ଦ୍ଧା ଉପଜିଲ୍ଲାପାଳ ଭାବେ ଯୋଗଦେଲେ ସଂକଳ୍ପ ସ୍ୱସ୍ତିକ ସାହୁ

ଖୋର୍ଦ୍ଧା, (ସବ୍ୟୁ) : ଖୋର୍ଦ୍ଧା ଉପଖଣ୍ଡର ନୂତନ ଉପଜିଲ୍ଲାପାଳ ଭାବେ ୨୦୧୬ ବ୍ୟାଚ ଓଡିଶା ପ୍ରଶାସନିକ ସେବାର ସଂକଳ୍ପ ସ୍ୱସ୍ତିକ ସାହୁ ଯୋଗଦେଇଛନ୍ତି।ମଙ୍ଗଳବାର ଯୋଗଦେବା ପରେ ଶ୍ରୀ ସାହୁଙ୍କୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରେ ଷ୍ଟାଫଙ୍କ ସହିତ ବିଭିନ୍ନ କାର୍ଯ୍ୟ ର ସମ୍ୟକ ଆଲୋଚନା କରିଥିଲେ। ଜନ୍ମ ମାଟି ପୁରୀ ଶ୍ରୀକ୍ଷେତ୍ର ହୋଇଥିବାରୁ ଖୋର୍ଦ୍ଧା ଉପଖଣ୍ଡ ରେ ଥିବା ମହାପ୍ରଭୁ ଜଗନ୍ନାଥଙ୍କ ସମ୍ପତି ର ସୁରକ୍ଷା, ଖୋର୍ଦ୍ଧା ର ସାମଗ୍ରିକ ବିକାଶ ସହିତ ସାଧାରଣ ଲୋକଙ୍କ ପାଖରେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା କିଭଳି ଲୋକଙ୍କ ପାଖରେ ପହଁଚିବ, ଲୋକଙ୍କ ଅଭିଯୋଗ ର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦେବି ବୋଲି କହିଥିଲେ। ସେହିପରି ସରକାରଙ୍କ ରାଜସ୍ୱ ବୃଦ୍ଧି, ଖୋର୍ଦ୍ଧା ରେ ସବୁଜ ବଳୟ ସୃଷ୍ଟି ଓ ଖୋର୍ଦ୍ଧା ଉପଖଣ୍ଡ ରେ ଶିଳ୍ପ ଅନୁଷ୍ଠାନ ର ଉନ୍ନତି ସହିତ ଶିଳ୍ପାଂଚଳରେ କିଭଳି ଅଧିକ ଲୋକ



ନିଯୁକ୍ତି ପାଇବେ, ଆତ୍ମ ନିର୍ଭରଶୀଳ ହୋଇପାରିବେ ସେଥିପାଇଁ ବିଭିନ୍ନ ବିଭାଗ ସହିତ ଆଲୋଚନା କରି ସମାଧାନ କରିବା ଖୋର୍ଦ୍ଧା ବୀର ମାଟିର କଳା, ସାହିତ୍ୟ, ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ ପାଇଁ ସମସ୍ତଙ୍କ ସହଯୋଗ ଦରକାର ବୋଲି କହିଥିଲେ ଉପଜିଲ୍ଲାପାଳ ଶ୍ରୀ ସାହୁ।

# ନିଖିଳ ଓଡ଼ିଶା ବିଦ୍ୟୁତ୍ ଠିକାଦାର ସଂଘର ବାର୍ଷିକ ସମ୍ମିଳନୀ

## ସଟ୍ ଟେଣ୍ଡର ନୋଟିସ୍ ଉଚ୍ଛେଦର ପ୍ରତିବାଦ

ଭୁବନେଶ୍ୱର,(ସବ୍ୟୁ): ନିଖିଳ ଓଡ଼ିଶା ବିଦ୍ୟୁତ ଠିକାଦାର ସଂଘର ବାର୍ଷିକ ସମ୍ମିଳନୀ ତଥା ନବବର୍ଷର ଡାଏରୀ ଉନ୍ମୋଚନ ଉତ୍ସବ ସ୍ଥାନୀୟ ଇନଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟର୍ସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶାର ୫୦୦ରୁ ଅଧିକ ଲାଇସେନସ୍ ପ୍ରାପ୍ତ ଠିକାଦାର ଯୋଗଦେଇଥିଲେ । ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଏବଂ ସଂଘର ଉପଦେଷ୍ଟା ତଥା ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ବୈଦ୍ୟୁତିକ ଠିକାଦାରମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ସମ୍ମିଳନୀରେ ଆଲୋଚନା କରାଯାଇଥିଲା ।ମୁଖ୍ୟଅତିଥିବିଧାୟକ ବାବୁ ସିଂ କହିଥିଲେ ଯେ ଖୁବ ଶୀଘ୍ର ଉପସ୍ଥାପିତ ବିଭିନ୍ନ ସମସ୍ୟା ଉପରେ ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ । ଓଡ଼ିଶାରେ ଦୁଇ ହଜାରରୁ ଅଧିକ ଲାଇସେନ୍ ପ୍ରାପ୍ତ ଠିକାଦାର କାର୍ଯ୍ୟରତ ଅଛନ୍ତି । ୩୦ ହଜାରରୁ ଅଧିକ କୁଶଳୀ ଓ ଅଣକୁଶଳୀ କାରିଗର ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଏହା ସେମାନଙ୍କର ଏକମାତ୍ର ରୋଜଗାର ମାଧ୍ୟମ । ଏହି ସେବାରେ ନିୟୋଜିତ ସଂପୃକ୍ତ ଠିକାଦାର ଏବଂ କାରିଗରମାନଙ୍କ ଉତ୍ସର୍ଗୀକୃତ ଉଦ୍ୟମ ଯୋଗୁଁ ଜନସାଧାରଣଙ୍କୁ ନିରବଚ୍ଛିନ୍ନ ସେବା ଯୋଗାଇବା ସମ୍ଭବ ହେଉଛି । ରାଜ୍ୟ ସରକାରଙ୍କର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାରୁ ଜରୁରୀକାଳୀନ ବୈଦ୍ୟୁତିକ କାର୍ଯ୍ୟନିର୍ବାହ ନିମନ୍ତେ ସଟ୍ ଟେଣ୍ଡର ନୋଟିସ୍ (କଲ୍) ର ଯଥେଷ୍ଟ ଗୁରୁତ୍ୱ ରହିଛି ଏବଂ ଏହା ଅନିବାର୍ଯ୍ୟ ।ମାତ୍ର ପରିତାପର ବିଷୟ, ରାଜ୍ୟ ସରକାର ଇତିମଧ୍ୟରେ ସଟ୍ ଟେଣ୍ଡର ନୋଟିସ୍ ବ୍ୟବସ୍ଥାକୁ ଉଚ୍ଛେଦ କରିଦେଇଛନ୍ତି । ଏହା ଯେ କେବଳ ବୈଦ୍ୟୁତିକ ଠିକାଦାରମାନଙ୍କର ସ୍ୱାର୍ଥ ବିରୋଧୀ ତା' ନୁହେଁ, ଏହାଦ୍ୱାରା ଜନସାଧାରଣ ବିଶେଷ କ୍ଷତିଗ୍ରସ୍ତ ହେବେ । ସଂଘର ସଦସ୍ୟମାନେ ସଟ୍ ଟେଣ୍ଡର ନୋଟିସ୍ ଉଚ୍ଛେଦର ପ୍ରତିବାଦ କରିଥିଲେ ଏବଂ ଏହାକୁ ତୁରନ୍ତ ଚାଲୁ କରିବାକୁ ସରକାରଙ୍କ ନିକଟରେ




ଦାବି ଉପସ୍ଥାପନ କରାଯାଇଥିଲା । ରାଜ୍ୟ ବାହାରର ଠିକାଦାରମାନଙ୍କୁ ଓଡ଼ିଶାରେ ଅଂଶ ଗ୍ରହଣ ପାଇଁ ସୁଯୋଗ ନ ଦେବାକୁ ଅନୁରୋଧ କରାଯାଇଥିଲା । ସଂଘର ସଭାପତି ଆଶିଷ ସୋମ ଓ ସମ୍ପାଦକ ଭଗବାନ ବିଶ୍ୱାଳ ବିବରଣୀ ଉପସ୍ଥାପନ କରି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ସଂଘର ନିଜସ୍ୱ ସମ୍ମିଳନୀ କକ୍ଷ ଓ ବିଶ୍ରାମାଳୟ ନିର୍ମାଣ ତୁରନ୍ତ ସାରିବାକୁ ସ୍ଥିର କରାଯାଇଥିଲା ।

# ଇଣ୍ଡିଆନ ଚାମ୍ବର ଅଫ କମର୍ସ(ଆଇସିସି )ଓଡ଼ିଶା ରାଜ୍ୟ ପରିଷଦର ବାର୍ଷିକ ସାଧାରଣ ବୈଠକ

ଭୁବନେଶ୍ୱର, (ସବ୍ୟୁ) : ଇଣ୍ଡିଆନ ଚାମ୍ବର ଅଫ କମର୍ସ (ଆଇସିସି) ଓଡ଼ିଶା ରାଜ୍ୟ ପରିଷଦର ବାର୍ଷିକ ସାଧାରଣ ବୈଠକ ୨୧ ଜାନୁଆରୀ ୨୦୨୬ ରେ ଭୁବନେଶ୍ୱରର ହୋଟେଲ ଲେମନ୍ ଟ୍ରିରେ ଅନୁଷ୍ଠିତ ହୋଇଯାଇଛି । ୧୯୨୫ ମସିହାରେ ପ୍ରତିଷ୍ଠିତ,ଇଣ୍ଡିଆନ ଚାମ୍ବର ଅଫ କମର୍ସ ଏହାର ଶତବାର୍ଷିକୀ ବର୍ଷରେ ପ୍ରବେଶ କରିଛି, ଯାହା ଦେଶ ପ୍ରତି ୧୦୦ ବର୍ଷର ସେବାର ଏକ ଅବିଶ୍ୱସନୀୟ ଯାତ୍ରା। ସବୁଠାରୁ ପୁରୁଣା ଏବଂ ସକ୍ରିୟ ଜାତୀୟ ଚାମ୍ବର ମଧ୍ୟରୁ ଗୋଟିଏ ଭାବରେ, ଇଣ୍ଡିଆନ ଚାମ୍ବର ଅଫ କମର୍ସ ଭାରତର ଶିଳ୍ପ ପରିଦୃଶ୍ୟ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ଅବସରରେ, ରାଜୀବ ଶେଖର ସାହୁ ପୁଣି




ଥରେ ଇଣ୍ଡିଆନ ଚାମ୍ବର ଅଫ କମର୍ସ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବୃତ୍ତିରେ ଜଣେ ଚାର୍ଟର୍ଡ ଆକାଉଣ୍ଟାଣ୍ଟ, ଓ ଶ୍ରୀ ସାହୁ ଏସ ଆର ବି ଆସୋସିଏଟର ପ୍ରମୁଖ ଅଂଶୀଦାର। ସେ ପୂର୍ବରୁ ୨୦୦୮ ରୁ ୨୦୧୦ ପର୍ଯ୍ୟନ୍ତ ପାରାଦୀପ ପୋର୍ଟ ଟ୍ରଷ୍ଟର ଟ୍ରଷ୍ଟି, ଜୁଲାଇ ୨୦୦୮ ରୁ ଜୁଲାଇ ୨୦୧୧ ପର୍ଯ୍ୟନ୍ତ ଆନ୍ଧ୍ର ବ୍ୟାଙ୍କର ନିର୍ଦ୍ଦେଶକ ଏବଂ ଡିସେମ୍ବର ୨୦୧୧ ରୁ ଡିସେମ୍ବର ୨୦୧୪ ପର୍ଯ୍ୟନ୍ତ ବ୍ୟାଙ୍କ ଅଫ୍ ବରୋଦାର ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଛନ୍ତି। ଧର୍ମାଦିତ୍ୟ ପଟ୍ଟନାୟକଙ୍କୁ ପୁଣିଥରେ ଇଣ୍ଡିଆନ ଚାମ୍ବର ଅଫ କମର୍ସ ଓଡ଼ିଶା ରାଜ୍ୟ ପରିଷଦର ବରିଷ୍ଠ ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ନୀଳାଞ୍ଜନା ମୁଖାର୍ଜୀ ଇଣ୍ଡିଆନ ଚାମ୍ବର ଅଫ କମର୍ସ ଓଡ଼ିଶା ରାଜ୍ୟ ପରିଷଦର ଉପାଧ୍ୟକ୍ଷ ଭାବରେ କାର୍ଯ୍ୟ ଜାରି ରଖିବେ। ସେ ବର୍ତ୍ତମାନ ପଦ୍ମିନୀ କେୟାର ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ। ସେ ତାଜ୍ ଗ୍ରୁପ୍ ସହିତ ତାଙ୍କର ବୃତ୍ତିଗତ କ୍ୟାରିଅର ଆରମ୍ଭ କରିଥିଲେ ଏବଂ ଆତିଥ୍ୟ ଏବଂ ସ୍ୱାସ୍ଥ୍ୟସେବା ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ପରିଷଦର ପୂର୍ବତନ ଅଧ୍ୟକ୍ଷ ଜେ. ବି. ପାଣି, ଆଞ୍ଚଳିକ ମୁଖ୍ୟ ଜେ. ପି. ପାଲ ଏବଂ ଚାମ୍ବରର ଅନ୍ୟାନ୍ୟ ସମ୍ମାନିତ ସଦସ୍ୟମାନେ ମଧ୍ୟ ଯୋଗ ଦେଇଥିଲେ।

# ଦୁବାଇ-ଭୁବନେଶ୍ୱର ସିଧାସଳଖ ବିମାନ ସେବା ବନ୍ଦ କରିବା ଅଯୋଗ୍ୟତାର ସଙ୍କେତ: ବିଜେଡି

ଭୁବନେଶ୍ୱର, (ସବ୍ୟୁ) : ବିଜେଡି ସରକାର ୧୫ ମଇ ୨୦୨୩ରେ ଦୁବାଇ-ଭୁବନେଶ୍ୱର ସିଧାସଳଖ ବିମାନ ସେବା ଆରମ୍ଭ କରିଥିଲେ । ୟୁଏଇରେ ଥିବା ୪୦,୦୦୦ରୁ ଅଧିକ ଓଡ଼ିଆଙ୍କ ପାଇଁ ସପ୍ତାହରେ ତିନିଥର ସେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପର୍ଯ୍ୟଟନ, ବାଣିଜ୍ୟ ଏବଂ ସଂଯୋଗକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ବିଜେପି ସରକାରଙ୍କୁ ହସ୍ତକ୍ଷେପ କରିବାକୁ ଦାବି କରିଛି ବିଜେଡି । ଏକ ପ୍ରେସ ବିବୃତ୍ତିରେ, ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି ଦୁବାଇରୁ ଭୁବନେଶ୍ୱରକୁ ସିଧାସଳଖ ବିମାନ ସେବା ବନ୍ଦ କରିବା ପାଇଁ ବିଜେପି ସରକାରଙ୍କ ନିଷ୍ପତ୍ତିକୁ ନିନ୍ଦା କରିଛନ୍ତି । ସିଧାସଳଖ ବିମାନ ସେବା ବନ୍ଦ କରିବା ବିଜେପି ସରକାରଙ୍କ ଅଯୋଗ୍ୟତାର ଆଉ ଏକ ସଙ୍କେତ । ଏହି ନିଷ୍ପତ୍ତି ଦ୍ୱାରା ୟୁଏଇରେ ୪୦,୦୦୦ରୁ ଅଧିକ ଓଡ଼ିଆଙ୍କ ଗମନାଗମନ ଏବଂ ସଂଯୋଗକୁ ପ୍ରଭାବିତ କରିବ । ୩୦ ମାର୍ଚ୍ଚ ୨୦୨୬ରୁ ଇଣ୍ଡିଗୋ ଦୁବାଇ-ଭୁବନେଶ୍ୱର ସିଧାସଳଖ ବିମାନକୁ ବନ୍ଦ କରିବାକୁ ଚାହୁଁଥିବାରୁ ପ୍ରବାସୀ ଓଡ଼ିଆ ବିପଦ ଏବଂ ସିଧାସଳଖ କ୍ଷତିର ସମ୍ମୁଖୀନ ହେବେ । ଇଣ୍ଡିଗୋ ଏୟାରଲାଇନ୍ସର ସେବାରେ ଯେଉଁ ଅସ୍ଥିରତା ହେଉଛି ତାହା ଓଡ଼ିଶାକୁ ସଂଯୁକ୍ତ ଆରବ ଏମିରେଟ୍ସ ସହିତ ସିଧାସଳଖ ଅନ୍ତର୍ଜାତୀୟ ବିମାନ ଜାରି ରଖିବା ନେଇ ଅନିଶ୍ଚିତତା ସୃଷ୍ଟି ହେଉଛି । ଦୁବାଇ ଏବଂ ଭୁବନେଶ୍ୱର ମଧ୍ୟରେ ସିଧାସଳଖ ଇଣ୍ଡିଗୋ ସେବା ୩୦ ମାର୍ଚ୍ଚ ୨୦୨୬ରୁ ବନ୍ଦ ହୋଇଯିବାର ସମ୍ଭାବନା ରହିଛି । ୩୦ ମାର୍ଚ୍ଚ ୨୦୨୬ ପରେ ଦୁବାଇ-ଭୁବନେଶ୍ୱର ରୁଟ୍ ପାଇଁ ଅନଲାଇନ୍ ବୁକିଂ ବର୍ତ୍ତମାନ ଗ୍ରହଣ କରାଯାଉନାହିଁ । ଏହା ଓଡିଆ ଯାତ୍ରୀମାନଙ୍କ ମଧ୍ୟରେ ହଇଚଇ ସୃଷ୍ଟି କରିଛି, ଯେଉଁଥିରେ ଯାତ୍ରୀ, ବ୍ୟବସାୟୀ ଏବଂ ପର୍ଯ୍ୟଟନ ପାଇଁ ଏହି ରୁଟ୍ ଉପରେ ନିର୍ଭର କରୁଥିବା ଅଂଶୀଦାରମାନେ ମଧ୍ୟ ସାମିଲ ଅଛନ୍ତି । ଭୁବନେଶ୍ୱର-ଦୁବାଇ ସିଧାସଳଖ ବିମାନକୁ ୧୫ ମଇ ୨୦୨୩ରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଆରମ୍ଭ କରାଯାଇଛି । ଇଣ୍ଡିଗୋ ଏୟାରଲାଇନ୍ସ ଦ୍ୱାରା ପରିଚାଳିତ, ଏହି ସେବା ସପ୍ତାହରେ ତିନିଥର ଚାଲିଥିଲା ଏବଂ ଓଡ଼ିଶାର ଆନ୍ତର୍ଜାତୀୟ ବିମାନ ଚଳାଚଳ କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ଭାବରେ ପ୍ରଶଂସିତ ହୋଇଥିଲା । ସିଧାସଳଖ ବିମାନ ପ୍ରଚଳନ ହେବା ପରେ, ଏକ ପ୍ରମୁଖ ବିଶ୍ୱସ୍ତରୀୟ ଯାତ୍ରା କେନ୍ଦ୍ର ଭାବରେ ଦୁବାଇ ସ୍ଥିତି ରାଜ୍ୟ ପାଇଁ ନିବେଶ, ବାଣିଜ୍ୟ ଏବଂ ପର୍ଯ୍ୟଟନ ପାଇଁ ନୂତନ ରାସ୍ତା ଖୋଲିଥିଲା, ଏହା ସହିତ ସାରା ବିଶ୍ୱରୁ ଓଡ଼ିଶାକୁ ପରିଦର୍ଶନ କରିବାକୁ ଚାହୁଁଥିବା ଅବସର ବିନୋଦନ ଯାତ୍ରୀଙ୍କ ପାଇଁ ବହୁବିଧ ବିକଳ୍ପ ପ୍ରଦାନ କରୁଥିଲା । ଡ. ମହାନ୍ତି କହିଛନ୍ତି, ବିଜେଡି ସରକାର ବଜେଟରେ ୧୦୦ କୋଟି ଟଙ୍କାର ବ୍ୟବସ୍ଥା କରିଥିଲେ । ସେବାର ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ପାଇଁ ପ୍ରତିବର୍ଷ ୧୦୦ କୋଟି ଟଙ୍କାର ଭାୟାବିଲିଟି ଗ୍ୟାପ୍ ପାଣ୍ଠି ପ୍ରଦାନ କରାଯାଇଥିଲା । ଏହି ଅନନ୍ୟ ବିମାନ ସଂଯୋଗ ପ୍ରକଳ୍ପ ଅଧୀନରେ, ଯାତ୍ରୀଙ୍କ ବାସ ସ୍ଥାନ ସ୍ଥିର ହେବା ଏବଂ ରୁଟ୍ ବାଣିଜ୍ୟିକ ଭାବରେ ସମ୍ଭବ ନହେବା ପର୍ଯ୍ୟନ୍ତ ରାଜ୍ୟକୁ ବିମାନ କମ୍ପାନୀକୁ ସମର୍ଥନ କରିବା ପାଇଁ ପରିଚାଳନାଗତ ଖର୍ଚ୍ଚର ଏକ ଅଂଶ ବହନ କରିବାକୁ ପଡିଥିଲା । ପର୍ଯ୍ୟଟନ, ବାଣିଜ୍ୟ ଏବଂ ସଂଯୋଗୀକରଣକୁ ସୁରକ୍ଷିତ ରଖିବା ପାଇଁ ବିଜେପି ସରକାରଙ୍କୁ ହସ୍ତକ୍ଷେପ କରିବାକୁ ବିଜେଡି ଦାବି କରିଛି ।

## ନେକ୍ସସ୍ ଏସ୍ପ୍ଲାନେଡ୍ ପକ୍ଷରୁ

# ସଫଳ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱରର ସବୁଠାରୁ ପ୍ରିୟ ସପିଂ ମଲ୍ ନେକ୍ସସ୍ ଏସପ୍ଲାନେଡ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬ ଅବସରରେ ଏକ ସଫଳ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା




ଜନସାଧାରଣ ବିଶେଷ କରି ଦୁଇ ଚକିଆ ଯାନ ଚାଳକ ଏବଂ ଯୁବପିଢ଼ିଙ୍କୁ ଟ୍ରାଫିକ୍ ନିୟମ, ହେଲ୍ମେଟ୍ ପିନ୍ଧିବାର ଗୁରୁତ୍ୱ ଏବଂ ନିରାପଦ ଗାଡ଼ି ଚାଳନା ସମ୍ପର୍କରେ ଶିକ୍ଷା ପ୍ରଦାନ କରିବା । ଏହି କାର୍ଯ୍ୟକ୍ରମରେ ମଲ୍କୁ ଆସୁଥିବା ଯୁବକ ଏବଂ ପରିବାର ତଥା ଦୈନନ୍ଦିନ ଯାତାୟତ କରୁଥିବା ବ୍ୟକ୍ତି ବିଶେଷଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯାହା ଏହି ପ୍ରମୁଖ ସ୍ଥାନରେ ଏକ ପ୍ରଭାବଶାଳୀ ପରିବେଶ ସୃଷ୍ଟି କରିଥିଲା । ଏହି ଅବସରରେ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ : ଦିଲ୍ଲୀପ୍ କୁମାର ପଣ୍ଡା, ସଭାପତି ଏସ୍.ଏ.ଏଫ୍.ଇ. ଇଣ୍ଡିଆ ଜ୍ୟୋତି ରଞ୍ଜନ ମହାପାତ୍ର, ରାଷ୍ଟ୍ରପତି ପଦକ ବିଜେତା, ସଡ଼କ ସୁରକ୍ଷା ତଥା ବିପର୍ଯ୍ୟୟ ପରିଚାଳନା ବିଶେଷଜ୍ଞ, ସୌମ୍ୟରଞ୍ଜନ ପ୍ରଧାନ, ମାନସ ମିଶ୍ର ଆର୍.ଟି.ଓ., ଭୁବନେଶ୍ୱର । କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ମଧ୍ୟରେ ସଡ଼କ ସୁରକ୍ଷା ଉପରେ ଆଧାରିତ ଏକ କୁଇଜ୍ ପ୍ରତିଯୋଗିତା, ସଚେତନତାମୂଳକ କାର୍ଯ୍ୟକଳାପ ଏବଂ ଦାୟିତ୍ୱବାନ୍ ଭାବେ ଗାଡ଼ି ଚାଳନା ପାଇଁ ଜୀବନ୍ତ ପ୍ରଦର୍ଶନ ଇତ୍ୟାଦି । ଏହି ପଦକ୍ଷେପର ଅଂଶବିଶେଷ ଭାବରେ ସୁରକ୍ଷିତ ଗାଡ଼ି ଚାଳନାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ତଥା କୁଇଜ୍ ପ୍ରତିଯୋଗିତାର ବିଜେତାମାନଙ୍କୁ ଏଠାରେ ହେଲ୍ମେଟ୍ ପ୍ରଦାନ କରାଯାଇଥିଲା । ଏହି ପଦକ୍ଷେପ ମାଧ୍ୟମରେ ନେକ୍ସସ୍ ଏସପ୍ଲାନେଡ୍ ସାମାଜିକ କଲ୍ୟାଣ ଏବଂ ଗୋଷ୍ଠି ସଚେତନା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃପ୍ରତିପାଦିତ କରିଛି । ଜାତୀୟ ସଡ଼କ ସୁରକ୍ଷା ମାସ, ୨୦୨୬ ଅବସରରେ ଏହି କାର୍ଯ୍ୟକ୍ରମ ମଲ୍ ପରିଦର୍ଶନ କରୁଥିବା ପର୍ଯ୍ୟଟକଙ୍କ ପାଇଁ ଏକ ଶିକ୍ଷଣୀୟ ଏବଂ ସାମାଜିକ ଦାୟିତ୍ୱ ବୋଧର ଅନୁଭୂତି ସୃଷ୍ଟି କରିଛି ।

# ଗୋରୁ ବୋଝେଇ କଣ୍ଟେନର ଜବତ ୨୪ଗୋରୁ ଉଦ୍ଧାର, ୪ ଗିରଫ

ଖୋର୍ଦ୍ଧା, (ସବ୍ୟୁ) : ୧୬ନଂ ଜାତୀୟ ରାଜପଥର ପିତାପଲ୍ଲୀ ଛକଠାରୁ ବୁଧବାର ଶିଳ୍ପାଂଚଳ ପୁଲିସ ଏକ ଗୋରୁ ବୋଝେଇ କଣ୍ଟେନର ଜବତ କରିଛି। କଣ୍ଟେନର ଭିତରୁ ୨୪ଗୋରୁ ଉଦ୍ଧାର କରିଥିବାବେଳେ ଏହି ଘଟଣାରେ ୪ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ଉତରପ୍ରଦେଶ ଶାମଲିର ଶାମିମ୍ (୪୩) ଓ ତସିନ୍ (୩୧), ପରୀକ୍ଷିତଗଡର ଏମଡି ଅସିଫ୍ (୩୯) ଏବଂ ଶାହାରାନପୁର ର ଅବଦୁଲ ଭାଜିଦ୍ (୪୩)। ଗିରଫ ୪ଜଣଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। ଆରଜେ ୧୪-ଜିଜି- ୫୬୭୮ନଂ ବିଶିଷ୍ଟ ଏକ କଣ୍ଟେନରରେ ଗୋରୁ ବୋଝେଇ ହୋଇ ଆସୁଥିବା ଖବର ପାଇ ଗୋସୁରକ୍ଷା କର୍ମୀମାନେ ପିତାପଲି ଛକଠାରେ କଣ୍ଟେନରକୁ ଅଟକାଇ ଶିଳ୍ପାଂଚଳ ପୁଲିସ ଜିମା ଦେଇଥିଲେ। ପୁଲିସ କଣ୍ଟେନର ଯାଂଚବେଳେ ସେଥିରେ ଗୋରୁବୋଝେଇ ହୋଇଥିବା ଦେଖିଥିଲା। ମାତ୍ରର ଡ୍ରାଇଭର କୌଣସି ସଠିକ କାଗଜପତ୍ର ଦେଖାଇପାରିନଥିଲା। ତେଣୁ ପୁଲିସ ଗୋରୁ ବୋଝେଇ କଣ୍ଟେନରକୁ ଜବତ କରିବା ସହ ବେଆଇନ ଗୋଚାଲାଣ ଅଭିଯୋଗରେ ୧୨/୨୬ରେ ଏକ ମାମଲା ରୁଜୁ କରି ଡ୍ରାଇଭର ସମେତ ୪ଜଣଙ୍କୁ ଗିରଫ କରିଛି। ଗୋରୁଙ୍କୁ ବୋଲଗଡସ୍ଥିତ ଗୋସାଲା ରେ ଛଡାଯାଇଥିବା ଜଣାଯାଇଛି।

## ଫ୍ରାଙ୍କଲିନ ଟେମ୍ପଲଟନ ଇଣ୍ଡିଆ

# "ଚେଞ୍ଜ ଦ ସୋଚ- କନ୍ୟାକୁମାରୀ ଟୁ କାଶ୍ମୀର ଡ୍ରାଇଭ'ର ଶୁଭାରମ୍ଭ କଲା

ମୁମ୍ବଇ, (ସବ୍ୟୁ) : ଫ୍ରାଙ୍କଲିନ ଟେମ୍ପଲଟନ (ଇଣ୍ଡିଆ) ଆର୍ଥିକ ସଶକ୍ତିକରଣକୁ ବିଶେଷକରି ମହିଳାମାନଙ୍କ ମଧ୍ୟରେ ପ୍ରୋତ୍ସାହିତ କରିବା ଲକ୍ଷରେ ଏହି ଧରଣର ଏକ ପ୍ରଥମ ରାଷ୍ଟ୍ରବ୍ୟାପୀ ଅଭିଯାନ "ଚେଞ୍ଜ ଦ ସୋଚ- କନାକୁମାରୀ ଟୁ କାଶ୍ମୀର ଡ୍ରାଇଭ' ଶୁଭାରମ୍ଭ କରିଛି । ଭାରତରେ ଫ୍ରାଙ୍କଲିନ ଟେମ୍ପଲଟନର ୩୦ ବର୍ଷ ପାଳନ କରିବାକୁ ଯାଇ ଏହି ୩୦ ଦିନ ବ୍ୟାପୀ ଯାତ୍ରା ଦେଶର ଦକ୍ଷିଣଭାଗରେ କନାକୁମାରୀରୁ ଆରମ୍ଭ ହେବ ଏବଂ ଏହା ୨୧ଟି ସହର ଦେଇ ଜମ୍ମୁ ଓ କାଶ୍ମୀରର ଶ୍ରୀନଗରରେ ପରିସମାପ୍ତ ହେବ । ଆନ୍ତଃକ୍ରିୟାଶୀଳ ଆର୍ଥିକ ଶିକ୍ଷା ଅଧିବେଶନଗୁଡିକ, ବିଶେଷଜ୍ଞଙ୍କ ଅନ୍ତର୍ଦୃଷ୍ଟି ଏବଂ ଗୋଷ୍ଠୀ ନିୟୋଜନତା ଜରିଆରେ ଏହି ଅଭିଯାନ ମୁଚୁଆଲ ଫଣ୍ଡରେ ନିବେଶ ସମ୍ପର୍କରେ ସରଳ ଭାଷାରେ ବୁଝାଇବା ଏବଂ ହଜାର ହଜାର ଭାରତୀୟଙ୍କୁ ସେମାନଙ୍କ ଆର୍ଥିକ ଭବିଷତର ଦାୟିତ୍ୱ ନିଜେ ନେବା ପାଇଁ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଜାଗ୍ରତ କରିବା ଲକ୍ଷ ରଖିଛି । ଅବିନାଶ ସତୱାଲେକର, ପ୍ରେସିଡେଣ୍ଟ - ଫ୍ରାଙ୍କଲିନ ଟେମ୍ପଲଟନ ଇଣ୍ଡିଆ ଏହି ଅଭିଯାନର ନେତୃତ୍ୱ ନେବେ ଏବଂ ସମଗ୍ର ଦେଶରେ ଏହି ଯାତ୍ରା ଜରିଆରେ ଆର୍ଥିକ ଅନ୍ତର୍ଭୁକ୍ତି ଆଗକୁ ବଢାଇବେ । ସେ ଦିନେ ଛାଡି ଦିନେ ଏକ ନୂଆ ସହର ଅଥବା ନୂଆ ଗ୍ରାମରେ ଅଟକି ମହିଳାମାନଙ୍କର ବିବିଧ ଗୋଷ୍ଠୀଗୁଡିକ ନିମନ୍ତେ ନିବେଶକ ଶିକ୍ଷା କର୍ମଶାଳା ଆୟୋଜନ କରିବେ ଏବଂ ଜୀବନର ଲକ୍ଷସମୂହ ହାସଲ କରିବାକୁ ସଂଚୟ କରିବା, ନିବେଶ କରିବା ଏବଂ ଦୀର୍ଘସୂତ୍ରୀ ସମ୍ପି ସୃଷ୍ଟି କରିବାର ଗୁରୁତ୍ୱ ଉପରେ ଜୋର ଦେବେ । ଏହି ପ୍ରୟାସରେ ବିଭିନ୍ନ କ୍ଷେତ୍ରରୁ ଅଂଶଗ୍ରହଣକାରୀମାନେ ନିୟୋଜିତ ରହିବେ । ସେମାନଙ୍କ ମଧ୍ୟରେ କୃଷକ (ମତ୍ସ୍ୟଜୀବୀ ସମୁଦାୟରୁ ନେଇ ବିବିଧ କୃଷି କାର୍ଯରେ ନିୟୋଜିତ କୃଷକ), ଶିକ୍ଷାକ୍ଷେତ୍ର (ଛାତ୍ର ଛାତ୍ରୀ, ପିତା ମାତା, ସ୍କୁଲ ଏବଂ ବିଶ୍ୱବିଦାଳୟ ଶିକ୍ଷକ), ସ୍ୱୟଂ ସହାୟକ ଗୋଷ୍ଠୀ (ହସ୍ତତନ୍ତ କ୍ଷେତ୍ରରେ ନିୟୋଜିତ ମହିଳା), ଉଦୋଗୀ, ଘରୋଇ ଓ ସରକାରୀ କ୍ଷେତ୍ର କର୍ମଚାରୀ, ସ୍ଥଳସେନା, ନୌସେନା ଏବଂ ପୋଲିସ ଅଧିକାରୀଙ୍କ ସମେତ ସଂଖାଗରିଷ୍ଠ ମହିଳା ସ୍ଥାନପାଇବେ ।



## ଜିନ୍ଦଲ ଷ୍ଟେନଲେସ୍ ଦ୍ୱାରା

# ଡିସେମ୍ବର ୩୧, ୨୦୨୫ ପର୍ଯ୍ୟନ୍ତ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷିତ

ଭୁବନେଶ୍ୱର, (ସବ୍ୟୁ) : ଜିନ୍ଦଲ ଷ୍ଟେନଲେସ ଲିମିଟେଡ (ଜେଏସ୍ଏଲ୍) ର ବୋର୍ଡର ନିର୍ଦ୍ଦେଶକମାନଙ୍କ ଦ୍ୱାରା କମ୍ପାନୀର ତୃତୀୟ ତ୍ରୈମାସିକ (ଡିସେମ୍ବର ୩୧, ୨୦୨୫ ପର୍ଯ୍ୟନ୍ତ) ଆର୍ଥିକ ଫଳାଫଳ ଘୋଷଣା ହୋଇଛି । କମ୍ପାନୀର ବିକ୍ରୟ ମୂଲ୍ୟ ରେକର୍ଡ ସ୍ତରରେ ୬,୪୯,୮୫୭ ଟନ୍ ରହିଛି, ଯାହା ବର୍ଷ ପରେ ବର୍ଷ ଆଧାରରେ ୧୦.୬% ବୃଦ୍ଧି ପାଇଛି ।ସେହିଭଳି ଷ୍ଟାଣ୍ଡଏଲୋନ୍ ନେଟ୍ ରେଭେନ୍ୟୁ ଭାରତୀୟ ମୁଦ୍ରାରେ ୧୦,୬୩୨ କୋଟି ରହିଛି ଏବଂ ବର୍ଷ ପରେ ବର୍ଷ ଆଧାରରେ ୫.୬% ବୃଦ୍ଧି ପାଇଛି । ଷ୍ଟାଣ୍ଡଏଲୋନ୍ ଇବିଆଇଟିଡିଏ ଏବଂ ପ୍ୟାଟ୍ ମୂଲ୍ୟ ଯଥାକ୍ରମେ



ଭାରତୀୟ ମୁଦ୍ରାରେ ୧,୧୦୩ କୋଟି ଓ ୬୬୬ କୋଟି ରହିଛି, ଯାହା ବର୍ଷ ପରେ ବର୍ଷ ଆଧାରରେ ଯଥାକ୍ରମେ ୧୦.୦% ଏବଂ ୭.୬% ବୃଦ୍ଧି ହାର ରହିଛି । ସମ୍ମିଳିତ ନେଟ୍ ରେଭେନ୍ୟୁ ଭାରତୀୟ ମୁଦ୍ରାରେ ୧୦,୫୧୮ କୋଟି ରହିଛି, ଯାହା ବର୍ଷ ପରେ ବର୍ଷ ଆଧାରରେ ୬.୨% ବୃଦ୍ଧି ପାଇଛି । ସେହିଭଳି ସମ୍ମିଳିତ ଇବିଆଇଟିଡିଏ ରେକର୍ଡ ସ୍ତରରେ ୧,୪୦୮ କୋଟି ଏବଂ ପ୍ୟାଟ୍ ମୂଲ୍ୟ ୮୨୮ କୋଟି ରହିଛି, ଯାହା ବର୍ଷ ପରେ ବର୍ଷ ଆଧାରରେ ବୃଦ୍ଧିର ହାର ଯଥାକ୍ରମେ ୧୬.୬% ଏବଂ ୨୬.୬ % ରହିଛି । ସମ୍ମିଳିତ ନେଟ୍ ଋଣ ଭାରତୀୟ ମୁଦ୍ରାରେ ୩,୪୫୧ କୋଟି ରହିଛି । ସେହିପରି ନେଟ୍ ଋଣ-ଟୁ-ଇକ୍ୱିଟି ଅନୁପାତ ୦.୧୮ ରହିଛି । ବୋର୍ଡର ଡାଇରେକ୍ଟର ମଧ୍ୟ ଆର୍ଥିକ ବର୍ଷ -୨୬ ପାଇଁ ଅନ୍ତରୀଣ ଲାଭାଂଶ ଅ୫୦% ଅର୍ଥାତ୍ ଭାରତୀୟ ମୁଦ୍ରାରେ ଘପ୍ରତି ଇକ୍ୱିଟି ସେୟାର ଅଂଶୀଦାରକୁ ଅନୁମୋଦନ କରିଛନ୍ତି । ସେହିପରି ସଦସ୍ୟମାନଙ୍କ ଅଧିକାର ନିର୍ଦ୍ଧାରଣ ପାଇଁ ରେକର୍ଡ ତାରିଖ ଜାନୁଆରୀ ୨୯, ୨୦୨୬ ନିର୍ଦ୍ଧାରଣ କରାଯାଇଛି । ଏଥିସହିତ ଲାଭାଂଶ ଫେବୃଆରୀ ୧୯, ୨୦୨୬ କିମ୍ବା ତା' ପୂର୍ବରୁ ପ୍ରଦାନ କରାଯିବାର ନିଷ୍ପତି ହୋଇଛି । କମ୍ପାନୀ ନିରନ୍ତର ଭାବେ ଏହି ତ୍ରୈମାସିକରେ ଏକ ସ୍ଥାୟୀ ପ୍ରଦର୍ଶନ ଜାରି ରଖିଛି । ଯାହା ଅଭିନବ ଉତ୍ପାଦ ସୃଷ୍ଟି କରିବା ସହିତ ଉନ୍ନତ ପରିଚାଳନା ଦକ୍ଷତା ଏବଂ ଗ୍ରାହକ ସେବାକୁ ପ୍ରୋତ୍ସାହିତ କରୁଛି । ଘରୋଇ ବଜାରରେ ଜେଏସ୍ଏଲ୍ ଏକ ସ୍ଥିର ଗତି ବଜାୟ ରଖିଛି । ଅଟୋମୋଟିଭ, ଅଳଙ୍କାର ପାଇ«, ଟ୍ୟୁବ୍ସ, ରେଳ ଏବଂ ମେଟ୍ରୋ, ବୃହତ ଘରୋଇ ଉପକରଣ ଭଳି କ୍ଷେତ୍ରରୁ ବଢୁଥିବା ଚାହିଦାକୁ କମ୍ପାନୀ ପୂରଣ କରିବାରେ ସମର୍ଥ ହୋଇପାରିଛି । ଯାହା ଅଧିକ ଭିତିଭୂମିର ବିସ୍ତାର, ଦକ୍ଷ ଭୂଲମ୍ବ ପରିବହନ ଏଥିସହିତ ଟ୍ରାଞ୍ଜିଟ ନେଟୱର୍କକୁ ଗୁରୁତ୍ୱ ଦେଇଥାଏ । ଏହି ଅବସରରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଘରୋଇ ବଜାର, ଯେଉଁଠାରେ ଆମେ ନିରନ୍ତର ବୃଦ୍ଧି ଏବଂ ଆମର ଚାହିଦା ବଜାୟ ରଖିଛୁ, ସେଠାରେ ଆମର ଉଦ୍ଦେଶ୍ୟଗତ ପ୍ରାଥମିକତା ହେଉଛି, ଆମେ ନୂତନ ଅଭିନବ ପଦକ୍ଷେପ ସବୁକୁ ଆପଣାଇବା ଦିଗରେ ଦୃଢ଼ ଗୁରୁତ୍ୱ ଦେବା ସହିତ ମୁଖ୍ୟ କ୍ଷେତ୍ରଗୁଡ଼ିକରେ ଆମର ଉପସ୍ଥିତିକୁ ଆହୁରି ବିସ୍ତାର କରିବା ପାଇଁ ପ୍ରୟାସକୁ ଜାରି ରଖିବୁ ।

# ରୁନୟା ଗ୍ରୀନ୍ ଟେକ୍ କ୍ରିସିଲ୍ 'ଏ/ ଷ୍ଟେବଲ/ଏ୧' ରେଟିଂ ଲାଭ କରିଛି

ଭୁବନେଶ୍ୱର , (ସବ୍ୟୁ) : ପ୍ରାକୃତିକ ସମ୍ପଦ କ୍ଷେତ୍ରରେ ସ୍ଥାୟୀତ୍ୱ ଏବଂ ବୃତାକାର ଅର୍ଥନୀତି ସମାଧାନ ଉପରେ ଧ୍ୟାନ ଦେଉଥିବା ଏକ ରୁନାୟା ଗ୍ରୁପ୍ କମ୍ପାନୀ, ରୁନାୟା ଗ୍ରୀନ୍ ଟେକ୍ ପ୍ରାଇଭେଟ୍ ଲିମିଟେଡ୍ (ଆରଜିଟିପିଏଲ/ ରୁନୟା), କ୍ରିସିଲ୍ ରେଟିଂସ୍ ଠାରୁ 'କ୍ରିସିଲ ଏ/ ଷ୍ଟେବଲ ' ଦୀର୍ଘକାଳୀନ ଏବଂ "କ୍ରିସିଲ ଏ୧' ସ୍ୱଳ୍ପକାଳୀନ ରେଟିଂ ଲାଭକରିଛି । ଏହି ରେଟିଂ କମ୍ପାନୀର ଦୃଢ଼ ରାଜସ୍ୱ ଦୃଶ୍ୟମାନତା, ସୁସ୍ଥ ଆର୍ଥିକ ବିପଦ ପ୍ରୋଫାଇଲ୍ ଏବଂ କାର୍ଯ୍ୟର ଦ୍ରୁତ ବୃଦ୍ଧିକୁ ପ୍ରତିଫଳିତ କରେ । କ୍ରିସିଲ୍ ରୁନାୟାର ତ୍ୱରାନ୍ୱିତ ସ୍କେଲ୍-ଅପ୍ ଉଲ୍ଲେଖ କରିଛି, ଯାହାର ରାଜସ୍ୱ ପ୍ରାୟ ଚାରିଗୁଣ ବୃଦ୍ଧି ପାଇ ଏଫୱାଇ୨୫ ରେ ଟ.୨୭୦ କୋଟିରେ ପହଂଚିଛି । ନୂତନ କ୍ଷମତାର କମିଶନିଂ ଏବଂ କ୍ୟାଡମିୟମ୍, କୋବାଲଫ, ନିକେଲ, ତମ୍ବା ଏବଂ ଆଂଟିମୋନି ଭଳି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଉତ୍ପାଦନ ବୃଦ୍ଧି ଦ୍ୱାରା ସମର୍ଥିତ ଏଫଓ୍ୱଇ ୨୬ ରେ ରାଜସ୍ୱ ଦ୍ୱିଗୁଣିତ ହେବ ବୋଲି ଆଶା କରାଯାଉଛି ।

# ଏପିୱାଇର ଅବଧି ବୃଦ୍ଧି ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରି



**ନୂଆଦିଲ୍ଲୀ:** ୨୦୩୧-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଅଟଳ ପେନସନ ଯୋଜନା (ଏପିୱାଇ)କୁ ଜାରି ରଖାଯିବ। ଏହି ଯୋଜନାର ପ୍ରଚାରପ୍ରସାର ଓ ବିକାଶମୂଳକ କାର୍ଯ୍ୟକଳାପ ପାଇଁ ପାଣ୍ଠି ସହାୟତାର ସମ୍ପ୍ରସାରଣ କରାଯିବା ସହିତ ନିଅଣ୍ଟ ଭରଣା ଲାଗି ମଧ୍ୟ ପାଣ୍ଠି ଯୋଗାଇ ଦିଆଯିବ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଆଜି ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ୨୦୩୦-୩୧ ପର୍ଯ୍ୟନ୍ତ ଏହି ଯୋଜନା ଜାରି ରହିବ ଏବଂ ଏଥିପାଇଁ ସରକାର ନିମ୍ନ ସହାୟତା ଯୋଗାଇ ଦେବେ। ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କ ନିକଟରେ ଯୋଜନାର ଲାଭ ପହଞ୍ଚାଇବା ଲାଗି ପ୍ରଚାରପ୍ରସାର ଏବଂ ବିକାଶ କାର୍ଯ୍ୟକଳାପ କରାଯିବ। ଏଥିରେ ସଚେତନତା ଏବଂ କ୍ଷମତା ନିର୍ମାଣ ସାମିଲ ରହିବ। ଯୋଜନାର ବ୍ୟବହାରିକ ଆବଶ୍ୟକତା ପୂରଣ କରିବା ଏବଂ ଏହାକୁ ନିରନ୍ତର ଭାବେ ଜାରି ରଖିବା ଲାଗି ନିଅଣ୍ଟ ଭରଣା ନିମନ୍ତେ ପାଣ୍ଠି ଯୋଗାଇ ଦିଆଯିବ। କମ୍ ଆୟକାରୀ ଏବଂ ଅସଂଗଠିତ କ୍ଷେତ୍ରର ଲକ୍ଷ ଲକ୍ଷ ଶ୍ରମିକଙ୍କ ପାଇଁ ବୃଦ୍ଧାବସ୍ଥାରେ ଆୟ ସୁରକ୍ଷା ସୁନିଶ୍ଚିତ ହେବ। ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହନ ମିଳିବା ସହିତ ଭାରତ ଏକ ପେନସନ ଆଧାରିତ ସମାଜ ରୂପେ ପରିଣତ ହୋଇପାରିବ। କ୍ରମାଗତ ସାମାଜିକ ସୁରକ୍ଷା ଯୋଗାଇ ଦେଇ ବିକଶିତ ଭାରତ ୨୦୪୭ର ସଂକଳ୍ପକୁ ଏହି ଯୋଜନା ମଜବୁତ କରିବ। ୯ ମଇ ୨୦୧୫ରେ ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ପାଇଁ ବୃଦ୍ଧାବସ୍ଥାରେ ଆୟ ସୁରକ୍ଷା ଯୋଗାଇ ଦେବା ଉଦ୍ଦେଶ୍ୟରେ ଏପିୱାଇର ଶୁଭାରମ୍ଭ କରାଯାଇଥିଲା। ଯୋଜନାର ବୈଶିଷ୍ଟ୍ୟ: ଆର୍ଥିକ ଯୋଗଦାନକୁ ଆଧାର କରି ଏପିୱାଇ ୬୦ ବର୍ଷ ବୟସରୁ ପ୍ରତି ମାସରେ ୧,୦୦୦ ରୁ ୫,୦୦୦ ଟଙ୍କା ପର୍ଯ୍ୟନ୍ତ ଗ୍ୟାରେଣ୍ଟିଯୁକ୍ତ ସର୍ବନିମ୍ନ ପେନସନ ପ୍ରଦାନ କରିଥାଏ। ୧୯ ଜାନୁଆରୀ, ୨୦୨୬ ସୁଦ୍ଧା, ୮.୬୬ କୋଟିରୁ ଅଧିକ ଉପଭୋକ୍ତା ପଞ୍ଜୀକରଣ କରିଛନ୍ତି, ଯାହା ଏପିୱାଇକୁ ଭାରତର ସମାବେଶୀ ସାମାଜିକ ସୁରକ୍ଷା ଢାଞ୍ଚାର ଏକ ଆଧାର ରୂପେ ପରିଣତ କରିଛି। ଯୋଜନାର ସ୍ଥାୟିତ୍ୱ ସୁନିଶ୍ଚିତ କରିବା ପାଇଁ ନିରନ୍ତର ସଚେତନତା, କ୍ଷମତା ନିର୍ମାଣ ଏବଂ ବ୍ୟବହାରିକ ଆବଶ୍ୟକତା ପୂରଣ ଲାଗି ନିରନ୍ତର ସରକାରୀ ସମର୍ଥନ ଅତ୍ୟନ୍ତ ଜରୁରୀ।

# ଡାଭୋସରେ ଭାରତର ପ୍ରଭାବୀ ଶୁଭାରମ୍ଭ

**ନୂଆଦିଲ୍ଲୀ:** କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ୱିଜରଲ୍ୟାଣ୍ଡର ଡାଭୋସଠାରେ ଆୟୋଜିତ ବିଶ୍ୱ ଆର୍ଥିକ ମଞ୍ଚରେ "ଏଆଇ ପାୱାର ପ୍ଲେ" ଶୀର୍ଷକ ଏକ ବିଶ୍ୱସ୍ତରୀୟ ଶୀର୍ଷ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି। ଏହି ଆଲୋଚନାରେ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସମ୍ବନ୍ଧୀୟ ପରିବର୍ତ୍ତିତ ଭୂରାଜନୈତିକ ଦୃଶ୍ୟପଟ, ଏହାର ଆର୍ଥିକ ପ୍ରଭାବ, ଶାସନଗତ ଆହ୍ୱାନ ଏବଂ ଏହାର ସମାବେଶୀ ନିୟୋଜନ ପାଇଁ ପଦକ୍ଷେପ ଉପରେ ବିସ୍ତୃତ ବିଚାରବିମର୍ଶ କରାଯାଇଛି। ବିଶ୍ୱର ପ୍ରମୁଖ ନୀତି ନିର୍ଦ୍ଧାରକ, ଶିଳ୍ପ ନେତା ଏବଂ ବହୁପାକ୍ଷିକ ପ୍ରତିଷ୍ଠାନଗୁଡ଼ିକର ପ୍ରତିନିଧିଙ୍କ ଅଂଶଗ୍ରହଣ ସହିତ ଏହି ଆଲୋଚନାରେ ଶକ୍ତି ସନ୍ତୁଳନ, ଉତ୍ପାଦକତା ବୃଦ୍ଧି ଏବଂ ଦେଶଗୁଡ଼ିକରେ ନୀତିଗତ ଢାଞ୍ଚାରେ ପରିବର୍ତ୍ତନ ଉପରେ ଏଆଇର ପ୍ରଭାବ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଥିଲା।

ୟୁରେସିଆ ଗ୍ରୁପର ଅଧ୍ୟକ୍ଷ ଇଆନ ବ୍ରେମର ଏହି ପ୍ୟାନେଲ ଆଲୋଚନାକୁ ପରିଚାଳନା କରିଥିଲେ। ଏଥିରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)ର ପରିଚାଳନା ନିର୍ଦ୍ଦେଶକ ସୁଶ୍ରୀ କ୍ରିଷ୍ଟାଲିନା ଜର୍ଜିଭା, ମାଇକ୍ରୋସଫ୍ଟର ସଭାପତି ବ୍ରାଡ ସ୍ମିଥ, ସାଉଦୀ ଆରବର ନିବେଶ ମନ୍ତ୍ରୀ ଖାଲିଦ ଅଲ-ଫଲିହ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ଅନେକ ବିଶିଷ୍ଟ ବକ୍ତା ଯୋଗ ଦେଇଥିଲେ।



ଆଲୋଚନାରେ ଶ୍ରୀ ବୈଷ୍ଣବ କହିଥିଲେ, ଭାରତ ସ୍ପଷ୍ଟ ଭାବରେ ଏଆଇ ଗ୍ରହଣ ଏବଂ ବିକାଶ କରିବାରେ ଅଗ୍ରଣୀ ଦେଶମାନଙ୍କ ମଧ୍ୟରେ ରହିଛି। ଏଆଇ ଢାଞ୍ଚାର ସମସ୍ତ ପାଞ୍ଚଟି ସ୍ତର: ପ୍ରୟୋଗ, ମଡେଲ, ଚିପ୍ସ, ଭିତ୍ତିଭୂମି ଏବଂ ଶକ୍ତି କ୍ଷେତ୍ରରେ ଦେଶ ବ୍ୟବସ୍ଥିତ ପ୍ରଗତି ହାସଲ କରିଛି। ସେ ଏହା ମଧ୍ୟ କହିଥିଲେ, ଭାରତର ଏଆଇ ରଣନୀତି ମୁଖ୍ୟତଃ ବଡ଼ ମଡେଲ ଉପରେ ଅତ୍ୟଧିକ ଧ୍ୟାନ ଦେବା ପରିବର୍ତ୍ତେ ବାସ୍ତବ ଦୁନିଆରେ ଏହାକୁ କାର୍ଯ୍ୟକାରୀ କରିବା ଏବଂ ନିବେଶ ଉପରେ ରିଟର୍ଣ୍ଣ ସୁନିଶ୍ଚିତ କରିବା ଉପରେ କେନ୍ଦ୍ରିତ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ସବୁଠାରୁ ବଡ଼ ମଡେଲ ନିର୍ମାଣ କରି ନିବେଶ ଉପରେ ରିଟର୍ଣ୍ଣ ହାସଲ କରାଯାଏ ନାହିଁ। ପ୍ରାୟ 95% ବାସ୍ତବ-ବିଶ୍ୱ ବ୍ୟବହାର ମାମଲା 20-50 ବିଲିୟନ ପାରାମିଟର ପରିସର ସହିତ ମଡେଲ ବ୍ୟବହାର କରି ସମାଧାନ କରାଯାଇପାରିବ। ଭାରତ ପୂର୍ବରୁ ଦକ୍ଷ ଏବଂ ସୁଲଭ ପ୍ରଯୁକ୍ତିବିଦ୍ୟା ମଡେଲ ବିକଶିତ କରିଛି, ଯାହା ଉତ୍ପାଦନ, ଦକ୍ଷତା ଏବଂ ପ୍ରଯୁକ୍ତିର ପ୍ରଭାବଶାଳୀ ବ୍ୟବହାର ବୃଦ୍ଧି କରିବା ପାଇଁ ବିଭିନ୍ନ କ୍ଷେତ୍ରରେ ସଫଳତାର ସହ କାର୍ଯ୍ୟକାରୀ କରାଯାଉଛି। ସର୍ବନିମ୍ନ ମୂଲ୍ୟରେ ସର୍ବାଧିକ ଲାଭ ଉପରେ ଧ୍ୟାନ କେନ୍ଦ୍ରିତ ଏହି ପଦ୍ଧତି, ଆର୍ଥିକ ଭାବରେ ସ୍ଥାୟୀ ଏଆଇ କାର୍ଯ୍ୟକାରୀ କରିବା ଲାଗି ଭାରତର ନୀତିକୁ ସ୍ପଷ୍ଟ କରେ। ବିଶ୍ୱ ମାନଦଣ୍ଡକୁ ଉଦ୍ଧୃତ କରି ଶ୍ରୀ ବୈଷ୍ଣବ ଆଇଏମଏଫ ରେଙ୍କିଙ୍ଗ୍ ଉପରେ ପ୍ରଶ୍ନ ଉଠାଇ କହିଥିଲେ, ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ରିପୋର୍ଟ ଅନୁଯାୟୀ, ଭାରତ ଏଆଇ ଉପଲବ୍ଧତା ଓ ପ୍ରସ୍ତୁତିରେ ବିଶ୍ୱ ସ୍ତରରେ ତୃତୀୟ ଏବଂ ଏଆଇ ପ୍ରତିଭାରେ ଦ୍ୱିତୀୟ ସ୍ଥାନରେ ରହିଛି।

ଆଲୋଚନା ସମୟରେ ଅନ୍ୟ ବକ୍ତାମାନେ ମଧ୍ୟ ବିଶ୍ୱ ଏଆଇ ଦୃଶ୍ୟପଟରେ ଭାରତର ବୃଦ୍ଧି ପାଉଥିବା ଗୁରୁତ୍ୱକୁ ସ୍ୱୀକାର କରିଥିଲେ। ଇଆନ ବ୍ରେମର୍ ଉଲ୍ଲେଖ କରିଥିଲେ, ଭାରତ ଗତ ଏକ ଦଶନ୍ଧି ମଧ୍ୟରେ ଏକ ପ୍ରମୁଖ ଭୂରାଜନୈତିକ ଏବଂ ପ୍ରଯୁକ୍ତିବିଦ୍ୟା ଶକ୍ତି ଭାବରେ ଉଭା ହୋଇଛି। ବିଶ୍ୱସ୍ତରୀୟ ପ୍ରତିଷ୍ଠାନ ଏବଂ ଶିଳ୍ପର ପ୍ରତିନିଧିମାନେ ମଧ୍ୟ ଉଦୀୟମାନ ଅର୍ଥବ୍ୟବସ୍ଥା ପାଇଁ ଏକ ଉଦାହରଣ ଭାବରେ ଭାରତର ବ୍ୟାପକତା, ପ୍ରସାର ଏବଂ ସାର୍ବଭୌମ କ୍ଷମତା ଉପରେ ରହିଥିବା ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।




୮୭ତମ ପୀଠାସୀନ ଅଧିକାରୀ ସମ୍ମିଳନୀରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା

## ସିଞ୍ଜୋ ଆବେଙ୍କ ହତ୍ୟାକାରୀକୁ ଆଜୀବନ ଜେଲଦଣ୍ଡାଦେଶ

**ଟୋକିଓ:** ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ହତ୍ୟାକାରୀକୁ ଆଜୀବନ କାରାଦଣ୍ଡାଦେଶ ମିଳିଛି। ଜାପାନର ଏକ କୋର୍ଟ ବୁଧବାର ଆବେଙ୍କ ହତ୍ୟା ଉପରେ ଶୁଣାଣି କାଳରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ କରିଛନ୍ତି। ସିଞ୍ଜୋ ଆବେ ଜାପାନର ପ୍ରଭାବଶାଳୀ ରାଜନେତାଙ୍କ ମଧ୍ୟରେ ଅନ୍ୟତମ ଥିଲେ। ୪୫ବର୍ଷ ବୟସ୍କ ତେସୁୟା ୟାମାଗାମୀ ଜୁଲାଇ ୨୦୨୨ରେ ପଶ୍ଚିମ ସହର ନାରାରେ ଏବେଙ୍କୁ ଏକ ନିର୍ବାଚନୀ ସଭାରେ ଗୁଳିକରି ହତ୍ୟା କରିଥିଲା। ଏହି ଘଟଣା ନା କେବଳ ଜାପାନ ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା।

# ସ୍ପେନ୍ ଟ୍ରେନ୍ ଦୁର୍ଘଟଣାରୁ ବର୍ତ୍ତିଲା ୬ ବର୍ଷୀୟା ଚମତ୍କାରୀ ଝିଅ

**ନୂଆଦିଲ୍ଲୀ:** ସ୍ପେନର ଦକ୍ଷିଣ ପ୍ରଦେଶ କର୍ଡୋବା ନିକଟରେ ଦୁଇଟି ହାଇସ୍ପିଡ୍ ଟ୍ରେନ୍ ମୁହାଁମୁହିଁ ଧକ୍କା ହୋଇଥିଲା, ଯେଉଁଥିରେ ଅତି କମରେ ୪୨ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିଲା ଏବଂ ଅନେକ ଆହତ ହୋଇଥିଲେ। ତେବେ ଜଣେ ୬ ବର୍ଷର ଝିଅ କୌଣସି ବଡ଼ ଆଘାତ ବିନା ରକ୍ଷା ପାଇବାରେ ସଫଳ ହୋଇଥିଲା।



ଗଣମାଧ୍ୟମ ରିପୋର୍ଟ କରିଛି ଯେ, ଭଙ୍ଗା ଝରକା ଦେଇ ଟ୍ରେନ୍ରୁ ଖସି ବାହାରିବା ପରେ ୬ ବର୍ଷୀୟା ବାଳିକାକୁ ଜଣେ ସିଭିଲ୍ ଗାର୍ଡ ଅଧିକାରୀ ଖାଲି ପାଦରେ ଟ୍ରାକ୍ ଉପରେ ପାଇଥିଲେ। ଡାକ୍ତରଖାନାରେ ମୁଣ୍ଡରେ ତିନୋଟି ସିଲେଇ ହେବା ପରେ ଶିଶୁଟି ଭଲ ଅବସ୍ଥାରେ ଅଛି ବୋଲି ତାଙ୍କର ଜଣେ ସମ୍ପର୍କୀୟଙ୍କ ଉଦ୍ଧୃତି ଦେଇ ରିପୋର୍ଟରେ କୁହାଯାଇଛି। ପୁଣ୍ଟା ଉମ୍ବ୍ରିଆର ମେୟର ମଧ୍ୟ ଝିଅଟି ବିପଦରୁ ବାହାରିଥିବା ଶୁଣି ଆଶ୍ୱସ୍ତ ହୋଇଥିଲେ। ଏହି ଦୁର୍ଘଟଣାରେ ଝିଅର ପିତାମାତା, ଭାଇ ଓ ଜଣେ ସମ୍ପର୍କୀୟ ଭାଇ ମଧ୍ୟ ମୃତ୍ୟୁବରଣ କରିଥିଲେ। ସେମାନେ ଆଗ ବଗିରେ ବସିଥିଲେ ଯେତେବେଳେ ବିପରୀତ ଦିଗରୁ ଏକ ଟ୍ରେନ୍ ହଠାତ୍ ଟ୍ରାକ୍ ଡେଇଁ ସେମାନେ ବସିଥିବା ଟ୍ରେନ୍କୁ ଧକ୍କା ଦେଇଥିଲା। ଝିଅଟି ବର୍ତ୍ତମାନ ଦୁର୍ଘଟଣାସ୍ଥଳର ନିକଟତମ ସହର କର୍ଡୋବାର ଏକ ହୋଟେଲରେ ତାଙ୍କ ଜେଜେବାପାଙ୍କ ସହ ଅଛି। ସ୍ପେନ୍ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ, ଦୁଇଟି ଟ୍ରେନ୍ ମଧ୍ୟରେ ଧକ୍କା ହେବାର କାରଣ ଜଣାପଡ଼ି ନାହିଁ। ପ୍ରାରମ୍ଭିକ ମନ୍ତବ୍ୟରେ ସ୍ପେନ୍ ପରିବହନ ମନ୍ତ୍ରୀ ଓସ୍କାର ପୁଏଣ୍ଟେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଟ୍ରାକ୍ ଓ ଟ୍ରେନ୍ ଉଭୟ ନୂଆ ଥିବାରୁ ଦୁର୍ଘଟଣାର ପ୍ରକୃତି ଅତ୍ୟନ୍ତ ଅଦ୍ଭୁତ। ମଙ୍ଗଳବାର ସ୍ପେନର ରାଜା ଓ ରାଣୀ ଦୁର୍ଘଟଣାସ୍ଥଳ ପରିଦର୍ଶନ କରି ବଞ୍ଚିଥିବା ଲୋକଙ୍କୁ ଭେଟିଥିଲେ ଯେଉଁଥିରେ ୧୨୦ରୁ ଅଧିକ ଲୋକ ଆହତ ହୋଇଥିଲେ।

# ନୂଆଦିଲ୍ଲୀରେ ଆରମ୍ଭ ହେଲା ଅନ୍ତର୍ଜାତୀୟ ଗଣତନ୍ତ୍ର, ନିର୍ବାଚନ ପରିଚାଳନା ସମ୍ମିଳନୀ

**ନୂଆଦିଲ୍ଲୀ:** ଭାରତ ନିର୍ବାଚନ ଆୟୋଗ ପକ୍ଷରୁ ଆୟୋଜିତ ୩ ଦିନିଆ ଆନ୍ତର୍ଜାତିକ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସମ୍ମିଳନୀ ନୂଆଦିଲ୍ଲୀର ଭାରତ ମଣ୍ଡପମ୍ରେ ଆରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ ଔପଚାରିକ ସ୍ୱାଗତ ସମାରୋହରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର, ନିର୍ବାଚନ ଆୟୁକ୍ତ ଡ଼. ସୁଖବୀର ସିଂହ ସାନ୍ଧୁ ଓ ଡ଼. ବିବେକ ଜୋଶୀ ବିଭିନ୍ନ ଦେଶର ପ୍ରାୟ ୬୦ ଜଣ ଆନ୍ତର୍ଜାତିକ ପ୍ରତିନିଧିଙ୍କୁ ସ୍ୱାଗତ କରିଥିଲେ। ସମ୍ମିଳନୀର ଉଦ୍ଘାଟନ ସଭାରେ ପ୍ରାୟ ୧,୦୦୦ ଜଣ ଅତିଥି ଉପସ୍ଥିତ ଥିଲେ। ଏଥିରେ ୪୨ଟି ନିର୍ବାଚନ ପରିଚାଳନା ସଂସ୍ଥା, ୨୭ଟି ଦେଶର ରାଜଦୂତ ଓ ଉଚ୍ଚାୟୁକ୍ତ, ୭୦ରୁ ଅଧିକ ଜାତୀୟ ସଂସ୍ଥାର ବିଶେଷଜ୍ଞ, ସହିତ ଭାରତର ବିଭିନ୍ନ ରାଜ୍ୟର ୩୬ ଜଣ ମୁଖ୍ୟ ନିର୍ବାଚନ ଅଧିକାରୀ ଯୋଗ ଦେଇଥିଲେ। ଅତିଥିମାନଙ୍କୁ ସ୍ୱାଗତ କରି ମୁଖ୍ୟ ନିର୍ବାଚନ ଆୟୁକ୍ତ ଶ୍ରୀ ଜ୍ଞାନେଶ କୁମାର କହିଥିଲେ ଯେ, ପିଛିଲା କିଛି ଦଶକ ମଧ୍ୟରେ ନିର୍ବାଚନ ପରିଚାଳନା ପ୍ରଣାଳୀରେ ଗଭୀର ପରିବର୍ତ୍ତନ ଘଟିଛି। ବିଶ୍ୱର ସବୁଠୁ ବଡ଼ ଲୋକତନ୍ତ୍ର ଭାରତରେ ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ପ୍ରଦେଶରେ ପ୍ରାୟ ୧.୫ ବିଲିୟନ୍ ଜନସଂଖ୍ୟା ସହ ଅପୂର୍ବ ପରିମାଣରେ ନିର୍ବାଚନ ଆୟୋଜନ କରାଯାଉଛି। ନିର୍ବାଚନ ଆୟୁକ୍ତ ଡ଼. ସୁଖବୀର ସିଂହ ସାନ୍ଧୁ କହିଥିଲେ ଯେ, ପ୍ରତ୍ୟେକ ନିର୍ବାଚନର କେନ୍ଦ୍ରବିନ୍ଦୁରେ ଜଣେ ନାଗରିକ ଅଛନ୍ତି, ଯିଏ ତାଙ୍କର ଭୋଟ୍ର ସମ୍ମାନ ରହିବ ବୋଲି ଆଶା କରନ୍ତି। ଏହି ଭରସାକୁ ସୁରକ୍ଷିତ ରଖିବା ନିର୍ବାଚନ ପରିଚାଳନା ସଂସ୍ଥାମାନଙ୍କ ସାମୂହିକ ଦାୟିତ୍ୱ ବୋଲି ସେ କହିଥିଲେ। ଡ଼. ବିବେକ ଜୋଶୀ କହିଥିଲେ ଯେ, ନିର୍ବାଚନ ପରିଚାଳନା ସଂସ୍ଥା, ଗବେଷକ, ଛାତ୍ରଛାତ୍ରୀ ଓ ବ୍ୟବହାରିକ ବିଶେଷଜ୍ଞମାନେ ଏକାଠି ହୋଇ ନିର୍ବାଚନକୁ ବିଭିନ୍ନ ଦୃଷ୍ଟିକୋଣରୁ ବୁଝିବାର ସୁଯୋଗ ପାଇଛନ୍ତି। ଆଇ ଆଇ ସି ଡି ଇ ଏମର ଥିମ୍ ସମ୍ପର୍କରେ ଆଇ ଆଇ ଆଇ ଡି ଇ ଏମର ମହାନିର୍ଦ୍ଦେଶକ ରାକେଶ ବର୍ମା କହିଥିଲେ ଯେ, ଭାରତର ଅଧ୍ୟକ୍ଷତାରେ ଗଣତନ୍ତ୍ର—ସମାବେଶୀ, ଶାନ୍ତିପୂର୍ଣ୍ଣ, ସହନଶୀଳ ଓ ସ୍ଥାୟୀ ବିଶ୍ୱ—ଏକବିଂଶ ଶତାବ୍ଦୀରେ ଗଣତନ୍ତ୍ରର ଆବଶ୍ୟକତାକୁ ସ୍ପଷ୍ଟ କରେ।

## ବିଜେପି ଅଧ୍ୟକ୍ଷ ହେବା ମାତ୍ରେ ଆକ୍ସନରେ ନିତିନ ନବୀନ

**ନୂଆଦିଲ୍ଲୀ:** ଭାରତୀୟ ଜନତା ପାର୍ଟି(ବିଜେପି) ର ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବା ମାତ୍ରେ ଆକ୍ସନ ମୋଡ଼ରେ ନିତିନ ନବୀନ। ନୂଆ ଦାୟିତ୍ୱ ସମ୍ଭାଳିବା ପରେ ବୁଧବାର ପାର୍ଟିର ପଦାଧିକାରୀଙ୍କ ସହିତ ପ୍ରଥମ ରାଜନୈତିକ ବୈଠକ କରିଛନ୍ତି। ପଶ୍ଚିମବଙ୍ଗ ସହିତ ପାଞ୍ଚ ରାଜ୍ୟର ବିଧାନସଭା ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଦୁଇଟି ସେସନରେ ଦିନ ସାରା ଚାଲିଥିବା ବୈଠକରେ ନବୀନ ପାର୍ଟିର ପଦାଧିକାରୀଙ୍କ ସହ ତୃଣମୂଳସ୍ତରରେ ସଂଗଠନକୁ ଆହୁରି ମଜବୁତ କରିବାକୁ କହିଛନ୍ତି। ଏହା ସହିତ ଭିବି- ଜି ରାମ ଜି ଅଧିନିୟମକୁ ନେଇ କଂଗ୍ରେସର ନକରାତ୍ମକ ଅଭିଯାନର ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନୂଆ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନାର ଲାଭ ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ ପ୍ରୟାସ କରିବାକୁ କହିଛନ୍ତି। ସୂତ୍ର ଅନୁସାରେ, ବୈଠକରେ ନବୀନ ପାର୍ଟିର ପଦାଧିକାରୀଙ୍କ ସହିତ ସମଗ୍ର ଦେଶରେ ନିର୍ବାଚନ ପ୍ରଚାର ଅଭିଯାନର ସଞ୍ଚାଳନ ପ୍ରକ୍ରିୟା ଉପରେ ଆଲୋଚନା କରିଛନ୍ତି। ଏହା ସହିତ ସଂଗଠନ ମଜବୁତ ପାଇଁ ଆବଶ୍ୟକୀୟ ପ୍ରସ୍ତାବ ଦେବାକୁ କହିଛନ୍ତି। ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଦିଗରେ କାମ କରିବାକୁ କହିଛନ୍ତି।

# ଟ୍ରମ୍ପଙ୍କ ଗ୍ରିନଲାଣ୍ଡ ଅଭିଳାଷ ଉପରେ ପାଣି ପକାଇଲେ ଆମେରିକାର ସହଯୋଗୀ ରାଷ୍ଟ୍ର

**ଡାଭୋସ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରିନଲାଣ୍ଡ ଦଖଲ ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଥିବା ବେଳେ ଆମେରିକାର କେତେକ ଘନିଷ୍ଠ ସହଯୋଗୀ ଆମେରିକା ନେତୃତ୍ୱାଧୀନ ବିଶ୍ୱ ଶୃଙ୍ଖଳାର ଅନ୍ତ ଘୋଷଣା କରିଛନ୍ତି। ୟୁରୋପୀୟ ନେତାମାନେ ଡେନମାର୍କର ଆର୍କଟିକ୍ ଦ୍ୱୀପରେ ଏକ ମିଳିତ ସାମ୍ମୁଖ୍ୟ ଉପସ୍ଥାପନ କରିବାକୁ ଚାହୁଁଛନ୍ତି, ଯାହା ସୂଚାଇ ଦେଉଛି ଯେ, ଟ୍ରମ୍ପଙ୍କ କାର୍ଯ୍ୟକାଳର ପ୍ରଥମ ବର୍ଷ ବିଶ୍ୱ ଭୌଗୋଳିକ ଓ ଅର୍ଥନୈତିକ ବ୍ୟବସ୍ଥାକୁ ଓଲଟପାଲଟ କରିଦେଇଛି। ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ କହିଛନ୍ତି ଯେ ୟୁରୋପୀୟ ସଂଘ 'ଶକ୍ତିଶାଳୀଙ୍କ ଆଇନ' ଆଗରେ ନଇଁବା ଉଚିତ ନୁହେଁ। ଟ୍ରମ୍ପ ସ୍ୱିଜରଲ୍ୟାଣ୍ଡରେ ପହଞ୍ଚିବାର ଗୋଟିଏ ଦିନ ପୂର୍ବରୁ ବିଶ୍ୱ ଅର୍ଥନୈତିକ ଫୋରମ୍ର ବାର୍ଷିକ ବୈଠକରେ ମାକ୍ରନ୍ କହିଛନ୍ତି, ଆମେ ବିଶ୍ୱାସ କରୁ ଯେ ଆମକୁ ଅଧିକ ଅଭିବୃଦ୍ଧି ଆବଶ୍ୟକ, ଆମକୁ ଏହି ଦୁନିଆରେ ଅଧିକ ସ୍ଥିରତା ଆବଶ୍ୟକ, କିନ୍ତୁ ଆମେ ଗାଳିଗୁଲଜ କରୁଥିବା ଲୋକଙ୍କୁ ସମ୍ମାନ ଦେବାକୁ ପସନ୍ଦ କରୁଛୁ। ଆମେ ବର୍ବରତା ଅପେକ୍ଷା ଆଇନର ଶାସନକୁ ପସନ୍ଦ କରୁଛୁ ବୋଲି ମାକ୍ରନ୍ କହିଛନ୍ତି।

ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲ୍ୟୁଇଏଫ୍)ରେ ଏଭଳି ବିରୋଧୀ ବାକ୍ୟ ପ୍ରତିଧ୍ୱନିତ ହୋଇଛି, ଯେଉଁଠାରେ ଟ୍ରମ୍ପ ବୁଧବାର କୂଟନୈତିକ ଉତ୍ତେଜନା ଓ ବଜାର ଚିନ୍ତା ମଧ୍ୟରେ ଥିବା ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଅବତରଣ କରିବାକୁ ଯାଉଛନ୍ତି। ଟ୍ରମ୍ପଙ୍କ ସିଧାସଳଖ ନାମ ନ ନେଇ ୟୁରୋପୀୟ ଆୟୋଗର ସଭାପତି ଉର୍ସୁଲା ଭନ୍ ଡେର୍ ଲିଏନ୍ କହିଛନ୍ତି ଯେ, ଏବେ ପରିବର୍ତ୍ତନର ସମୟ ଆସିଯାଇଛି। ଏହି ସୁଯୋଗର ଲାଭ ଉଠାଇବା ଏବଂ ଏକ ନୂତନ ସ୍ୱାଧୀନ ୟୁରୋପ ଗଠନ କରିବାର ସମୟ ଆସିଛି।

ବେଲଜିୟମର ପ୍ରଧାନମନ୍ତ୍ରୀ ବାର୍ଟ ଡି ୱେଭର କହିଛନ୍ତି ଯେ, ୟୁକ୍ରେନ ଯୁଦ୍ଧରେ ଟ୍ରମ୍ପଙ୍କ ସମର୍ଥନ ପାଇବା ପାଇଁ ତାଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରିବା ପରେ ୨୭ ଜଣିଆ ଗୋଷ୍ଠୀ ଏକ 'ଅତ୍ୟନ୍ତ ଖରାପ ସ୍ଥିତି'ରୁ କିପରି ବାହାରିବେ ସେ ବିଷୟରେ ନିଷ୍ପତ୍ତି ନେବାକୁ ପଡିବ। ଗ୍ରିନଲାଣ୍ଡ ପ୍ରତି ସମର୍ଥନକୁ ନେଇ ଶୁଳ୍କ ଲାଗୁ କରିବାକୁ ଟ୍ରମ୍ପଙ୍କ ଧମକ ବିଷୟରେ ଡି ୱେଭର କହିଛନ୍ତି, ଜଣେ ଖୁସି ସାମନ୍ତ ହେବା ଗୋଟିଏ ଜିନିଷ। ଜଣେ ଦୁଃଖୀ ଦାସ ହେବା ଅନ୍ୟ କିଛି। ଯଦି ଆପଣ ବର୍ତ୍ତମାନ ପଛକୁ ହଟିବେ, ତେବେ ଆପଣ ସମ୍ମାନ ହରାଇବେ... ତେଣୁ ଆମେ ଏକଜୁଟ ହେବା ଉଚିତ, ଏବଂ ଆମେ ଡୋନାଲ୍ଡ ଟ୍ରମ୍ପଙ୍କୁ କହିବା ଉଚିତ ... 'ଆପଣ ଏଠାରେ ଲାଲ୍ ରେଖା ଅତିକ୍ରମ କରୁଛନ୍ତି।'

କିନ୍ତୁ ସବୁଠାରୁ ଖୋଲା ରାୟ କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କଠାରୁ ଆସିଥିଲା, ଯିଏ ଡାଭୋସରେ ଦର୍ଶକଙ୍କୁ କହିଥିଲେ ଯେ ଆମେରିକା ନେତୃତ୍ୱାଧୀନ ବିଶ୍ୱ ଶାସନ ବ୍ୟବସ୍ଥା 'ଏକ ବିଭାଜନ' ସୃଷ୍ଟି କରୁଛି। ମୋତେ ସ୍ପଷ୍ଟ କରିବାକୁ ଦିଅ: ଆମେ ଏକ ବିଭାଜନ ମଧ୍ୟରେ ଅଛୁ, ପରିବର୍ତ୍ତନ ନୁହେଁ। ଆମେ ଜାଣୁ ଶୃଙ୍ଖଳା-ଭିତ୍ତିକ ବିଶ୍ୱ ଆଇନ ଆଂଶିକ ସତ୍ୟ ଥିଲା। ଶକ୍ତିଶାଳୀମାନେ ଯେତେବେଳେ ସୁବିଧା ଏଥିରୁ ଓହରିଯାନ୍ତି। ସେହି ବାଣିଜ୍ୟ ନିୟମ ଅସମାନ ଭାବରେ ଲାଗୁ କରାଯାଇଥିଲା। ଅଭିଯୁକ୍ତ କିମ୍ବା ପୀଡିତଙ୍କ ପରିଚୟ ଉପରେ ନିର୍ଭର କରି ସେହି ଅନ୍ତର୍ଜାତୀୟ ଆଇନ ବିଭିନ୍ନ କଠୋରତା ସହିତ ପ୍ରୟୋଗ କରାଯାଇଥିଲା ବୋଲି ସେ କହିଛନ୍ତି। କାର୍ନି ଉଲ୍ଲେଖ କରିଛନ୍ତି ଯେ କାନାଡା ପୁରୁଣା ନିୟମ-ଆଧାରିତ ଅନ୍ତର୍ଜାତୀୟ ବ୍ୟବସ୍ଥାରୁ ଉପକୃତ ହୋଇଛି, ଯେଉଁଥିରେ ଆମେରିକୀୟ ଆଧିପତ୍ୟ ଅନ୍ତର୍ଭୁକ୍ତ। ଶକ୍ତିଶାଳୀ କେବଳ ନିଜ ସ୍ୱାର୍ଥର ଅନୁସରଣ କରନ୍ତି। ପ୍ରମୁଖ ଶକ୍ତିମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଉଦ୍ୟମ ବିରୋଧରେ ଏକ ସ୍ପଷ୍ଟ ଚେତାବନୀ ଦେଇ କାର୍ନି କହିଛନ୍ତି ଯେ, କାନାଡା ପରି ଦେଶ ଆଉ ଆଶା କରିପାରିବେ ନାହିଁ ଯେ ଅନୁପାଳନ ସୁରକ୍ଷା କିଣିବ। କାର୍ନି କହିଛନ୍ତି, ମଧ୍ୟମ ଶକ୍ତିମାନେ ମିଳିତ ଭାବରେ କାର୍ଯ୍ୟ କରିବା ଆବଶ୍ୟକ, କାରଣ ଯଦି ଆମେ ଟେବୁଲରେ ନାହୁଁ, ତେବେ ଆମେ ମେନୁରେ ଅଛୁ। ମହାନ ଶକ୍ତିମାନେ ବର୍ତ୍ତମାନ ଏକାକୀ ଯିବାକୁ ସକ୍ଷମ ଅଟନ୍ତି। ସେମାନଙ୍କର ବଜାର ଆକାର, ସାମରିକ କ୍ଷମତା ଓ ସର୍ତ୍ତାବଳୀ ଲାଗୁ କରିବାର କ୍ଷମତା ଅଛି। ମଧ୍ୟମ ଶକ୍ତିମାନେ ତାହା କରନ୍ତି ନାହିଁ।



ଗ୍ରିନଲାଣ୍ଡ ଉପରେ ବ୍ରସେଲ୍ସରେ ସପ୍ତାହକ ମଧ୍ୟରେ ଏକ ଜରୁରିକାଳୀନ ଶିଖର ସମ୍ମିଳନୀ ଡକାଇବାକୁ ଗୁରୁବାର ସନ୍ଧ୍ୟାରେ ୟୁରୋପୀୟ ସଂଘର ନେତାମାନେ ନିଷ୍ପତ୍ତି ନେଇଛନ୍ତି। ତେବେ ଟ୍ରମ୍ପ ୟୁରୋପୀୟ ସଂଘ ଉପରେ ଶୁଳ୍କ ଲାଗୁ କରିପାରନ୍ତି। ମାକ୍ରନ୍ ୟୁରୋପୀୟ ସଂଘକୁ ଏହାର ବାଧ୍ୟବାଧକତା ବିରୋଧୀ ଉପକରଣର ପ୍ରଥମ ବ୍ୟବହାର ଉପରେ ମଧ୍ୟ ବିଚାର କରିବାକୁ ଚାପ ପକାଇଛନ୍ତି, ଯାହା ଅନୌପଚାରିକ ଭାବରେ 'ବାଣିଜ୍ୟ ବାଜୁକା' ଭାବରେ ଜଣାଶୁଣା, ଯାହା ସର୍ବସାଧାରଣ ଟେଣ୍ଡରରେ ଆମେରିକାର ପ୍ରବେଶକୁ ସୀମିତ କରିପାରେ କିମ୍ବା ଟେକ୍ ପ୍ଲାଟଫର୍ମ ପରି ସେବାରେ ବାଣିଜ୍ୟ ଉପରେ ପ୍ରତିବନ୍ଧକ ଲଗାଇପାରେ। ଆମେରିକା ସହ ତିକ୍ତ ସମ୍ପର୍କ ସାମଗ୍ରିକ ଭାବରେ ଗ୍ରିନଲାଣ୍ଡକୁ ନେଇ ୟୁରୋପ ସହିତ ଟ୍ରମ୍ପଙ୍କ ସମ୍ପର୍କ ଖରାପ ହୋଇଛି, ଯାହା ପରେ ଟ୍ରମ୍ପ ଶୁଳ୍କ ଧମକ ଦେଇଛନ୍ତି। ଗ୍ରିନଲାଣ୍ଡ ଓ ବାଣିଜ୍ୟ ବାହାରେ ଥିବା ପ୍ରସଙ୍ଗରେ ମଧ୍ୟ ଏହି ବିଭାଜନ ଦୃଶ୍ୟମାନ ହେଉଛି।

## ଗ୍ରିନଲାଣ୍ଡ ବିତର୍କ ସମୟରେ ଟ୍ରମ୍ପଙ୍କୁ ଗାଳି କଲେ ଡେନମାର୍କ ସାଂସଦ

**ଡାଭୋସ:** ଡୋନାଲ୍ଡ ଟ୍ରମ୍ପ ତାଙ୍କ ଗ୍ରିନଲାଣ୍ଡ ଅଭିଳାଷକୁ ନେଇ ଆଗକୁ ବଢୁଥିବା ବେଳେ ଏହା ଉପରେ ଡେନମାର୍କର ଜଣେ ସାଂସଦ କଟୁ ମନ୍ତବ୍ୟ ଦେଇ ଭାଇରାଲ ହୋଇଛନ୍ତି। ନିକଟରେ ୟୁରୋପୀୟ ସଂଘର ଏକ ବିତର୍କ ସମୟରେ, ୟୁରୋପୀୟ ସାଂସଦ ଆଣ୍ଡର୍ସ ଭିଷ୍ଟିସେନ୍ ଟ୍ରମ୍ପଙ୍କୁ ସିଧାସଳଖ ସମ୍ବୋଧିତ କରି ଗ୍ରିନଲାଣ୍ଡ ବିକ୍ରୟ ପାଇଁ ନ ଥିବାରୁ ତାଙ୍କୁ ଅଭିଳାଷ ତ୍ୟାଗ କରିବାକୁ କହିଥିଲେ।

ଫୁଟେଜରେ ଦର୍ଶାଯାଇଛି ଯେ, ୩୮ ବର୍ଷୀୟ ଭିଷ୍ଟିସେନ୍ ଗ୍ରିନଲାଣ୍ଡରେ ଆମେରିକାର ଆଗ୍ରହ ଉପରେ ଧ୍ୟାନ ଦେଇ ଏକ ଅଧିବେଶନକୁ ସମ୍ବୋଧିତ କରୁଛନ୍ତି। ଡେନମାର୍କର ସାଂସଦ କହିଛନ୍ତି, ପ୍ରିୟ ରାଷ୍ଟ୍ରପତି ଟ୍ରମ୍ପ, ବହୁତ ଧ୍ୟାନର ସହ ଶୁଣନ୍ତୁ। ଗ୍ରିନଲାଣ୍ଡ ୮୦୦ ବର୍ଷ ଧରି ଡେନମାର୍କ ରାଜ୍ୟର ଏକ ଅଂଶ ହୋଇଆସୁଛି। ଏହା ଏକ ଏକୀକୃତ ଦେଶ। ଏହା ବିକ୍ରୟ ପାଇଁ ନୁହେଁ। ଏହା ପରେ ଭିଷ୍ଟିସେନ୍ ଆହୁରି କହିଛନ୍ତି, ଆପଣ ବୁଝିପାରୁଥିବା ଶବ୍ଦରେ ମୁଁ ଏହାକୁ କହିବି: ଶ୍ରୀ ରାଷ୍ଟ୍ରପତି, ଏହାକୁ ** କରନ୍ତୁ। ଏଥି ସହ ସେ ଗାଳି କରିବା ପାଇଁ ବ୍ୟବହୃତ ଏକ ଅଶ୍ଳୀଳ ଶବ୍ଦ ବ୍ୟବହାର କରିଥିଲେ। ତା'ପରେ ସେ ଡେନିସ ଭାଷାରେ ତାଙ୍କ ଭାଷଣ ଜାରି ରଖିଥିଲେ କିନ୍ତୁ ୟୁରୋପୀୟ ସଂସଦର ଉପରାଷ୍ଟ୍ରପତି ନିକୋଲା ଷ୍ଟେଫାନୁଟା ତାଙ୍କୁ ତାଙ୍କ ଭାଷା ପାଇଁ ପରିଣାମ ବିଷୟରେ ଚେତାବନୀ ଦେଇଥିଲେ।

ହଙ୍ଗେରୀ ହେଉଛି ଏକମାତ୍ର ୟୁରୋପୀୟ ଦେଶ ଯାହା ଟ୍ରମ୍ପଙ୍କ ନୂତନ ଘୋଷିତ 'ବୋର୍ଡ ଅଫ୍ ପିସ୍'ରେ ଯୋଗ ଦେଇଛି, ଯାହା ବିଶ୍ୱାସ କେତେ ମାତ୍ରାରେ ହ୍ରାସ ପାଇଛି ତାହା ଦର୍ଶାଉଛି। ଫ୍ରାନ୍ସ ମଧ୍ୟ ପ୍ରସ୍ତାବିତ ବୋର୍ଡରେ ଯୋଗଦେବାକୁ ଅନିଚ୍ଛା ପ୍ରକାଶ କରିଛି। ମିଳିତ ଜାତିସଂଘର ଭୂମିକା ଉପରେ ଏହାର ପ୍ରଭାବକୁ ନେଇ ପ୍ୟାରିସ୍ ଚିନ୍ତା ପ୍ରକଟ କରିଛି। ଶାନ୍ତି ବୋର୍ଡ ପ୍ରତି ମାକ୍ରନଙ୍କ ଆଭିମୁଖ୍ୟ ବିଷୟରେ ପଚରାଯିବାରୁ ଟ୍ରମ୍ପ ସୋମବାର କହିଛନ୍ତି, ମୁଁ ତାଙ୍କ ମଦ ଓ ସାମ୍ପେନ୍ ଉପରେ ୨୦୦ ପ୍ରତିଶତ ଶୁଳ୍କ ଲଗାଇବି ଏବଂ ସେ ଏଥିରେ ଯୋଗଦେବେ, କିନ୍ତୁ ତାଙ୍କୁ ଏଥିରେ ଯୋଗଦେବାକୁ ପଡିବ ନାହିଁ।

ଟ୍ରମ୍ପ କହିଛନ୍ତି ଯେ ସେ ତାଙ୍କ ଡାଭୋସ୍ ଗସ୍ତ ସମୟରେ ଗ୍ରିନଲାଣ୍ଡ ବିଷୟରେ ଆଲୋଚନା କରିବେ। କିନ୍ତୁ ଟ୍ରମ୍ପଙ୍କୁ ଏଡାଇବା ପାଇଁ ଡେନମାର୍କର ପ୍ରଧାନମନ୍ତ୍ରୀ ଡାଭୋସରୁ ବିଦାୟ ନେଇଥିବାବେଳେ ମାକ୍ରନ୍ ଆମେରିକାର ନେତାଙ୍କୁ ନ ଭେଟି ସ୍ୱିଜରଲ୍ୟାଣ୍ଡ ଛାଡିଛନ୍ତି। ଜର୍ମାନୀ ଓ ବ୍ରିଟେନର ନେତାଙ୍କ ଅଂଶଗ୍ରହଣ ମଧ୍ୟ ନିଶ୍ଚିତ ହୋଇନାହିଁ।

## ଜାତୀୟ ସବଜୁନିୟର ରଗବୀ

# ବିହାରକୁ ସ୍ୱର୍ଣ୍ଣ, ଓଡ଼ିଶାକୁ ରୌପ୍ୟ



ଭୁବନେଶ୍ୱର,୨୧।୧(ସବ୍ୟୁ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଦଶମ ଜାତୀୟ ସବଜୁନିୟର ରଗବୀ-୭ ଚାମ୍ପିଆନସିପ୍ ଅନୁଷ୍ଠିତ ହୋଇଯାଇଛି । ବୁଧବାର ଅନୁଷ୍ଠିତ ଫାଇନାଲରେ ବିହାର ବାଳକ ଦଳ ୨୫-୫ ବ୍ୟବଧାନରେ ଓଡ଼ିଶାକୁ ପରାଜିତ କରି ଚାମ୍ପିଅନ ହେବା ସହ ସ୍ୱର୍ଣ୍ଣ ପଦକ ଜିତିଛି । ରନର୍ସ ଅପ୍ ଓଡ଼ିଶା ଦଳ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି । ସେହିଭଳି ରାଜସ୍ଥାନ ୩୮-୭ ବ୍ୟବଧାନରେ ମହାରାଷ୍ଟ୍ରକୁ ପରାଜିତ କରି ବ୍ରୋଞ୍ଜ ପଦକ ଜିତିଛି ।

ସେମିଫାଇନାଲରେ ଓଡ଼ିଶା ଦଳ ୧୨-୫ ବ୍ୟବଧାନରେ ରାଜସ୍ଥାନକୁ ପରାଜିତ କରିଥିଲା । ଏହି ବିଜୟ ସହ ଫାଇନାଲରେ ପ୍ରବେଶ କରିଛି । ଆଉ ଏକ ସେମିଫାଇନାଲରେ ବିହାର ୧୫-୭ ମହାରାଷ୍ଟ୍ରକୁ ପରାଜିତ କରି ଫାଇନାଲକୁ ଉନ୍ନୀତ ହୋଇଥିଲା । ଏହି ପ୍ରତିଯୋଗିତାରେ ୧୫ ବର୍ଷରୁ କମ ବର୍ଗର ୫୦୦ ଖେଳାଳି ୧୦୦ରୁ ଉର୍ଦ୍ଧ୍ୱ ଅଫିସିଆଲ ଓ ୩୦ ଜାତୀୟ ଟେକ୍ନିକାଲ ଅଫିସିଆଲଙ୍କ ସହ ମୋଟ୍ ୬୮ ଜଣ ଅଂଶଗ୍ରହଣ କରିଥିଲେ । ରାଜ୍ୟସରକାର, ରଗବୀ ଇଣ୍ଡିଆ ଏବଂ ଓଡ଼ିଶା ରଗବି ଫୁଟବଲର ମିଳିତ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଶେଷ ହୋଇଛି ।

# ନାଗପୁରରେ ଟିମ୍ ଇଣ୍ଡିଆର ବଡ଼ ବିଜୟ



ନାଗପୁର,୨୧।୧(ଏଜେନ୍ସି): ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଆରମ୍ଭ ହୋଇଥିବା ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚରେ ଭାରତ ୪୮ ରନରେ ବିଜୟଲାଭ କରିଛି । ଅଭିଶେକ ଶର୍ମାଙ୍କ ବିସ୍ଫୋରକ ୮୪ ରନ୍ ଓ ରିଙ୍କୁ ସିଂଙ୍କ ୪୪ ରନ୍ ସହାୟତାରେ ଭାରତ ୨୦ ଓଭରରେ ୭ ୱିକେଟ ହରାଇ ୨୩୮ ରନର ବିଶାଳ ସ୍କୋର କରିଥିଲା । ଜବାବରେ ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୯୦/୭ ରନ କରିବାକୁ ସକ୍ଷମ ହୋଇଥିଲା ।

ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର ଟସ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିଲେ । ଭାରତ ପ୍ରଥମ ଦୁଇ ୱିକେଟ୍ ଶୀଘ୍ର ହରାଇଥିଲା । ଓପନର ସଞ୍ଜୁ ସାମସନ ୧୦ ଓ ଇଶାନ କିଷାନ ୮ ରନ କରି ଆଉଟ୍ ହୋଇଥିଲେ । କିନ୍ତୁ ଅଭିଶେକ ଶର୍ମାଙ୍କ ବ୍ୟାଟରୁ ଚୌକା ଓ ଛକାର ବର୍ଷା ଜାରି ରହିଥିଲା । ସୂର୍ଯ୍ୟ କୁମାର ଯାଦବଙ୍କ ସହ ମିଶି ତୃତୀୟ ୱିକେଟ୍ ପାଇଁ ୯୯ ରନ୍ ସଂଗ୍ରହ କରିଥିଲେ । ସୂର୍ଯ୍ୟ କୁମାର ୩୨ ରନ୍ କରି ସାଣ୍ଟନରଙ୍କ ବଲରେ କ୍ୟାଚ ଆଉଟ୍ ହୋଇଥିଲେ । ଅଭିଶେକ ଶର୍ମା ୮୪, ଶିବମ ଦୁବେ ୯, ରିଙ୍କୁ ସିଂ ୪୪, ଅକ୍ଷର ପ୍ଟେଲ ୫, ଅର୍ଶଦୀପ ସିଂ ୬ ରନ୍ କରିଥିଲେ । ନ୍ୟୁଜିଲାଣ୍ଡ ପାଇଁ ଡଫି, କାଏଲ ଜାମିସନ ଦୁଇଟି ୱିକେଟ୍ ନେଇଥିଲେ ।

୨୩୯ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ନ୍ୟୁଜିଲାଣ୍ଡ ୨୦ ଓଭରରେ ୭ ୱିକେଟ୍ ହରାଇ ୧୯୦ ରନ କରିଥିଲା । ଦଳ ପକ୍ଷରୁ ଟିମ ରବିନ ଶନ ୨୧, ଗ୍ଲେନ ଫିଲିପ୍ସ ୭୮, ମାର୍କ ଚାମ୍ପମ୍ୟାନ ୩୯, ଡାର୍ଲି ମିଚେଲ ୨୮, ମିଚେଲ ସାଣ୍ଟନର ଅପରାଜିତ ୨୦ ରନ କରିଥିଲେ । । ତେଣୁ ନ୍ୟୁଜିଲାଣ୍ଡ ବିଜୟଲକ୍ଷ୍ୟକୁ ପିଛା କରି ୪୮ ରନ୍ ପୂର୍ବରୁ ଅଟକି ଯାଇଥବଲା । ଭାରତର ବରୁଣ ଚକ୍ରବର୍ତ୍ତୀ ଓ ଶିବମ ଦୁବେ ଦୁଇଟି କରି, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ ଓ ଅର୍ଶଦୀପ ସିଂଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ । ଏହି ବିଜୟ ସହ ଭାରତ ୫ ମ୍ୟାଚ ବିଶିଷ୍ଟ ଶୃଙ୍ଖଳାରେ ୧-୦ରେ ଅଗ୍ରଣୀ ହାସଲ କରିଛି ।

# ବାଂଲାଦେଶକୁ ଗୋଟିଏ ଦିନର ମହଲତ



ନୂଆଦିଲ୍ଲୀ,୨୧।୧(ଏଜେନ୍ସି): ଆଇସିସି ବୈଠକରେ ବାଂଲାଦେଶକୁ ଝଟକା ଲାଗିଛି । ଭାରତରେ ଟି-୨୦ ବିଶ୍ୱକପ ଖେଳିବାକୁ ବାଂଲାଦେଶ ମନା କରୁଥିବାରୁ ଏବେ ଚୂଡାନ୍ତ ନିଷ୍ପତ୍ତି ନେବା ପାଇଁ ମାତ୍ର ୨୪ ଘଣ୍ଟା ସମୟ ଦେଇଛି ଆଇସିସି । ବାଂଲାଦେଶ ବିଶ୍ୱକପ ମ୍ୟାଚ ଗୁଡିକୁ ଭାରତ ବାହାରକୁ ସ୍ଥାନାନ୍ତର କରିବାକୁ ଆଇସିସିକୁ ଅନୁରୋଧ କରୁଥିଲା ହେଲେ ଭୋଟ୍ ମାଧ୍ୟମରେ ଆଇସିସି ବାଂଲାଦେଶର ଅନୁରୋଧକୁ ଖାରଜ କରିଦେଇଛି । ବାଂଲାଦେଶ ସପକ୍ଷରେ ମାତ୍ର ୨ଟି ଭୋଟ୍ ପଡିଥିବା ବେଳେ ୧୪ଟି ରାଷ୍ଟ୍ର ବିରୋଧରେ ଭୋଟ୍ ଦେଇଛନ୍ତି । ବାଂଲାଦେଶ କ୍ରିକେଟ୍ ବୋର୍ଡ ଓ ପାକିସ୍ତାନ କ୍ରିକେଟ୍ ବୋର୍ଡ ଓ ପାକିସ୍ତାନ କ୍ରିକେଟ୍ ବୋର୍ଡ ସପକ୍ଷରେ ଦୁଇଟି ଭୋଟ୍ ଦେଇଛନ୍ତି । ଅନ୍ୟ ସଦସ୍ୟ ରାଷ୍ଟ୍ର ଗୁଡିକ ବାଂଲାଦେଶବିଶ୍ୱକପମ୍ୟାଚଗୁଡିକରେଭାରତରେ ଖେଳିବା ଦରକାର ବୋଲି କହିଛନ୍ତି । ଆଇସିସି ବୈଠକରେ ପାକିସ୍ତାନ ମଧ୍ୟସ୍ଥତା କରିଥିଲା । ବାଂଲାଦେଶର ଦାବି ଯଥାର୍ଥ ଓ ଆଇସିସି ଏହାକୁ ଗ୍ରହଣ କରିବା କଥା । ଯଦି ବାଂଲାଦେଶର ମ୍ୟାଚ ଗୁଡିକ ଶ୍ରୀଲଙ୍କାକୁ ସ୍ଥାନାନ୍ତର କରିବାରେ କିଛି ଅସୁବିଧା ରହିଛି, ତା'ହେଲେ ପାକିସ୍ତାନ ସମସ୍ତ ମ୍ୟାଚ ଆୟୋଜନ କରିବାକୁ ପ୍ରସ୍ତୁତ ଅଛି । ହେଲେ ପାକିସ୍ତାନ କଥାକୁ ଆଇସିସି ଗ୍ରହଣ କରିନାହିଁ । ଭୋଟ୍ ଦ୍ୱାରା ଅନୁରୋଧ ଖାରଜ ହେବା ପରେ ବାଂଲାଦେଶ କ୍ରିକେଟ ବୋର୍ଡକୁ ଚୂଡାନ୍ତ ନିଷ୍ପତ୍ତି ଦେବାକୁ ମାତ୍ର ୨୪ ଘଣ୍ଟା ସମୟ ଦିଆଯାଇଛି । ଯଦି ବାଂଲାଦେଶ ରାଜି ନହୁଏ ତା'ହେଲେ ଦଳକୁ ବିଶ୍ୱକପରୁ ବାଦ ଦିଆଯିବ । ବାଂଲାଦେଶ ବଦଳରେ ସ୍କଟଲାଣ୍ଡକୁ ସାମିଲ କରାଯାଇ ମ୍ୟାଚ ସୂଚୀ ପୂରଣ କରାଯିବ ବୋଲି ଆଇସିସି ପକ୍ଷରୁ ଚେତାବନୀ ଦିଆଯାଇଛି ।

ଟି-ବିଶ୍ୱକପ୍ ଫେବୃଆରୀ ୭ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଖେଳାଯିବ । ବିଶ୍ୱକପ ଆୟୋଜନ ଭାରତ ଓ ଶ୍ରୀଲଙ୍କା କରିବେ । ନଭେମ୍ବର ମାସରେ ଆଇସିସି ପକ୍ଷରୁ ଜାରି ହୋଇଥିବା ମ୍ୟାଚ ସୂଚୀ ଅନୁସାରେ ବାଂଲାଦେଶ ତାର ଗ୍ରୁପ ପର୍ଯ୍ୟାୟ ମ୍ୟାଚ ଗୁଡିକ କୋଲକାତା ଓ ମୁମ୍ବାଇରେ ଖେଳିବ । ଭାରତ ସହ ରାଜନୈତିକ ବିବାଦ କାରଣରୁ ବାଂଲାଦେଶ କ୍ରିକେଟ ବୋର୍ଡ ଏହି ସରକାରଙ୍କ କଥାରେ ପରିଚାଳିତ ହୋଇ ଭାରତକୁ ଦଳ ପଠାଇବ ନାହିଁ ବୋଲି କହିଥିଲା । ବାଂଲାଦେଶ ବିଶ୍ୱକପ ନଖେଳିଲେ ଗ୍ରୁପ ସି'ରେ ନୂଆଦଳ ଭାବେ ସ୍କଟଲାଣ୍ଡକୁ ସାମିଲ କରାଯିବ । ଏହି ଗ୍ରୁପରେ ପୂର୍ବରୁ ୱେଷ୍ଟଇଣ୍ଡିଜ, ଇଟାଲୀ, ଇଂଲଣ୍ଡ ଓ ନେପାଳ ରହିଛନ୍ତି ।

## ସୁରେନ୍ଦ୍ର ସ୍ମାରକୀ କ୍ରିକେଟ:ପ୍ରତାପ ଇଲେଭେନ ଷ୍ଟାର ଚାମ୍ପିଅନ

ଅସୁରାଳି,୨୧।୧(ସବ୍ୟୁ): ଧାମନଗର ବ୍ଲକ ଗଣେଶ ନଗର ତରୁଣ ଯୁବ ପରିଷଦ ପକ୍ଷରୁ ସ୍ଥାନୀୟ ଷ୍ଟ୍ରକଚର ପଡିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସୁରେନ୍ଦ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପ୍ରତାପ ଇଲେଭେନ ଷ୍ଟାର ଅସୁରାଳି ଚାମ୍ପିଅନ ହୋଇଛି । ରବିବାର ଖେଳା ଯାଇଥିବା ଫାଇନାଲ ମ୍ୟାଚରେ ପ୍ରତାପ ଇଲେଭେନ ଷ୍ଟାର ୭ ଉଇକେଟରେ ଆଶୁ ଇଲେଭେନ ଗୁଡୁପୋଖରୀକୁ ପରାସ୍ତ କରିଛି । ଆଶୁ ଇଲେଭେନ ପ୍ରଥମେ ବ୍ୟାଟିଂ କରି ୧୫.୨ ଓଭରରେ ୧୨୬ରନ କରି ଅଲଆଉଟ ହୋଇ ଯାଇଥିଲା । ଦଳ ପକ୍ଷରୁ ଧନ ରାଉତ ସର୍ବାଧିକ ୪୧ରନ କରିଥିଲେ । ପ୍ରତାପ ଇଲେଭେନ ପକ୍ଷରୁ ମାଣିକ ଚାନ୍ଦ ୪/୨୦ ବୋଲିଂ ସଫଳତା ପାଇଥିଲେ । ପ୍ରତାପ ଇଲେଭେନ ଷ୍ଟାର ୧୨.୩ ଓଭରରେ ମାତ୍ର ୩ ଉଇକେଟ ହରାଇ ୧୨୭ ରନ କରି ବିଜୟୀ ହୋଇଥିଲା । ମାଣିକ ଚାନ୍ଦ ୩୮ ରନ କରିଥିବାବେଳେ ଆଶୁ ଇଲେଭେନ ପକ୍ଷରୁ ଇମ୍ରାନ ଖାନ ୨୫ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ । ପ୍ରିୟଦର୍ଶିନ ପଣ୍ଡା ଓ ପ୍ରକାଶ ସାହୁ ଅମ୍ପାୟରିଂ କରିଥିଲେ । ଶମ୍ଭୁନାଥ ସାହୁ,କାର୍ତ୍ତିକ ସାହୁ,ଅଭିଷେକ ସାହୁ ସ୍କୋରିଂ ଏବଂ ଜଗନ୍ନାଥ ଦାସ,ଅଂଶୁମାନ ମାହଲ ଧାରାବିବରଣୀ ପ୍ରଦାନ କରିଥିଲେ । ମାଣିକ ଚାନ୍ଦ ମ୍ୟାନ ଅଫ ଦି ମ୍ୟାଚ ଏବଂ ଆଶୁ ଖାନ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ । ଇଂ.କିଶୋର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଉଦଯାପନୀ ସମାରୋହ ଆୟୋଜିତ ହୋଇଥିଲା । ଗଡ଼ିଆଳି ସରପଂଚ ସରୋଜ ସ୍ୱାଇଁ,ଯୁବନେତା ସୂରଜ ସାହୁ,ଅଧ୍ୟାପକ ହୃଷିକେଶ ରାଉତ,ବର୍ଷିଆନ ସମାଜସେବୀ ଯୋଗେଶ ସାହୁ ପ୍ରମୁଖ ଅତିଥି ରୂପେ ଯୋଗଦେଇ ବିଜେତା ଓ ଉପବିଜେତା ଟିମକୁ ଟ୍ରଫି ସହ ଯଥାକ୍ରମେ ୨୨ହଜାର ଓ ୧୦ହଜାର ପୁରସ୍କାର ଅର୍ଥ ପ୍ରଦାନ କରିଥିଲେ ।

## ଅଷ୍ଟ୍ରେଲିଆନ୍ ଓପନ

# ତୃତୀୟ ରାଉଣ୍ଡରେ ପାଓଲିନି, ଆନ୍ଦ୍ରେଭା



ମେଲବୋର୍ଣ୍ଣ,୨୧।୧(ଏଜେନ୍ସି): ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ ମହିଳା ସିଙ୍ଗଲ୍ସରେ ହଟଚମଟ ଜାରି ରହିଛି । ସପ୍ତମ ସିଡ ଜସ୍ମିନ ପାଓଲିନ ଏବଂ ଅଷ୍ଟମ ସିଡ ମୀରା ଆନ୍ଦ୍ରେଭା ବିଜୟଲାଭ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ଜନ କେନଆରେନାରେ ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଦ୍ୱିତୀୟ ମ୍ୟାଚରେ ପାଓଲିନି ୬-୨, ୬-୩ ସିଧାସଳଖ ସେଟରେ ମାଗଡାଲେନା ଫ୍ରେଞ୍ଚଙ୍କୁ ପରାଜିତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ସେହିଭଳି ଅଷ୍ଟମ ସିଡ ମାନ୍ୟତା ପାଇଥିବା ମୀରା ଆନ୍ଦ୍ରେଭା ୬-୦, ୬-୪ ସେଟରେ ମାରିଆ ସାକାରିଙ୍କୁ ପରାଜିତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ଆଉ ଏକ ମ୍ୟାଚରେ ୨୯ତମ ସିଡ ଇଭା ଜୋଭିକ ୬-୧, ୬-୨ ସେଟରେ ପ୍ରିସିଲା ହନଙ୍କୁ ପରାଜିତ କରିଥିଲେ ।

## କାଠଖୁଣ୍ଟିଆ ବିବେକାନନ୍ଦ ଯୁଥ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ

ଖୋର୍ଦ୍ଧା,୨୧।୧(ସବ୍ୟୁ): ଖୋର୍ଦ୍ଧା ଉପକଣ୍ଠ କାଠଖୁଣ୍ଟିଆ ଫୁଟବଲ ପଡିଆ ଠାରେ ୨୬ତମ କାଠଖୁଣ୍ଟିଆ ବିବେକାନନ୍ଦ ଯୁଥ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ କୁମ୍ଭିଲ, କରଡାପଲ୍ଲୀ, କେରଙ୍ଗ, ଭାଲିଆବାଡି, ଏ.ଜେ କ୍ଲବ ପାଇକତିଗିରିଆ, ମା ମଙ୍ଗଳା କ୍ଲବ ବାଜପୁର,କାଠଖୁଣ୍ଟିଆ ଏବଂ ଗଡମାଣତ୍ରି ଭାଗନେଇଛନ୍ତି । ପ୍ରଥମ ଦିବସର ଖେଳ କୁମ୍ଭିଲ ଏବଂ କରଡାପଲ୍ଲୀ ମଧ୍ୟରେ ହୋଇଥିଲା । ଯେଉଁଥିରେ କୁମ୍ଭିଲ ୨-୦ ଗୋଲରେ ବିଜୟ ଲାଭ କରିଥିବା ବେଳେ ଦ୍ୱିତୀୟ ଦିବସର ଖେଳ କେରଙ୍ଗ ଏବଂ ଭାଲିଆବାଡି ମଧ୍ୟରେ ହୋଇଥିଲା । ଯେଉଁଥିରେ ଭାଲିଆବାଡି ୩-୧ ଟ୍ରାଇବେକର ମାଧ୍ୟମରେ ବିଜୟ ଲାଭ କରିଛି ।

୨୧ ତାରିଖ ତୃତୀୟ ଦିବସର ଖେଳ ଏ.ଜେ କ୍ଲବ ପାଇକତିଗିରିଆ ଏବଂ ମା ମଙ୍ଗଳା କ୍ଲବ ବାଜପୁର ମଧ୍ୟରେ ହୋଇଥିଲା । ଏଥିରେ ଏ.ଜେ କ୍ଲବ ପାଇକତିଗିରିଆ ୪-୧ ଗୋଲ ବ୍ୟବଧାନରେ ବିଜୟ ହୋଇଛି । ୨୨ ତାରିଖ ଦିନ କାଠଖୁଣ୍ଟିଆ ସହ ଗଡମାଣତ୍ରି ଖେଳ ହେବ ବୋଲି ଟୁର୍ଣ୍ଣାମେଣ୍ଟ କମିଟି ତରଫରୁ ସୂଚନା ଦିଆଯାଇଛି । ଏହି ମ୍ୟାଚକୁ ପରିଚାଳନା କରିଥିଲେ ଗିରିଶ ଚନ୍ଦ୍ର ଜାନି । ତାଙ୍କ ସହ ଲାଇନରେ ସାହାଯ୍ୟ କରିଥିଲେ ସଗିର ଅହମଦ ଏବଂ ପ୍ରଫୁଲ୍ଲ କୁମାର ବେହେରା । ଚତୁର୍ଥ ରେଫେରି ଭାବେ ଅମଜାଦ ଖାଁ ଦାୟିତ୍ୱ ତୁଲାଇଥିଲେ । ଏହି ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଓଡିଶା ଦଳର ପୂର୍ବତନ ଖେଳାଳି ଡାନିୟଲ ନାଏକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କେରଙ୍ଗ ଅହମଦୀୟା କ୍ଲବର ପୂର୍ବତନ ଖେଳାଳି ହେଦାୟତ ଖାଁ ଏବଂ ସୁକଦେବ ନାଏକ ଯୋଗଦେଇଥିଲେ ।

## ଆଶିଷ ସ୍ମାରକୀ ଫୁଟବଲ୍ ମୁରଶୁଣ୍ଠୀ ଚାମ୍ପିଅନ

ଆଠମଲ୍ଲିକ,୨୧।୧(ନିପ୍ର): ଆଠମଲ୍ଲିକ ସହର ସ୍ଥିତ ମାଣିକପଥର ଖେଳ ପଡ଼ିଆ ରେ ମା ମନକେୟୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଆଶିଷ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଏହି ଫାଇନାଲ ମ୍ୟାଚ ମୁରଶୁ୍ଣ୍ଠୀ ଓ ରେଢ଼ାଖୋଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମୁରଶୁଣ୍ଠୀ ୪୦ ଗୋଲରେ ରେଢ଼ାଖୋଲ କୁ ହରାଇ ଚମ୍ପିୟାନ ହୋଇଥିବା ବେଳେ ରେଢ଼ାଖୋଲ ରନର୍ସ ଅପ ହୋଇଛି । ଏଥିରେ ମୁଖ୍ୟ ରେଫରୀ ଭାବେ ସୁଶୀଲ ବେହେରା, ଲାଇନ୍ସ ମ୍ୟାନ ଭାବେ ପପୁନ ବେହେରା ଖେଳକୁ ପରିଚାଳନା କରିଥିଲେ । ଉଦଯାପନୀ ଦିବସ ଅବସରରେ ଅତିଥି ଭାବରେ ମନୋରଞ୍ଜନ ପାଢ଼ୀ, ଧର୍ମରାଜ ସାହୁ, ସତ୍ୟ ନାରାୟଣ ମାଝୀ ଯୋଗ ଦେଇ ଉଭୟ ଦଳର ଖେଳାଳିମାନଙ୍କ ସହ କର ମର୍ଦ୍ଦନ କରିବା ସହିତ ଉତ୍ସାହିତ କରିଥିଲେ । ରେଢ଼ାଖୋଲଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

# ଆଜିଠୁ କିଟରେ ଓଡ଼ିଶା-ତାମିଲନାଡୁ ରଣଜୀ ଲଢ଼େଇ



ଭୁବନେଶ୍ୱର,୨୧।୧(ସବ୍ୟୁ): ଗୁରୁବାର ଠାରୁ ରଣଜୀ ଟ୍ରଫିର ଷଷ୍ଠ ରାଉଣ୍ଡ ମୁକାବିଲା ଆରମ୍ଭ ହେବାକୁଯାଉଛି । ପାଖାପାଖି ୨ ମାସର ବ୍ୟବଧାନ ପରେ ଓଡ଼ିଶା ଦଳ କିଟ୍ ଷ୍ଟାଡିୟମରେ ତାମିଲନାଡୁକୁ ଭେଟିବ । ଏଲିଟ୍ ଗ୍ରୁପ ଏ'ରେ ଓଡ଼ିଶା ସମ୍ପ୍ରତି ୭ ପଏଣ୍ଟ ପାଇ ଷଷ୍ଠ ସ୍ଥାନରେ ଥିବା ବେଳେ ତାମିଲନାଡୁ ୫ ପଏଣ୍ଟ ସହ ସପ୍ତମ ସ୍ଥାନରେ ରହିଛି । ଉଭୟ ନକଆଉଟ୍ ପର୍ଯ୍ୟାୟରୁ ବାଦ ପଡିସାରିଥିବାରୁ ଅବଶିଷ୍ଟ ଦୁଇଟିଯାକ ମ୍ୟାଚରେ ଭଲ ପ୍ରଦର୍ଶନ ଦେଖାଇ ସମ୍ମାନର ସହ ଅଭିଯାନ ଶେଷ କରିବା ଆଶାରେ ରହିବେ ।

ଶେଷ ମ୍ୟାଚରେ ଓଡ଼ିଶା କିଟରେ ନାଗାଲାଣ୍ଡକୁ ୨୯୯ ରନ ବ୍ୟବଧାନରେ ହରାଇଥିଲା । ତେଣୁ ପୁଣିଥରେ ଏଠାରେ ବିଜୟସ୍ୱାଦ ଚାଖିବା ଲକ୍ଷ୍ୟରେ ରହିଛି ଓଡ଼ିଶା । ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ମୁକାବିଲାରେ ଦୁଇଟିଯାକ ଦଳ ନିଜ ନିଜର ଶ୍ରେଷ୍ଠ ଦେବାକୁ ଚେଷ୍ଟା କରିବେ । ୨୦୦୦ ମସିହା ପରଠାରୁ ଉଭୟ ଦଳ ୪ଥର ମୁହାଁମୁହିଁ ହୋଇଥିଲେ । ସବୁ ମ୍ୟାଚ ଡ୍ର' ରହିଛି । ତେଣୁ ପଞ୍ଚମ ମୁକାବିଲାରେ ଉଭୟ ଦଳ ଫଳାଫଳ ଆଶାରେ ରହିଛି ।

ଗତ ୫ଟି ମ୍ୟାଚରେ ଓଡ଼ିଶା ଐତିହାସିକ ବାରବାଟୀରେ ବରୋଦାଠାରୁ ୭ ୱିକେଟରେ ହାରିଥିଲା । ଦ୍ୱିତୀୟ ମ୍ୟାଚ କାନପୁରରେ ୟୁପି ବିପକ୍ଷରେ ଖେଳି ଡ୍ର' ରଖିଥିଲା । ଏହାପରେ ଆନ୍ଧ୍ର ଓ ବିଦର୍ଭ ବିପକ୍ଷରେ କଟକ ଓ ନାଗପୁରରେ ଖେଳି ଲଗାତାର ପରାଜୟ ବରଣ କରିଥିଲା । ପଞ୍ଚମ ମୁକାବିଲାରେ ଅଭିଜ୍ଞ ବିପ୍ଳବ ସାମନ୍ତରାୟଙ୍କୁ ଫେରାଇ ଆଣିବା ଦଳ ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଥିଲା । ଘରୋଇ ପରିବେଶରେ ରାଜ୍ୟ ଦଳ ପ୍ରଥମ ବିଜୟ କିଟରେ ହାସଲ କରିଥିଲା । ତାମିଲନାଡୁ ତାର ଗତ ୫ଟି ମୁକାବିଲାରେ ଦୁଇଟି ମ୍ୟାଚ ହାରିଛି । ୩ଟି ଡ୍ର' ରଖିଛି । ଏଣୁ ତାମିଲନାଡୁ ପ୍ରଥମ ବିଜୟଲକ୍ଷ୍ୟରେ ରହିଛି । ଓଡ଼ିଶା ବିପକ୍ଷରେ ଏହି ପ୍ରତିକ୍ଷୀତ ବିଜୟହାସଲ କରିବାକୁ ତାଙ୍କ ଦଳ ଚେଷ୍ଟା କରିବ ବୋଲି ଅଧିନାୟକ ଏନ ଜଗଦିଶାନ କହିଛନ୍ତି । ସେହିଭଳି ଘରୋଇ ପରିବେଶରେ ଆଉ ଏକ ବିଜୟ ହାସଲ କରିବାକୁ ଅଧିନାୟକ ଶୁଭାଂଶୁ ସେନାପତି ଲକ୍ଷ୍ୟ ରଖିଛନ୍ତି ।

**ସମ୍ଭାବ୍ୟ ଓଡ଼ିଶା ଦଳ:** ଗୌରବ ଚୌଧୁରୀ, ସ୍ୱସ୍ତିକ ସାମଲ, ଶୁଭାଂଶୁ ସେନାପତି, ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ, ଅନୀଲ ପରିଡା, ସମ୍ବିତ ବରାଳ, ସାୱନ ପାହାଡିଆ, ରାଜେଶ ମହାନ୍ତି, ସୁନୀଲ କୁମାର ରାଓଲ, ବାଦଲ ବିଶ୍ୱାଳ ।

**ସମ୍ଭାବ୍ୟ ତାମିଲନାଡୁ ଦଳ:** ବାଳଶୁବ୍ରମଣ୍ୟମ ସଚିନ, ଏନ ଜଗଦିଶାନ, ପ୍ରଦ୍ୟୋଷ ରଞ୍ଜନ ପାଲ, ବାବା ଇନ୍ଦ୍ରଜିତ, ପି.ବିଦ୍ୟୁତ, ସି ଆନ୍ଦ୍ରେ ସିଦ୍ଧାର୍ଥ, ଗୁରୁସ୍ୱାମୀ ଅବିତେଶ, ସୋନୁ ଯାଦବ, ସାଇ କିଶୋର ଶ୍ରବଣ କୁମାର, ସନ୍ଦୀପ ୱାରିୟର ।

ସମୟ
ସମୟ LIVE
Check out this amazing Odia News app
Andriod
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି